

ସୁଶ୍ରୀ ଓଡ଼ିଶା ଅଧିନାୟିକା
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-94 ◆SATURDAY ◆27 SEPTEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୯୪ ◆ଶନିବାର ◆୨୭ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଆଜି ଝାରସୁଗୁଡ଼ା ଆସୁଛନ୍ତି ପ୍ରଧାନମନ୍ତ୍ରୀ



### ବିଏସ୍ଏନ୍ଏଲ୍ ୪ଜି ସେବାର କରିବେ ଉଦ୍‌ଘାଟନ

■ ଭୁବନେଶ୍ୱର, ୨୬।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା କାଲି (ଶନିବାର) ଝାରସୁଗୁଡ଼ା ଗସ୍ତରେ ଆସୁଛନ୍ତି। ଏହି କାର୍ଯ୍ୟକ୍ରମରେ ସେ ବିଭିନ୍ନ ପ୍ରକଳ୍ପ ସହ ସାରା ଦେଶ ପାଇଁ ବିଏସ୍ଏନ୍ଏଲ୍ ୪ଜି ସେବା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରାୟ ୧ ଲକ୍ଷ ସ୍ଥାନରେ ୪ଜି ସେବା ସି-ଡଟ୍ କୋର୍, ତେଜସ୍ ନେଟୱର୍କ ଏବଂ ଟିସିଏସ୍ ଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହୋଇଛି।

ବିଏସଏନଏଲ୍ ୪ଜି ନେଟୱର୍କର ଦେଶବ୍ୟାପୀ ଶୁଭାରମ୍ଭ ସମ୍ପୂର୍ଣ୍ଣ "ଆତ୍ମନିର୍ଭର' ୪ଜି ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ଏବଂ ଏହି ସଫ୍ଟୱେର୍‌ରେ ୫ଜିକୁ ସହଜରେ ଅପଗ୍ରେଡ କରାଯାଇପାରିବାର ବ୍ୟବସ୍ଥା ରହିଛି। ଏହା କେବଳ ବିଏସ୍ଏନ୍ଏଲ୍‌ର ପୁରୁଣା ଗ୍ରାହକମାନଙ୍କୁ ନୁହେଁ ବରଂ ଡିଜିଟାଲ୍ ଦୁନିଆ ସହିତ କେବେ ସଂଯୋଗ ହୋଇନଥିବା ଲକ୍ଷାଧିକ ଗ୍ରାହକଙ୍କୁ ସାରା ଦେଶରେ ଦ୍ରୁତ ଗତି ସମ୍ପନ୍ନ ମୋବାଇଲ୍ ଇଣ୍ଟରନେଟ୍ ସୁବିଧା ପ୍ରଦାନ କରିବ। ଡିବିଏନ୍ (ଡିଜିଟାଲ୍ ଭାରତ ନିଧି, ଯାହା ପୂର୍ବରୁ ୟୁଏସଓଏଫ୍ ଥିଲା) ମୋବାଇଲ୍ ପ୍ରୋଜେକ୍ଟରେ ବିଏସଏନଏଲ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ୧୪୧୮୦ ଡିବିଏନ୍ ପାଣ୍ଠି ବିଶିଷ୍ଟ ୪ଜି ସାଇଟ୍, ଅନ୍ୟ ଟିଏସପି ମାଧ୍ୟମରେ ୪୭୨୩ ସାଇଟ୍ ଅନ୍ତର୍ଭୁକ୍ତ। ଏହା ଭାରତର ୨୬୭୦୭ ଦୂରଦୂରାନ୍ତ ଗ୍ରାମରେ ପ୍ରାୟ ୨ ମିଲିୟନ୍ ପରିବାରକୁ ମୋବାଇଲ୍ ସେବା ସୁବିଧା ପ୍ରଦାନ କରିବ।

ଓଡ଼ିଶାରେ ବିଏସଏନଏଲ୍ ୨୪୭୨ ଟି ଅପହଞ୍ଚ ଦୂରଦୂରାନ୍ତ ଗ୍ରାମକୁ ସେବା ପ୍ରଦାନ କରିବା ପାଇଁ ୧୬୬୫ ଟି ଟାୱାର ନିର୍ମାଣ କରିସାରିଛି। ଦୃଢ ଆତ୍ମନିର୍ଭରଶୀଳତା ପାଇଁ ସମସ୍ତ ଟାୱାରଗୁଡ଼ିକୁ ସବୁଜ ନବୀକରଣୀୟ ସୌରଶକ୍ତି ପ୍ରଣାଳୀରେ ସଜ୍ଜିତ କରାଯାଉଛି। ସ୍ୱଦେଶୀ ୪ଜି ▶ପୃଷ୍ଠା-୭

# ଅବପାତ ରୂପ ନେଲା ଲଘୁଚାପ

## ଆଜି ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା

■ ଭୁବନେଶ୍ୱର, ୨୬।୯ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ ଶୁକ୍ରବାର ବର୍ଷାର ପ୍ରଭାବ ଅଧିକ ରହିଥିବା ବେଳେ ମୟୂରଭଞ୍ଜଠାରୁ ଗଞ୍ଜାମ ପର୍ଯ୍ୟନ୍ତ ବର୍ଷା ଅନୁଭୂତ ହୋଇଛି। ଏହି ଅବପାତ ଶନିବାର ସକାଳ ସୁଦ୍ଧା ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ର ମୁହାଁ ହୋଇ ସେଠାରେ ସ୍ଥଳଭାଗ ଅତିକ୍ରମ କରିବ। ତେଣୁ ଶନିବାର ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ ଆକଳନ କରାଯାଇଛି। ଶନିବାର ନବରଙ୍ଗପୁର ଜିଲ୍ଲା ପାଇଁ ସବୁଠୁ ଅଧିକ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କଳାହାଣ୍ଡି, ନୂଆପଡ଼ାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

ଅନ୍ୟପଟେ ଶୁକ୍ରବାର ଦିନ ତମାମ ମହାନଦୀରେ ପ୍ରାୟ ୬ ଲକ୍ଷ କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହୋଇଛି। ମହାନଦୀର ଉପରମୁଣ୍ଡରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଏହି ସ୍ଥିତି ସୃଷ୍ଟି ହୋଇଛି। ଯେହେତୁ ଉପରମୁଣ୍ଡରେ ଅଧିକ ବର୍ଷା ହୋଇଛି ଓ ମହାନଦୀକୁ ପାଣି ପଶୁଛି, ତେଣୁ ହୀରାକୁଦରେ ଏବେ ବି ୨୦ ଟି ଗେଟ୍ ଖୋଲାଯାଇ ୩ ଲକ୍ଷ ୫୮ ହଜାର କ୍ୟୁସେକ୍ ▶ପୃଷ୍ଠା-୭

**୨ରେ ଆଉ ଏକ ଲଘୁଚାପ**

## ବର୍ଷା, ବନ୍ୟା ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



### ୧୭ ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ

■ ଭୁବନେଶ୍ୱର, ୨୬।୯ (ସମିସ): ଲଘୁଚାପ ଜନିତ ବର୍ଷା ଯୋଗୁଁ ପ୍ରଭାବିତ ହେବାକୁ ଥିବା ୧୭ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜିଲ୍ଲାପାଳଙ୍କ ସହ ଆଲୋଚନା କରି ବର୍ଷା ଓ ସମ୍ଭାବ୍ୟ ବନ୍ୟା ସ୍ଥିତି ମୁକାବିଲ ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୃଷ୍ଟ ଲଘୁଚାପ ପ୍ରଭାବରେ ୩ଟି ଜିଲ୍ଲା ଯଥା କୋରାପୁଟ, ମାଲକାନଗିରି ଏବଂ କଳାହାଣ୍ଡି ବିଶେଷ ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ପାଣିପାଗ କେନ୍ଦ୍ର କହିଛି। ଏହାସହ ୧୪ ଜିଲ୍ଲା ଯଥା ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗିର, ରାୟଗଡ଼ା, ଗଜପତି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ପୁରୀ, ▶ପୃଷ୍ଠା-୭

## ମୁଣ୍ଡଳୀରେ ପହଞ୍ଚିଲା ମହାନଦୀ ବନ୍ୟାଜଳ

■ ତ୍ରିଶୂଳିଆ, ୨୬।୯ (ସମିସ): ହୀରାକୁଦରୁ ଗେଟ୍ ଖୋଲିବା ପରେ ଶୁକ୍ରବାର ଦିନ ମୁଣ୍ଡଳୀରେ ମହାନଦୀର ବନ୍ୟାଜଳ ପହଞ୍ଚିଛି। ଆଜି ସକାଳ ୬ଟା ସୁଦ୍ଧା ମୁଣ୍ଡଳୀ ଦେଇ ୫ଲକ୍ଷ ୧୨ ହଜାର ୫୮ ହଜାର କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ପୂର୍ବାହ୍ନ ୧୧ଟା ବେଳକୁ ଧୀରେଧୀରେ ଜଳସ୍ତର ବୃଦ୍ଧି ପାଇଥିଲା। ଦିନ ୧ଟା ବେଳକୁ ୫ଲକ୍ଷ ୭୮ ହଜାର ୧୮୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିଲା। ମୁଣ୍ଡଳୀର ଉପର ମୁଣ୍ଡରେ ୮୮.୭୦ ଫୁଟ୍ ଏବଂ ତଳ ମୁଣ୍ଡରେ ୮୬.୬୦ ଫୁଟ ଜଳସ୍ତର ରହିଛି। ଧୀରେଧୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ତଳିଆ ଅଞ୍ଚଳ କାଠଯୋଡ଼ି, କୁଆଖାଇ, ଦୟା ଆଦି ଅନେକ ନଦୀକୂଳିଆ ଅଞ୍ଚଳରେ ▶ପୃଷ୍ଠା-୭

### ପୁଣି ଭାରତକୁ ଟ୍ରମ୍ପ ଝଟ୍‌କା

## ବ୍ରାଣ୍ଡେଡ୍ ଔଷଧ ଉପରେ ୧୦୦ ପ୍ରତିଶତ ଟାରିଫ୍

**କିଚେନ୍ କ୍ୟାବିନେଟ୍‌ରେ ୫୦%, ଫର୍ଣ୍ଣିଚରରେ ୩୦%, ଭାରୀ ଟ୍ରକ୍ ଉପରେ ୩୦%**

**ଅକ୍ଟୋବର ପହିଲାରୁ ଲାଗୁ**



■ ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରକୁ ଆଉ ଏକ ଶୁଳ୍କ ବୋମା ଛାଡିଛନ୍ତି। ଏଥର, ଟ୍ରମ୍ପ ଔଷଧ, ଫର୍ଣ୍ଣିଚର ଏବଂ ରୋଷେଇ କ୍ୟାବିନେଟ୍ ଉତ୍ପାଦ ଉପରେ ଭାରୀ ଟାରିଫ୍ ଘୋଷଣା କରିଛନ୍ତି। ଫର୍ଣ୍ଣିଚର, ଔଷଧ ସାମଗ୍ରୀ, ରୋଷେଇ କ୍ୟାବିନେଟ୍ ଏବଂ ବିଦେଶରୁ ଆମଦାନି ହେଉଥିବା ଭାରୀ ଟ୍ରକ୍ ଉପରେ ସେ ଏହି ଶୁଳ୍କ ଲଗାଇଛନ୍ତି। ସେ ଭାରତରୁ ଆସୁଥିବା ବ୍ରାଣ୍ଡେଡ୍ ଔଷଧ ସାମଗ୍ରୀ ଉପରେ ଶତ ପ୍ରତିଶତ ଟାରିଫ୍ ▶ପୃଷ୍ଠା-୭

## ପ୍ରିୟାଂଶୁ ପାଲ୍ ଓସିଏସ୍ ଟପର୍



### ୩୯୮ କୃତୀ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୧୪୪ ଝିଅ

■ ଭୁବନେଶ୍ୱର/କଟକ, ୨୬।୯ (ସମିସ): ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ୨୦୨୩ ପରୀକ୍ଷା ଫଳ ପ୍ରକାଶ ପାଇଛି। ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ମୋଟ୍ ୩୯୮ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଚଳିତଥର ଝିଅଙ୍କ ତୁଳନାରେ ପୁଅମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ୯ ଜଣ ପୁଅ ଥିବା ବେଳେ ଅନୁଗୋଳର ପ୍ରିୟାଂଶୁ ପାଲ ଟପର୍ ହୋଇଛନ୍ତି। ଶ୍ରେଷ୍ଠ ୧୦ରେ ଏକମାତ୍ର ମହିଳା ପ୍ରାର୍ଥୀ ଭାବେ ଅନନ୍ୟା ମିଶ୍ର ▶ପୃଷ୍ଠା-୭







## ଚାଷୀଙ୍କ ସରୁନି ଦୁଃଖ

# ମୁଣ୍ଡବିନ୍ଧା ବଢ଼ାଇଲେଣି କାଣ୍ଡବିନ୍ଧା ପୋକ

**ବିପଦରେ ହଜାର ହଜାର ହେକ୍ଟର ଧାନ ଚାଷ**

**ପୋକଙ୍କୁ ବଳ ଯୋଗାଉଛି ଲଘୁଚାପ ବର୍ଷା ପାଗ**



ଭୁବନେଶ୍ୱର,୨୬।୯(ସମିସ): ଚଳିତ ବର୍ଷ ଖରିଫ୍ ଚାଷ ଆରମ୍ଭରୁ ଚାଷୀ ବିଭିନ୍ନ ଅସୁବିଧା ଦେଇ ଗତି କରୁଛି। ପ୍ରଥମେ ଧାନ ବିକ୍ରି ନେଇ ପଞ୍ଜୀକରଣରେ ସମସ୍ୟା ଭୋଗିଲେ। ପରବର୍ତ୍ତୀ ସମୟରେ ସାର ଅଭାବ ଚାଷୀଙ୍କ ନିଦ ହଜାଇ ଦେଇଛି। ଏବେ ଧାନ ଗଛରେ ପତ୍ରପୋଡ଼ା, ପତ୍ରମରା ଓ କାଣ୍ଡବିନ୍ଧା ରୋଗ ଚାଷୀଙ୍କ ମୁଣ୍ଡବିନ୍ଧା ବଢ଼ାଇ ଦେଇଛି। ଧାନ ଫସଲରେ କାଣ୍ଡବିନ୍ଧା ପୋକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଚଳିତ ବର୍ଷ ଚାଷୋପଯୋଗୀ ବର୍ଷା ଓ ଅନ୍ୟାନ୍ୟ କାରଣ ଯୋଗୁଁ ଚାଷ କାର୍ଯ୍ୟ ଆଗେଇ ପାରିଥିବାରୁ ଭଲ ଅମଳ ଆଶା କରାଯାଉଛି। ମାତ୍ର ସପ୍ତାହ ହେବ ଧାନ ଗଛରେ କାଣ୍ଡବିନ୍ଧା ପୋକଙ୍କ ପ୍ରାଦୁର୍ଭାବ ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଶହ ଶହ ହେକ୍ଟର ଚାଷ ଜମିରେ ଧାନ ଚାଷ ନଷ୍ଟ ହୋଇଯିବାକୁ ବସିଲାଣି। ଏହାର ନିରାକରଣ ଦିଗରେ କୃଷି ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉନି। ଚାଷୀ ଧାନ ଗଛରେ ରୋଗପୋକ ଦମନ ପାଇଁ ବଜାରରୁ ଅତି ଚଢ଼ା ଦରରେ କୀଟନାଶକ ଔଷଧ କିଣି ଖର୍ଚ୍ଚାନ୍ତ ହେବାକୁ ବାଧ୍ୟ ହେଉଛି। ଏହାସତ୍ତ୍ୱେ ବି କୀଟ ବଂଶ ନାଶ ନ ହେବା ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

ଅନୁକୂଳ ପାଗ ସ୍ଥିତି ଯୋଗୁଁ ଚଳିତ ବର୍ଷ ଧାନ ଚାଷ ସୁରୁଖୁରୁରେ ଆରମ୍ଭ ହୋଇଥିଲା। ଏବେ ଧାନ ଗଛରେ ଭଲ ପିଲ ମାରିଥିଲେ ହେଁ କାଣ୍ଡବିନ୍ଧା ପୋକଙ୍କ ଯୋଗୁଁ ଗଛ ମରିଯାଉଛି। ରୋଗପୋକ ଦମନ ପାଇଁ କୀଟନାଶକ ଔଷଧ ସିଞ୍ଚନ କରୁଥିଲେ ମଧ୍ୟ ରୋଗ ପୋକ ଦମନ ହୋଇପାରୁ ନ ଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି। ଉପକୂଳ ଓଡ଼ିଶାରେ ପ୍ରାୟ ଏକ ସପ୍ତାହ ଧରି କ୍ରମାଗତ ଲଗାଣ ବର୍ଷା ସାଙ୍ଗକୁ କୋହଲା ପାଗ ଲାଗିରହିଛି। ଏଥିଯୋଗୁଁ ଧାନ ବିଲରେ ବିଭିନ୍ନ ରୋଗପୋକ ଦେଖାଦେଇଛି। ବେଉଷଣ ପରେ ବଢୁଥିବା ଧାନ ଗଛକୁ ଏବେ ପାଣି ସହିତ ଖରାର ଆବଶ୍ୟକତା ରହିଛି। ହେଲେ ନିୟମିତ ବର୍ଷା ଯୋଗୁଁ ଚାଷ ଜମିରେ ଏବେ ଜଳ ସଙ୍କଟ ନ ଥିଲେ ହେଁ ନରମ ପାଣିପାଗ ଧାନ ଗଛକୁ ରୋଗ ପୋକ କବଳିତ କରିଛି। ଧାନ ଗଛର କଅଁଳିଆ ପତ୍ର ଏବଂ କାଣ୍ଡରେ ଏବେ କାଣ୍ଡବିନ୍ଧା ପୋକ, ଗୁଣ୍ଡି ପୋକ ଏବଂ ପତ୍ର ଝାଉଁଳା ରୋଗ ଦେଖାଦେଇଛି। ଅନ୍ୟପଟରେ ଲଘୁଚାପଜନିତ ତୁହାକୁ ତୁହା ବର୍ଷା ଲାଗି ରହିଥିବା ଯୋଗୁଁ ଧାନ ଗଛରେ ବିଷ ସିଞ୍ଚନ କଲେ ମଧ୍ୟ ତାହା ବର୍ଷା ପାଣିରେ ଧୋଇଯାଉଛି। ଫଳରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ବିଲରେ ବିଷ ଦେଲେ ମଧ୍ୟ ତାହା କାମ ଦେଉନି। ଏହିଭଳି ପାଗ ଆଉ କିଛିଦିନ ଲାଗି ରହିଲେ, ପରିସ୍ଥିତି ଅସମ୍ଭାଳ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

କୃଷି ବିଶେଷଜ୍ଞଙ୍କ ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, ପୂର୍ବଭଳି ଏବେ ଆଉ ଜମିରେ ଜୈବିକ ଖତ ଦିଆଯାଉନି। ବେଳକୁ ବେଳ ଜମିର ଉର୍ବରତା ହ୍ରାସ ପାଉଛି। ଏଣୁ ଏକାଧିକ କିସମର ସାର ଓ ରସାୟନର ଆବଶ୍ୟକତା ଦେଖାଦେଉଛି। କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଏ ବାବଦରେ ବାରମ୍ବାର ସଚେତନ କରାଇବା ଜରୁରୀ ବୋଲି ସେ କହିଛନ୍ତି।

# ରାଜ୍ୟରେ 'ଏସ୍‌ଆଇଆର୍' ପାଇଁ ତତ୍ପରତା



**ଜିଲ୍ଲା ନିର୍ବାଚନ ଅଧିକାରୀ, ଜିଲ୍ଲାପାଳଙ୍କ ସହ ସିଇଓଙ୍କ ଆଲୋଚନା**

**ବିଏଲ୍ଓଙ୍କୁ ପୂର୍ଣ୍ଣ ସହଯୋଗ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ**

ଭୁବନେଶ୍ୱର,୨୬।୯(ସମିସ): ରାଜ୍ୟରେ ବିଶେଷ ସଘନ ସଂଶୋଧନ (ଏସ୍‌ଆଇଆର୍), ୨୦୨୬କୁ ନେଇ ତତ୍ପରତା ପ୍ରକାଶ ପାଇଛି। ଖୁବ୍‌ଶୀଘ୍ର ରାଜ୍ୟରେ ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆରଏସ ଗୋପାଳନଙ୍କ ରାଜ୍ୟର ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ସହିତ ଆଭାସୀ ମାଧ୍ୟମରେ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନର ବର୍ତ୍ତମାନର ସ୍ଥିତି ଏବଂ ବିଶେଷ ସଘନ ସଂଶୋଧନର ସୁଗମ ପରିଚାଳନା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଛି।

ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ ସମସ୍ତ ସ୍ତରରେ ନିର୍ବାଚନ ଆୟୋଗ ଦ୍ୱାରା ନିୟମିତ ଭାବରେ ଦିଆଯାଉଥିବା ନିର୍ଦ୍ଦେଶନାମାର ସମୟୋଚିତ ଅନୁପାଳନ ଏବଂ ଅନ୍ୟାନ୍ୟ ପ୍ରସ୍ତୁତିର କ୍ରିୟାଶୀଳତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ନିର୍ବାଚନ ଅଧିକାରୀ ମାନଙ୍କୁ ଅଧିକ କ୍ରିୟାଶୀଳ ହେବାକୁ କହିଛନ୍ତି। ଏହାସହିତ ଏହି ସଂଶୋଧନ ପ୍ରକ୍ରିୟା ଚାଲୁଥିବା ଓ ଅନ୍ୟାନ୍ୟ ସମୟରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ)ଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ମୁଖ୍ୟତଃ ୨୦୦୨ ଏବଂ ୨୦୨୫ ନିର୍ବାଚନ ତାଲିକା ମଧ୍ୟରେ ତୁଳନାତ୍ମକ ସ୍ଥିତି ଏବଂ ସାରାଂଶ ରିପୋର୍ଟ ଦାଖଲ କରାଯିବା ଉପରେ ଆଲୋଚନା ହୋଇଥିବା ବେଳେ ଏସ୍‌ଆଇଆର୍ ସୂଚୀ ଘୋଷଣା ପରେ ତୁରନ୍ତ ପରିଗଣନା ଫର୍ମ ମୁଦ୍ରଣ ଏବଂ ସେଗୁଡ଼ିକର ବୁଥ୍ ସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ବଣ୍ଟନ ପାଇଁ ଯୋଜନା ପ୍ରସ୍ତୁତ କରିବା ଉପରେ ମଧ୍ୟ ଆଲୋଚନା ହୋଇଛି।

ଏହାସହିତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳମାନଙ୍କ ଦ୍ୱାରା ନିର୍ବାଚନ କାର୍ଯ୍ୟକଳାପ ସହ ଜଡ଼ିତ ଖାଲି ପଦବୀ ପୂରଣ କରିବା ଓ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏ ସମ୍ପର୍କିତ ଆବଶ୍ୟକୀୟ ସାମଗ୍ରୀର ପରିବହନ ଏବଂ ମାନବସମ୍ବଳ ସହାୟତାରେ ସ୍ଥିରୀକୃତ ସ୍ଥାନରେ ପରିଗଣନା ଫର୍ମ ଅପ୍‌ଲୋଡ୍ କରିବା ପାଇଁ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ସହଯୋଗ ଉପରେ ମଧ୍ୟ ଆଲୋଚନା ହୋଇଛି।

## ଅକ୍ଟୋବର ୧୩ରେ ଦିଲ୍ଲୀ ମହାନଦୀ ସଂସଦ

# ଯୋଗଦେବେ ଓଡ଼ିଶା, ଛତିଶଗଡ଼ ଓ ଜାତୀୟ ନଦୀ ଅଧିକାର କର୍ମୀ

**ବିବାଦର ଆପୋସ ସମାଧାନ ସଂକ୍ରାନ୍ତରେ ହେବ ଆଲୋଚନା**

**ଆଡ୍‌ଭୋକେଟ ଜେନେରାଲଙ୍କ ମନ୍ତବ୍ୟକୁ ନାପସନ୍ଦ**

ଭୁବନେଶ୍ୱର,୨୬।୯(ସମିସ): ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦିଲ୍ଲୀର ସମ୍ବିଧାନ କ୍ଲବରେ ଆସନ୍ତା ଅକ୍ଟୋବର ୧୩ ରେ ମହାନଦୀ ସଂସଦ ବସିବ। ଏଥିରେ ଓଡ଼ିଶା, ଛତିଶଗଡ଼ରୁ ପ୍ରତିନିଧି ମାନଙ୍କ ସହିତ ଦେଶର ବିଭିନ୍ନ ନଦୀର ସୁରକ୍ଷା ନେଇ କାର୍ଯ୍ୟରତ ନେତୃତ୍ୱ ତଥା ନଦୀ ବେଶଷଜ୍ଞ ମାନେ ଯୋଗଦେବେ। ଏହାସହିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ନେତା ମାନଙ୍କୁ ମଧ୍ୟ ଯୋଗ ଦେବାକୁ ନିବେଦନ କରାଯିବ ବୋଲି ଏକ ପ୍ରେସ ଇସ୍ତାହାରରେ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି।

ମହାନଦୀ ଜଳ ବିବାଦର ଆପୋଷ ସମାଧାନ ପାଇଁ ସମ୍ପ୍ରତି କେନ୍ଦ୍ର ଓ ଦୁଇ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନ ଏହାକୁ ସ୍ୱାଗତ କରିବା ସହିତ କେବଳ ସରକାରୀ ବାବୁ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ଏହାକୁ ସୀମାବଦ୍ଧ ନ କରି ଏହାର ବେଶିନ୍ ସହିତ ଜଡ଼ିତ ବିଭିନ୍ନ ବର୍ଗ ଓ ଗୋଷ୍ଠୀ, ସାମାଜିକ ସଂଗଠନ, ରାଜନୈତିକ ଦଳ ଓ ବିଶେଷଜ୍ଞ ମାନଙ୍କୁ ମଧ୍ୟ ଯୋଡ଼ିବାକୁ କୁହାଯାଇଛି। ତେଣୁ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ମହାନଦୀ ସଂସଦରେ ଆପୋଷ ସମାଧାନର ବିଭିନ୍ନ ଦିଗ ବିଷୟରେ ଆଲୋଚନା ହେବ ଓ ଏହାର ସୁପାରିଶ ଗୁଡ଼ିକୁ କେନ୍ଦ୍ର ଓ ଉଭୟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଅନ୍ୟପଟେ ଓଡ଼ିଶା ଆଡଭୋକେଟ ଜେନେରାଲ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ "ମହାନଦୀ ଜଳ ବିବାଦ ଏକ କୃତ୍ରିମ ବିବାଦ' ବୋଲି କହିଛନ୍ତି। ଏହି ବକ୍ତବ୍ୟ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ପ୍ରକ୍ରିୟାର ପରିପନ୍ଥୀ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ କହିଛି। ବିବାଦ ଯଦି ନାହିଁ, ଆପୋଷ ସମାଧାନର ଆବଶ୍ୟକତା କଣ ରହିଛି ବୋଲି ଏଠାରେ ପ୍ରଶ୍ନ କରାଯାଇଛି। 'ଜଳ ବିବାଦ ଟ୍ରିବ୍ୟୁନାଲ ହେଉଛି ଓକିଲ ପୋଷିବା ସଂସ୍ଥା' ବୋଲି ମଧ୍ୟ ଆଡଭୋକେଟ ଜେନେରାଲ କହିଛନ୍ତି। ଏକ ସାମ୍ବିଧାନିକ ପଦବୀରେ ରହି ଦେଶର ସମ୍ବିଧାନରେ ଆନ୍ତଃ ରାଜ୍ୟ ନଦୀ ଜଳ ବିବାଦର ସମାଧାନ ପାଇଁ ଏକ ଆଇନ ବ୍ୟବସ୍ଥାକୁ ଏଭଳି ତାଚ୍ଛଲ୍ୟ କରିବା କେତେ ଯୁକ୍ତି ଯୁକ୍ତ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପ୍ରଶ୍ନ ଉଠାଇଛି।

# ନକଲି ବିଦେଶୀ ମଦ କାରଖାନା ଠାବ; ୨ ଅଟକ

ଅନୁଗୋଳ, ୨୬।୯(ସମିସ): ଅନୁଗୋଳ ଥାନା ଶିକ୍ଷକପଡ଼ାରୁ ଶୁକ୍ରବାର ଏକ ନକଲି ବିଦେଶୀ ମଦ କାରଖାନା ଠାବ ହୋଇଛି। ସେଠାରୁ ବିପୁଳ ପରିମାଣର ନକଲି ମଦ ଜବତ କରାଯିବା ସହ ଦୁଇଜଣଙ୍କୁ ଅଟକ ରଖାଯାଇଛି। ଅପରାଧ ନିୟନ୍ତ୍ରଣ ପାଇଁ ଅନୁଗୋଳ ଜିଲ୍ଲାରେ ଅପରେସନ 'ପ୍ରହାର' ଚାଲିଛି। ଏହି ଅପରେସନ ବେଳେ ଅନୁଗୋଳ ସ୍ୱତନ୍ତ୍ର ସ୍କ୍ୱାଡ୍ ଶିକ୍ଷକପଡ଼ାରେ ଏକ ଭଡ଼ାଘରେ ନକଲି ମଦ କାରଖାନା ଚାଲିଥିବା ଖବର ପାଇଥିଲା। ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ଅନୁଗୋଳ ଟାଉନ ଥାନା ପୁଲିସ ସେଠାରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ୪୦୦ ଲିଟରରୁ ଅଧିକ ନକଲି ମଦ, ୧୫ବସ୍ତା ଠିପି, ୨୦ଜାରକିନ ସ୍ପିରିଟ୍, ବିପୁଳ ପରିମାଣର ଲେବଲ୍ ଜବତ କରାଯାଇଛି।

## ୮ ମାସରେ ଏସ୍‌ସିବିରେ ଓପନହାର୍ଟ ସର୍ଜରୀ କରିଥିବା ୨୬ଜଣଙ୍କ ମୃତ୍ୟୁ

# ସମୀକ୍ଷା କରି ସ୍ଥିତି ସୁଧାର: ହାଇକୋର୍ଟ

କଟକ, ୨୬।୯(ସମିସ): ଗତ ୮ମାସ ମଧ୍ୟରେ ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲର କାର୍ଡିଓ ଥେରାସିସ୍ ଭସ୍କୁଲାର ସର୍ଜରୀ ବିଭାଗରେ ରୋଗୀମାନଙ୍କର ହୋଇଥିବା ଓପନ-ହାର୍ଟ ସର୍ଜରୀ କ୍ଷେତ୍ରରେ ୨୬ଜଣଙ୍କ ମୃତ୍ୟୁ ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରୁଛନ୍ତି। କଟକ ସହର ସମସ୍ୟା ଶୁଣାଣି ବେଳେ ଏହି ପ୍ରସଙ୍ଗରେ ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲ ଅଧୀକ୍ଷକଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ତେବେ ମୃତ୍ୟୁ ସମ୍ପର୍କିତ କାରଣ ଦର୍ଶାଯାଇ ନଥିବାରୁ ଏହାକୁ ସମୀକ୍ଷା କରିବା ସହ ସ୍ଥିତି ସୁଧାରିବା ଉପରେ ହାଇକୋର୍ଟ ଗୁରତ୍ୱାରୋପ କରିଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରତି ୩ ଜଣରେ ଜଣେ ରୋଗୀଙ୍କ ମୃତ୍ୟୁ ନେଇ ଅଦାଲତ ପୂର୍ବରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ମେଡିକାଲରେ ଥିବା ମୃତ୍ୟୁ ସମୀକ୍ଷା ବୋର୍ଡ ରିପୋର୍ଟ ଉପସ୍ଥାପନ କରାଯାଇଥିଲେ ହେଁ ମୃତ୍ୟୁର କାରଣ କିଛି ଉଲ୍ଲେଖ କରାଯାଇନଥିବାରୁ ପରବର୍ତ୍ତୀ ଶୁଣାଣି ସମୟରେ ଏ ସମ୍ପର୍କିତ ତଥ୍ୟ ରଖିବାକୁ କହିଛନ୍ତି ଖଣ୍ଡପୀଠ।

୨୦୨୩ ମସିହାରେ ଓପନ ହାର୍ଟ ସର୍ଜରୀ ହୋଇଥିବା ୧୬୫ଜଣଙ୍କ ମଧ୍ୟରୁ ୧୫ଜଣଙ୍କ ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ସେହିଭଳି, ୨୦୨୪ରେ ୧୩୫ଜଣଙ୍କ ମଧ୍ୟରୁ ୨୪ଜଣ ଓ ୨୦୨୫ରେ ମାତ୍ର ୮୫ଜଣଙ୍କ ମଧ୍ୟରୁ ୨୬ଜଣ ରୋଗୀଙ୍କ ଓପନ ହାର୍ଟସର୍ଜରୀ ପରେ ମୃତ୍ୟୁ ଘଟିଥିଲା ବୋଲି ପୂର୍ବ ସତ୍ୟପାଠରେ କୁହାଯାଇଥିଲା। ତେବେ ଏସ୍‌ସିବିରୁ ଓପନହାର୍ଟ ସର୍ଜରୀ କରି ଡିସ୍‌ଚାର୍ଜ ହୋଇଯାଇଥିବା କେତେ ରୋଗୀଙ୍କ ମୃତ୍ୟୁ ହୋଇଛି, ସେ ସମ୍ପର୍କିତ ତଥ୍ୟ ଆଜି ଅଦାଲତରେ ଉପସ୍ଥାପନ କରାଯାଇଥିଲା।

# ହତ୍ୟାକାରୀକୁ ଆଜୀବନ କାରାଦଣ୍ଡାଦେଶ

ସମ୍ବଲପୁର, ୨୬।୯(ସମିସ): ସମ୍ବଲପୁର ପ୍ରଥମ ଅତିରିକ୍ତ ସେସନ୍ସଜଜ୍ ଶିବପ୍ରସାଦ ମିଶ୍ର ଆଜି ୨୦୧୭ମସିହାର ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ଗଗନ ମାଝି(୬୩)କୁ ଆଜୀବନ ଜେଲ୍ ଓ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୧ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ୨୭ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ୨୦୧୭ ଜୁନ୍ ୧୨ରେ ଠେଲକୋଲୋଇ ଥାନା ଅଧୀନ ଡେର୍ବା ନାରୁପଡ଼ା ଗ୍ରାମରେ ଏହି ଆପରାଧିକ କାଣ୍ଡ ଘଟିଥିଲା। ପୂର୍ବ ବିବାଦକୁ କେନ୍ଦ୍ର କରି ଗଗନ ସେହି ଗ୍ରାମର ମହେନ୍ଦ୍ର ମାଝିଙ୍କୁ ହତ୍ୟା କରିଥିଲା। ସଂଧ୍ୟାରେ ମହେନ୍ଦ୍ର ଘର ସାମ୍ନାରେ ଛିଡ଼ା ହୋଇଥିବାବେଳେ ଗଗନ ଏକ ଟାଙ୍ଗିଆରେ ତାଙ୍କ ବେକକୁ ଚୋଟ ପକାଇଥିଲା। ଘଟଣାସ୍ଥଳରେ ହିଁ ମହେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ମହେନ୍ଦ୍ରଙ୍କ ସ୍ତ୍ରୀ ସରୋଜିନୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପୁଲିସ ଅଭିଯୁକ୍ତ ଗଗନକୁ ଗିରଫ କରିଥିଲା।


# ୨୭ରୁ ହାଇକୋର୍ଟର ଶାରଦୀୟ ପୂଜା ଅବକାଶ

କଟକ, ୨୬।୯(ସମିସ): ଆସନ୍ତା ୨୭ ତାରିଖଠାରୁ ଓଡ଼ିଶା ହାଇକୋର୍ଟର ଶାରଦୀୟ ଦୁର୍ଗାପୂଜା ଅବକାଶ ଆରମ୍ଭ ହେଉଛି। ଅକ୍ଟୋବର ୭ତାରିଖ ପର୍ଯ୍ୟନ୍ତ ହାଇକୋର୍ଟ ଛୁଟି ରହିବ। ଜରୁରୀ ମାମଲା ଥିଲେ, ଏହା ଅବକାଶକାଳୀନ ଖଣ୍ଡପୀଠରେ ଶୁଣାଣି ହେବ। ଏହି ସମୟରେ ଆସନ୍ତା ସେପ୍ଟେମ୍ବର ୨୯ ତାରିଖ, ଅକ୍ଟୋବର ୧ ଓ ୬ ତାରିଖ ଦିନ ଅବକାଶକାଳୀନ ଖଣ୍ଡପୀଠ ଜରୁରୀ ମାମଲାର ଶୁଣାଣି କରିବେ। ସେପ୍ଟେମ୍ବର ୨୯ରେ ଜଷ୍ଟିସ ଭି. ନରସିଂହ ଓ ଜଷ୍ଟିସ ଏମ୍.ଏସ୍ ରମଣଙ୍କୁ ନେଇ ଦୁଇଜଣିଆ ଖଣ୍ଡପୀଠ ସହ ଏହି ଦୁଇ ବିଚାରପତିଙ୍କ ଜଣିକିଆ ପୀଠ ଓ ଜଷ୍ଟିସ ଚିତ୍ତରଂଜନ ଦାଶ ମାମଲାର ଶୁଣାଣି କରିବେ।

ସେହିଭଳି ଅକ୍ଟୋବର ୧ରେ ଜଷ୍ଟିସ ଭି. ନରସିଂହ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ସହ ଏମାନଙ୍କ ଜଣିକିଆ ପୀଠ, ଅକ୍ଟୋବର ୬ରେ ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଓ ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କ ଦୁଇଜଣିଆ ଖଣ୍ଡପୀଠ ସହ ଜଣିକିଆ ପୀଠଙ୍କ ଅବକାଶକାଳୀନ ଅଦାଲତରେ ମାମଲା ଶୁଣାଣି କରାଯିବ। ଆସନ୍ତା ଅକ୍ଟୋବର ୮ ରେ ହାଇକୋର୍ଟ ଖୋଲିବ କିନ୍ତୁ ପୂଜା ଅବକାଶ ସମୟରେ ସେପ୍ଟେମ୍ବର ୨୯, ଅକ୍ଟୋବର ୧, ୪, ୬ ଓ ୭ ତାରିଖରେ ହାଇକୋର୍ଟ କାର୍ଯ୍ୟାଳୟ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଖୋଲା ରହିବ। କାର୍ଯ୍ୟଦିବସରେ ଦିନ ୧୧ଟାରୁ ୧୨ଟା ମଧ୍ୟରେ ଜରୁରୀ ଆବେଦନ ଦାଖଲ କରାଯାଇପାରିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

## ଆରମ୍ଭ ହେଲା 'ଆମ ସାଥୀ'

# ହ୍ୱାଟସ୍‌ଆପ୍‌ରେ ମିଳିବ ୧୨୦ ପ୍ରକାର ସେବା



ଭୁବନେଶ୍ୱର,୨୬।୯(ସମିସ): ରାଜ୍ୟରେ ଆରମ୍ଭ ହୋଇଛି "ଆମ ସାଥୀ' ନାମକ ଏକୀକୃତ ହ୍ୱାଟ୍‌ସଆପ୍ ସେବା। ଏହି ହ୍ୱାଟ୍‌ସଆପ୍ ମାଧ୍ୟମରେ ରାଜ୍ୟବାସୀ ୧୨୦ ପ୍ରକାର ନାଗରିକ ସେବା ପାଇପାରିବେ। ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଉପସ୍ଥିତିରେ ଶୁକ୍ରବାର ଏହି ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ବିଶ୍ୱସ୍ତରୀୟ ପ୍ରଯୁକ୍ତି ବିଦ୍ୟା କମ୍ପାନୀ 'ମେଟା' ସହିତ ସହଭାଗିତାରେ ଓଡ଼ିଶା ସରକାର ଏହି ବ୍ୟବସ୍ଥା ଆରମ୍ଭ କରିଥିବା ବେଳେ ଏଭଳି ସେବା ପ୍ରଦାନ କରିବାରେ ଓଡ଼ିଶା ଦେଶର ଦ୍ୱିତୀୟ ରାଜ୍ୟ ହୋଇଛି।

ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଏହା ମାଧ୍ୟମରେ ନାଗରିକମାନେ ଜନ୍ମ ଏବଂ ଆୟ ପ୍ରମାଣପତ୍ର ପାଇବା, ଡ୍ରାଇଭିଙ୍ଗ ଏବଂ ସାର ଲାଇସେନ୍ସ ପାଇଁ ଆବେଦନ ସହିତ "ଜାତୀୟ ପରିବାର କଲ୍ୟାଣ ଯୋଜନା' ପରି ସୁବିଧା , ସବୁକିଛି ଏକୀକୃତ ହ୍ୱାଟ୍‌ସ୍‌ଆପ୍ ନମ୍ବର ମାଧ୍ୟମରେ ପାଇପାରିବେ। ଏହା ସହିତ ଆଜି ଓଡ଼ିଶା ଲୋକ ସେବା ଅଧିକାର ଅଧିନିୟମର କେନ୍ଦ୍ରୀୟ ତଦାରଖ ବ୍ୟବସ୍ଥା ୨.୦(ସିଏମଏସ)କୁ ମଧ୍ୟ ଆରମ୍ଭ କରାଯାଇଛି। "ଆମସାଥୀ' ସହାୟକ ହ୍ୱାଟ୍‌ସଆପ୍ ଚାଟ୍‌ବଟ୍ ନମ୍ବର ୯୪୩୭୨୯୨୦୦୦ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଉପଲବ୍ଧ ହେବ। କଣ୍ଠସ୍ୱର (ଭଏସ୍) ମାଧ୍ୟମରେ ମଧ୍ୟ ଏଥିରେ ସେବା ପ୍ରଦାନ କରାଯାଇପାରିବ। ଏହା ମାଧ୍ୟମରେ ଲୋକମାନେ ସୁବିଧାରେ ଅଭିଯୋଗ ଦାଖଲ କରିବା ସହିତ ତାହାର ସ୍ଥିତି ଅନୁସରଣ କରିପାରିବେ। ଏହି ବ୍ୟବସ୍ଥା ମାଧ୍ୟମରେ ମଧ୍ୟ ଓଡ଼ିଶାର ନାଗରିକମାନେ ପୁଲିସ୍ ସହିତ ସଂଯୁକ୍ତ ସେବା, ଜମିର ରେକର୍ଡ ଏବଂ ରାଜସ୍ୱ ସମ୍ବନ୍ଧୀୟ ସୂଚନା ଯାଞ୍ଚ କରିବା ସହିତ ଆବଶ୍ୟକ ସହାୟତା ସୁବିଧାରେ ଉପଲବ୍ଧ କରିପାରିବେ। ପ୍ରୋତ୍ସାହନ ଯୋଜନାଗୁଡ଼ିକ ଯଥା ଜାତୀୟ ପରିବାର ଲାଭ ଯୋଜନା, ଆନ୍ତଃ-ଜାତି ବିବାହ ସହାୟତା ଇତ୍ୟାଦି ସହାୟତା ସହଜରେ ଉପଲବ୍ଧ ହେବ। ଆଗାମୀ କିଛି ମାସରେ ଏହି ସହାୟତା ୫୦୦ରୁ ଅଧିକ ସେବା ପ୍ରଦାନ ପାଇଁ ଯୋଡ଼ାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ କହିଛନ୍ତି ଯେ ଓଡ଼ିଶା ସରକାର ସାର୍ବଜନୀନ ସେବାକୁ ସହଜ, ସୁନିଶ୍ଚିତ ଭାବେ ପ୍ରଦାନ କରିବାକୁ ପ୍ରତିବଦ୍ଧ। ସୁବିଧାରେ ସେବା ପାଇପାରୁ ନ ଥିବା ପ୍ରତ୍ୟେକ ନାଗରିକକୁ ଏହି ବ୍ୟବସ୍ଥା ସହଜରେ ସେବା ପାଇବାର ଅନୁଭୂତି ଆଣି ଦେବ। ମେଟା ସହ ସହଭାଗିତାରେ "ଆମସାଥୀ'ର ଶୁଭାରମ୍ଭ, ଓଡ଼ିଶା ଶାସନର ପ୍ରକୃତ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ କରିବାରେ ଏକ ପରିବର୍ତ୍ତନଶୀଳ ପଦକ୍ଷେପ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ 'ମେଟା'ର ଭାରତ ପରିଚାଳନା ନିର୍ଦ୍ଦେଶକ ତଥା ଦେଶ ମୁଖ୍ୟ ଅରୁଣ ଶ୍ରୀନିବାସ କହିଲେ ଯେ ମେଟା ସହ ଓଡ଼ିଶା ସରକାରଙ୍କ "ଆମ ସାଥୀ' ଶୁଭାରମ୍ଭରେ ସହଭାଗିତା ହେବା ପାଇଁ ଆମେ ଗର୍ବିତ। ଏହି ବ୍ୟବସ୍ଥା ହ୍ୱାଟ୍‌ସଆପ୍ ଶକ୍ତିକୁ ଉପଯୋଗ କରି ନାଗରିକମାନଙ୍କ ପାଇଁ ସାର୍ବଜନୀନ ସେବାଗୁଡ଼ିକୁ ସହଜ ଓ ସୁଲଭ କରିବ।






ଶ୍ରଦ୍ଧାଞ୍ଜଳି ଜାତୀୟ ଚୟନକର୍ତ୍ତା
▶ପୃଷ୍ଠା ୧୨


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in


# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-94 ◆SATURDAY ◆27 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୯୪ ◆ଶନିବାର ◆୨୭ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





Under the Guidance of
**Subrat Chhatoi**
Founder (Vanik Group)

*Congratulations*

# OCS 2023 SELECTIONS

VANIK-IAS



RANK 3 SOVAN PATTANAIK



RANK 8 MOHAMMAD NAZIF HATIF

2 IN TOP 10

TOTAL SELECTION TILL NOW 159 OUT OF 398

40% Selections

| Rank | Name |
|---|---|
| 12 | SWARUPINI PATNAIK |
| 14 | SNEHA DAS MOHAPATRA |
| 15 | ASHUTOSH SATPATHY |
| 16 | DEEPSITA BEHERA |
| 18 | ASEEMA ANWESHA |
| 25 | AKASH NAYAK |
| 27 | PRASANNAJIT PANDA |
| 30 | GOUTAM PRADHAN |
| 31 | MRUTYUNJAYA ROUL |
| 32 | SOUMYA STHITA PRAGYAN |
| 33 | MANISHA NAYAK |
| 34 | SHASWATEE PATTANAIK |
| 35 | SOURAV MITTAL |
| 37 | SAI RAMAN PATRA |
| 39 | SONALI TRIPATHY |
| 40 | BUBUN SAHOO |
| 41 | JYOTIPRAKASH SAMAL |
| 42 | PUSPITA TRIPATHY |
| 44 | SRIKUMAR PRADHAN |
| 45 | NIPUN KUMAR PUROHIT |
| 47 | BHAGYASHREE SWAIN |
| 48 | MOHIT MOHAPATRA |
| 49 | JYOTIRMAYEE SWAIN |
| 51 | MIHIKA DAS |
| 53 | SIDHANT MISHRA |
| 55 | AHALYA ROUTARAY |
| 61 | SUBHASHREE JENA |
| 68 | TARINI PRASAD DASH |
| 71 | MOHIT BISWAL |
| 72 | MONALISHA ROUT |
| 74 | LIPIKANT SAHOO |
| 82 | DEBABRAT SAHU |
| 85 | ROJALIN JENA |
| 86 | ANSHUMAN SAHU |
| 87 | T. NARASINGHA PATRO |
| 88 | KHARAVEL PRADHAN |
| 90 | PRIYANKA NAYAK |
| 93 | MONALISA SAHU |
| 97 | KUMAR SATYAJEET |
| 99 | TARINI PRASAD GOCHHAYAT |
| 100 | B. AVINASH |
| 104 | AKSHYA KU. PATEL |
| 109 | PRATYUSH KU. MOHAPATRA |
| 113 | RAJESH KU. MOHAPATRA |
| 116 | ASHIS KU. SAHU |
| 118 | BAISAKHI DASH |
| 121 | ANWESH MISHRA |
| 122 | MANAS PARIDA |
| 124 | ARCHANA SARANGI |
| 125 | SWASTIRANJAN SAHOO |
| 131 | PRAGATI SATPATHY |
| 139 | SATYAJIT RAIGURU |
| 141 | BISWAJIT BEHERA |
| 146 | SUDHIRANJAN D. DASH |
| 147 | PUSPANJALI SAHOO |
| 151 | SHASHANKA S. SAMAL |
| 152 | SAHIL KUMAR PATRA |
| 153 | ABHIJIT J. PRADHAN |
| 154 | SOUMYA R. SAHOO |
| 155 | AKASH U. ACHARYA |
| 156 | SAMYAK S. MOHAPATRA |
| 157 | POOJA SAMAL |
| 158 | NIRAKAR SAHU |
| 161 | CHINMAY K. PANDA |
| 166 | SAAJAN KU. SAHA |
| 167 | BISWAJIT RANA |
| 170 | MITALI PATTANAIK |
| 173 | ASHUTOSH SAHU |
| 174 | ARICHISA NAYAK |
| 175 | SONALI SAHOO |
| 180 | BYOMAKESH SATAPATHY |
| 181 | JAGABANDHU MEHER |
| 192 | SARMISTHA PRIYADARSHINI |
| 195 | KALU RAUTA |
| 197 | ABHIGNA KHUNTIA |
| 202 | AISHWARYA PANDA |
| 204 | ASHUTOSH SAHOO |
| 207 | MURALIDHAR PAKAL |
| 209 | RAJENDRA KU. OJHA |
| 212 | NIKHIL AGRAWAL |
| 220 | SARTHAK KU. MAHAPATRA |
| 222 | RAKHI BISWAL |
| 230 | SONALI Y. DALAI |
| 233 | RUPAK KUMAR SAHU |
| 235 | SASWAT SOUMYAKANT |
| 242 | BHABANI S. BEJ |
| 243 | JAGANNATH SHA |
| 244 | SATAROOPA SAHU |
| 245 | SHUBHADARSHAN BISWAL |
| 248 | ROJALIN MAJHI |
| 252 | JATIN KUMAR BADI |
| 254 | HEMRAJ KUMBHAR |
| 259 | SOUMYA R. SETHI |
| 261 | KALYANI GARDIA |
| 266 | CHANDAN DAS |
| 268 | YAGNASENI SETHI |
| 275 | ALIBHA BEHERA |
| 282 | BISHAL MAHANANDA |
| 288 | SUSHRI SANGITA |
| 298 | PRITAM S. P. BEHERA |
| 299 | SIPSARANI BEHERA |
| 303 | ABINASH TRIPATHY |
| 306 | BISWAJIT SINGH |
| 309 | SOURABH BAG |
| 326 | VISHAL DEV JANI |
| 329 | MANASH KUMAR SOREN |
| 335 | SMRUTI SIKHA BHOI |
| 342 | SELINA P. NAIK |
| 346 | BISHAL RANJAN BHOI |
| 352 | PARBATI MARNDI |
| 370 | RASHMI RANJAN PUJARI |
| 373 | MANAS BHOI |
| 374 | SATYANARAYAN BHOI |
| 382 | NIKITA PATRO |
| 391 | JITESH PANDA |

## Admission Open for

# IAS/OAS

(GENERAL STUDIES) Time : 10.30am-1.30pm
Starts from 16th October 2025
EXPERT FACULTIES FROM NEW DELHI

## EXCLUSIVE OAS-2025 (Prelims & Mains)

New Batch Starts from 29th Sept' 2025
- BERHAMPUR-Time : 7.00am-10.00am
- CUTTACK-Time : 9.30am-1.45pm
- BALASORE-Time : 9.30am-1.45pm
- JEYPORE-Time : 5.00pm-8.00pm

**ONLINE LIVE BATCH**
Starts from 16th October 2025 | Time : 5.30pm-8.30pm

## OPTIONAL SUBJECTS

- Geography-Starts from 23rd October 2025
- Public Administration-Starts from 29th September 2025
- Political Science-Starts from 23rd October 2025
- Sociology-Starts from 23rd October 2025
- Home Science-Starts from 23rd October 2025
- Odia-Starts from 27th September 2025

## MENTORS OF VANIK-IAS

- **Sunil Gupta** – Gov. & Social Issues, Public Administration
- **Mansiz Sharma** – General Science & Technology
- **Naman Jain** – Indian Economics
- **Jai Prakash Rou** – Internal Security
- **Pramod Padhi** – Odisha Economy, Current Af fairs
- **Abhaya Thakur** – World & Indian History, International Relations
- **Vinay Tripathi** – Environment & Ecology
- **B.M. Panda** – Geography & Disaster Management
- **Saroj Samal** – Sociology, Social Issue, Ethics
- **Shantanu Roy** – History, Polity

**DURGA PUJA OFFER**
20% Discount on all Courses of VANIK-IAS
Offer Valid till 02nd Oct' 2025

# Contact : 8093083555, 8984111101

www.vanikias.com | vaniksias@gmail.com | www.facebook.com/vanikias

**Bhubaneswar (CRP)**
Plot-1441, Opp. IOCL Petrol Pump, CRP Square, Bhubaneswar
8093083555, 8984111101

**Cuttack**
Near Yamaha Showroom, Link Road, Cuttack
8984556677, 9040656677

**Berhampur**
OSRTC Depo, Infornt of SBR Women's College, Near Khalikot College
7992556677, 8018036677

**Balasore**
Gadagadia Chowk Near Sanjay Heights-756001
8093136677, 8093146677

**Jeypore**
JCN Heights, Above Patra Electronics, Labour Office Chhak, Dhepaguda
7205556677

# ଅପରେସନ୍ ଅଗ୍ନି; ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ





**ରାଉରକେଲା, ୨୬।୯ (ସମିସ)**

ରାଜ୍ୟରେ ବେଆଇନ୍ ଭାବେ ଗଚ୍ଛିତ ଥିବା ବାଣ ବିସ୍ଫୋରଣ ଯୋଗୁଁ ଜୀବନ ହାନି ସହ ଧନ ସମ୍ପତ୍ତି ନଷ୍ଟ ହେଉଥିବା ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ପୁଲିସ ଡିଜିଙ୍କ ନିର୍ଦ୍ଦେଶରେ ଆରମ୍ଭ ହୋଇଛି ଅପରେସନ ଅଗ୍ନି। ରାଉରକେଲାରେ ପ୍ରାୟ ପ୍ରତିଦିନ ବେଆଇନ୍ ଗଚ୍ଛିତ ବାଣ ଜବତ ହେଉଥିବା ବେଳେ ଗତକାଲି ରାତିରେ ରାଜଗାଙ୍ଗପୁର ଏବଂ ସୁନ୍ଦରଗଡ଼ରେ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରାଯାଇଛି। ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ ରାଜଗାଙ୍ଗପୁରର ବଗିଚାପଡ଼ାର ଏକ ବନ୍ଦ କୋଠରର ତାଲା ଭାଙ୍ଗି ସେଠାରେ ଥିବା ଏକ ଗୋଦାମରୁ ୭ଟି କାର୍ଟୁନରେ ଥିବା ପ୍ରାୟ ୧୧୦୦ କେଜି ବେଆଇନ୍ ବାଣ ଜବତ କରିଥିଲେ। ଏହାର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆଇଆଇସି ଶ୍ରୀ ଦାସ କହିଛନ୍ତି। ସେହିପରି ଅପରେସନ ଅଗ୍ନିରେ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ସୁନ୍ଦରଗଡ଼ରେ ମଧ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରାଯାଇଛି। ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବେଆଇନ ବାଣ ବେପାର କରୁଥିବା ଅଭିଯୋଗରେ ସୁନ୍ଦରଗଡ଼ ଟାଉନଥାନା ପୁଲିସ ମେନ୍‌ରୋଡ ଅଞ୍ଚଳରେ ଦୁଇଟି ବାଣ ବ୍ୟବସାୟୀଙ୍କ ଦୋକାନ ଉପରେ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ କରିଥିଲା। ଏହି ଘଟଣାରେ ସୁନାରିପଡ଼ାର ସୁଦୀପ କୁମାର ପାଲ (୬୨) ଏବଂ ବ୍ରାହ୍ମଣୀପଡ଼ାରୁ ବଜରଙ୍ଗ ଅଗ୍ରୱାଲ (୪୦)ଙ୍କୁ ପୁଲିସ ଧରି ନୋଟିସ ଦେଇ ଛାଡିଥିବା ସୂଚନା ମିଳିଛି। ସୁଦୀପ କୁମାର ପାଲଙ୍କ ନିକଟରୁ ୬ଟି ବାଣ ଭର୍ତ୍ତି କାର୍ଟୁନ ଜବତ କରାଯାଇଥିବା ବେଳେ ଏହାର ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର କହିଛନ୍ତି। ସେହିପରି ବଜରଙ୍ଗ ଅଗ୍ରୱାଲ ଠାରୁ ୭ଟି ବାଣ ଭର୍ତ୍ତି କାର୍ଟୁନ ଜବତ କରାଯାଇଥିଲା, ଯାହାର ମୂଲ୍ୟ ୬୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଟାଉନ ପୁଲିସ ୨ଟି ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ନୋଟିସ ଦେଇ ଛାଡି ଦେଇଥିବା ସୂଚନା ମିଳିଛି। ବିନା ଲାଇସେନ୍ସରେ ବାଣ ବେପାର କରୁଥିବା ବ୍ୟବସାୟୀଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ରାଜ୍ୟ ପୁଲିସ ପକ୍ଷରୁ ଅପରେସନ ଅଗ୍ନି ଅଧୀନରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଏସ୍‌ଡିପିଓ ଶ୍ରୀ ମହାପାତ୍ର କହିଛନ୍ତି।

# ଆର୍‌ଏସ୍‌ପି 'ସେଲ୍ ସାବାସ୍' ଯୋଜନାରେ କର୍ମଚାରୀ ପୁରସ୍କୃତ



**ରାଉରକେଲା, ୨୬।୯ (ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ପ୍ରକଳ୍ପ ବିଭାଗରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁରସ୍କାର ସମାରୋହରେ ବିଭାଗର ଅଧିକାରୀଙ୍କ ସମେତ ୧୨ ଜଣ କର୍ମଚାରୀଙ୍କୁ ସେମାନଙ୍କ ଅନୁକରଣୀୟ ଅବଦାନ ପାଇଁ 'ସେଲ୍‌ଫ ସାବାସ୍' ଯୋଜନାରେ ସ୍ୱତନ୍ତ୍ର ପୁରସ୍କାର ବର୍ଗରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍ ପାଲ ଚୌଧୁରୀ ଅଧ୍ୟକ୍ଷତା କରି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରକଳ୍ପ ବିଭାଗର ସିଜିଏମ ଦିଲ୍ଲୀପ କୁମାର ସାହୁ, ସିଜିଏମ ରାହୁଲ ଅଗ୍ରୱାଲ, ପ୍ରକଳ୍ପ-ବାଣିଜ୍ୟିକ ବିଭାଗର ସିଜିଏମ୍ ଅଶ୍ୱିନୀ କୁମାର ସାହୁଙ୍କ ସମେତ ଉକ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ପାଲ ଚୌଧୁରୀ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ପ୍ରତ୍ୟେକ ଛୋଟ ଅଭିନବ ଅବଦାନ କିପରି ଉଚ୍ଚ ଉତ୍ପାଦକତା ହାସଲ, ସୁରକ୍ଷାରେ ଉନ୍ନତି ଏବଂ ସାମଗ୍ରିକ କାର୍ଯ୍ୟକ୍ଷମ ଉତ୍କର୍ଷତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ସେ ସମ୍ପର୍କରେ କହିଥିଲେ। ଉଲ୍ଲେଖନୀୟ ଯେ ଆର୍‌ଏସ୍‌ପି ସହରାଞ୍ଚଳ ପ୍ରକଳ୍ପ ନିମନ୍ତେ ୩୦ ଏମ୍‌ଏଲ୍‌ଡି ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟର ସ୍ଥାପନ ଏବଂ ସିଓବି-୨ ପ୍ରକଳ୍ପର କୋକ୍ ସର୍ଟିଂ ପ୍ଲାଣ୍ଟ (ସିଏସ୍‌ପି), ୧୦୦୦ ଟିପିଡି ବିଶିଷ୍ଟ ଅକ୍ସିଜେନ ପ୍ଲାଣ୍ଟ ପ୍ରକଳ୍ପ ଏବଂ ଏସ୍‌ଏମ୍‌ଏସ୍-୨ରେ କାଷ୍ଟର-୪ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ଆହ୍ୱାନକୁ ହ୍ରାସ କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରକଳ୍ପ ଏବଂ ଆଧୁନିକୀକରଣ ବିଭାଗର ଏଜିଏମ୍ ନିର୍ମଳ ମାହାତୋ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ବଣାଇଁ ପାଇଁ ଗୌରବ ଆଣିଲେ ପ୍ରତ୍ୟୁଷ ଓ ଚିନ୍ମୟ





**ବଣାଇଁ, ୨୬।୯ (ସମିସ):** ବଣାଇଁ ବ୍ଲକ ଅନ୍ତର୍ଗତ ଉପୁର୍ଡ଼ା ଗ୍ରାମର ଅରୂପ ମହାପାତ୍ର ଓ ସବିତା ନନ୍ଦଙ୍କ ସୁପୁତ୍ର ପ୍ରତ୍ୟୁଷ କୁମାର ମହାପାତ୍ର ଶୁକ୍ରବାର ପ୍ରକାଶିତ ଓପିଏସ୍‌ସି ପରୀକ୍ଷାରେ ଓଡ଼ିଶାରେ ୧୦୯ତମ ର୍‌ୟାଙ୍କ ରଖି ବଣାଇଁ ପାଇଁ ଗୌରବ ଆଣିଛନ୍ତି। ପ୍ରତ୍ୟୁଷ ସୁନ୍ଦରଗଡ଼ ନବୋଦୟ ବିଦ୍ୟାଳୟରୁ ଦଶମ ପାସ ପରେ ଦିଲ୍ଲୀରେ ବାଣିଜ୍ୟ ଏବଂ ପୁନେରେ ଅର୍ଥନୀତିରେ ପିଜି କରିବା ପରେ ଓଡ଼ିଶା ସିଭିଲ ସର୍ଭିସ ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ। ଭବିଷ୍ୟତରେ ସେ ଗରିବଙ୍କ ହିତ ପାଇଁ କାର୍ଯ୍ୟ କରିବା ସହ ଜଣେ ସଚ୍ଚୋଟ ବ୍ୟକ୍ତି ଭାବରେ ପରିଚୟ ସୃଷ୍ଟି ପାଇଁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। ଏହି କୃତିତ୍ୱର ଶ୍ରେୟ ସେ ତାଙ୍କ ବାପା, ମା' ପରିବାର ବର୍ଗ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି। ସେହିପରି ବଣାଇଁ ଚର୍ଚ୍ଚ ଛକ ବାସିନ୍ଦା ତଥା ଅବସରପ୍ରାପ୍ତ ଶିକ୍ଷକ ପ୍ରଭାତ କୁମାର ପଣ୍ଡା ଏବଂ ପୁଷ୍ପଲତା ପତିଙ୍କ ସୁପୁତ୍ର ଚିନ୍ମୟ କୃଷ୍ଣ ପଣ୍ଡା ୧୬୧ତମ ସ୍ଥାନରେ ରଖି ଓପିଏସ୍‌ସି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ଖବର ପାଇବା ପରେ ବଣାଇଁରେ ଖୁସିର ଲହରୀ ଖେଳିଯାଇଛି।

# ହକି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ; କୁଟିଣ୍ଡା ଚାମ୍ପିଅନ୍




**ବଣାଇଁ, ୨୬।୯ (ସମିସ):** ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ଜର୍ଡା ରେଞ୍ଜ ମଜୁରଡିମା ବିର୍ସାମୁଣ୍ଡା ଯୁବ ହକି କ୍ଲବ୍ (କହଚୁଆ) ଠାରେ ଚାରି ଦିନ ଧରି ଚାଲିଥିବା ହକି ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିର୍ସାମୁଣ୍ଡା ଯୁବକ ସଂଘ ଓ ଜର୍ଡା ବନବିଭାଗର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୧୮ ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ କୁଟିଣ୍ଡା ଓ ଜ୍ୟୋତି କ୍ଲବ୍ ବୁରଡା ମଧ୍ୟରେ ହୋଇଥିବାବେଳେ ଟ୍ରାଇବେକର ଜରିଆରେ କୁଟିଣ୍ଡା ଦଳ ବିଜୟୀ ହୋଇଥିଲା। ତୃତୀୟରେ ୟୁଏଚଏ ଏବଂ ଚତୁର୍ଥ ସ୍ଥାନରେ କୁଞ୍ଜର ରହିଥିଲା। ମୁଖ୍ୟ ଅତିଥି ଭାବେ ରାଉରକେଲା ବିଜେଡି ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବାସୁଦେବ ସାହୁ, ରେଞ୍ଜ ଅଧିକାରୀ କୈଳାସ କିସାନ, ଗୁରୁଣ୍ଡିଆ ବ୍ଲକ ବିଜେଡି ସଭାପତି ରାମ୍ବାଲ ଓରାମ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବନପାଳ ପ୍ରତାପ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିର୍ସା ମୁଣ୍ଡା ଯୁବକ ସଂଘର କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସଙ୍ଗୀତ ଶିଳ୍ପୀ ସମାଜର ମାସିକ ସଭା




**ରାଉରକେଲା, ୨୬।୯ (ସମିସ):** ସଙ୍ଗୀତ ଶିଳ୍ପୀ ସମାଜର ସେପ୍ଟେମ୍ବର ମାସର ମାସିକ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ସେକ୍ଟର -୧୯ ସ୍ଥିତ କବିଚନ୍ଦ୍ର କଳାକେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ଦାସ ସଭାକୁ ସମ୍ବୋଧିତ କରି ଦେବୀଙ୍କ ଭଜନ ପରିବେଷଣ କରିବାକୁ କହିଥିଲେ। ବରିଷ୍ଠ ଗୁରୁ ନରେନ୍ଦ୍ର ନାୟକ ସମସ୍ତ ଶିଳ୍ପୀମାନଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରିଥିଲେ। ଗୁରୁ ସୁଶାନ୍ତ ସାହୁ, କଲ୍ୟାଣୀ ତ୍ରିପାଠୀ, ପ୍ରତ୍ୟୁଷା ରାଉଳ, ବସନ୍ତ ସାହୁ, ମଞ୍ଜୁଲତା ଦାସ, ମୀନା ମହନ୍ତ, ପୁଷ୍ପାଞ୍ଜଳି ପାଣିଗ୍ରାହୀ, ରଞ୍ଜିତା ସାହୁ, ଦିଲ୍ଲିପ ବରିହା, ରଶ୍ମିରଞ୍ଜନ ଦାସ, ଗୁରୁ ପ୍ରଫୁଲ୍ଲ ମଙ୍ଗଳ ଦେବୀ ଭଜନ ଗାୟନ କରିଲେ। ବାଦ୍ୟଯନ୍ତ୍ରରେ ଗୁରୁ ନରେନ୍ଦ୍ର ନାୟକ, ଗୁରୁ ଜଗନ୍ନାଥ ଦାସ, ଗୁରୁ ଗୌରାଙ୍ଗ ମଲ୍ଲିକ, ଗୁରୁ ସୁରଜ ସରାଫ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦିଲ୍ଲିପ ମଙ୍ଗଳ, ରଜତ ପଣ୍ଡା, ଦିଲ୍ଲିପ ପତି, ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମଙ୍ଗଳ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

# ଟାଙ୍ଗରପାଲି ବ୍ଲକ୍‌ରେ ଆଦି କର୍ମଯୋଗୀ ଅଭିଯାନ

**ରାଉରକେଲା, ୨୬।୯ (ସମିସ):** ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର 'ଆଦି କର୍ମଯୋଗୀ ଅଭିଯାନ' ଅନ୍ତର୍ଗତ ସୁନ୍ଦରଗଡ଼ ଜିଲ୍ଲାର ସାଲେପାଲି ପଞ୍ଚାୟତର ଡୁଡୁକି ଗାଁ ଓ ଟାଙ୍ଗରପାଲି ବ୍ଲକର ମହୁଲପାଲି ପଞ୍ଚାୟତର ବନ୍ଧପାଲି ଗାଁ ପରିଦର୍ଶନ କରିଥିଲେ। ଜିଲ୍ଲାପାଳ ଡାକ୍ତର ମହାପାତ୍ର ହିତାଧିକାରୀଙ୍କ ସହିତ ଆଲୋଚନା କରିବା ସହିତ ସରକାରଙ୍କ ବିଭିନ୍ନ ଯୋଜନା, ଅଗ୍ରଗତି ଏବଂ ଆଦି ସେବା କେନ୍ଦ୍ରଗୁଡ଼ିକର କାର୍ଯ୍ୟକାରିତା ନେଇ ସମୀକ୍ଷା କରିଥିଲେ। ଗ୍ରାମବାସୀ ଏବଂ ଆଦିବାସୀ ସମ୍ପ୍ରଦାୟ ପ୍ରତିନିଧିମାନଙ୍କ ସହିତ ସେ ଆଲୋଚନା କରିଥିଲେ, ସେମାନଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ସହିତ ତୃଣମୂଳ ସ୍ତରର ଯୋଜନାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ଜିଲ୍ଲାପାଳ ଡାକ୍ତର ମହାପାତ୍ର ଆଦି ସେବା କେନ୍ଦ୍ର ମଧ ପରିଦର୍ଶନ କରିଥିଲେ ଏବଂ ସମ୍ପ୍ରଦାୟ ସ୍ତରରେ ଯୋଜନାଗୁଡ଼ିକର ଦୃଢ଼ ସମନ୍ୱୟର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ଠିକାଦାର ସମ୍ମାନିତ



**ରାଉରକେଲା, ୨୬।୯ (ସମିସ):** ରାଉରକେଲା ଇସ୍ପାତ କାରଖାନା କେନ୍ଦ୍ରୀୟ ଶକ୍ତି ତାଲିମ ପ୍ରତିଷ୍ଠାନ (ସିପିଟିଆଇ) ଠାରେ ପ୍ରକଳ୍ପସ୍ଥଳରେ ଉତ୍କୃଷ୍ଟ ସୁରକ୍ଷା ଅଭ୍ୟାସକୁ ସ୍ୱୀକୃତି ଦେବା ନିମନ୍ତେ ଏକ ସୁରକ୍ଷା ପୁରସ୍କାର ସମାରୋହ ଆୟୋଜନ କରାଯାଇଥିଲା। ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଅଗ୍ନିଶମ ସେବା ଏବଂ ସୁରକ୍ଷା ବିଭାଗର ସିଜିଏମ୍ ଆଶା କାର୍ଥା, ପ୍ରକଳ୍ପ ବିଭାଗର ସିଜିଏମ୍ ଡି କେ ସାହୁ ଏବଂ ରାହୁଲ ଅଗ୍ରୱାଲ, ପ୍ରକଳ୍ପ- ବାଣିଜ୍ୟିକ ବିଭାଗର ସିଜିଏମ୍ ଅଶ୍ୱିନୀ ସାହୁ ଏବଂ ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ତିନୋଟି ଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଠିକା ଶ୍ରମିକ ଏବଂ ପ୍ରମୁଖ ଠିକାଦାରଙ୍କ ସହ ଉପ-ଠିକାଦାର (ସବ୍ କଣ୍ଟ୍ରାକ୍ଟର) ପ୍ରତିନିଧିମାନେ ମଧ ଅଂଶଗ୍ରହଣ କରିଥିଲେ। ସାଇଟ୍ ମୂଲ୍ୟାଙ୍କନ ଆଧାରରେ ବ୍ୟାଟେରି-୭ ରେ ମେସର୍ସ ଏଲ୍ ଆଣ୍ଡ ଟି (ଲାର୍ସନ୍ ଆଣ୍ଡ ଟୁ୍ୟବ୍ରୋ) ଶ୍ରେଷ୍ଠ ସୁରକ୍ଷା ପ୍ରଦର୍ଶନ ପୁରସ୍କାର ପାଇଥିଲା ବେଳେ ମେସର୍ସ ଲିଣ୍ଡେ ଇଣ୍ଡିଆ ଲିମିଟେଡ୍‌ର ୧୦୦୦ ଟିପିଡି ଅକ୍ସିଜେନ୍ ପ୍ଲାଣ୍ଟ ପାଇଁ ରନର୍ସ-ଅପ୍ ହୋଇଥିଲା। କ୍ୟାଟେଗୋରୀ-୧ ରେ ୬ ଟି ପ୍ରମୁଖ ଠିକାଦାରଙ୍କ ୧୨ ଜଣ ସୁରକ୍ଷା ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା ବେଳେ କ୍ୟାଟେଗୋରୀ-୨ରେ ୧୬ ଜଣ ସବ୍ କଣ୍ଟ୍ରାକ୍ଟର ସୁରକ୍ଷା ପର୍ଯ୍ୟବେକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସ୍ୱୀକୃତି ସୁରକ୍ଷା ମାନଦଣ୍ଡର ପାଳନ ଏବଂ ସକ୍ରିୟ ସାଇଟ୍ ପରିଚାଳନା ଉପରେ ଆଲୋକପାତ କରୁଥିବା ସୁରକ୍ଷା ଅଡିଟ୍ ରିପୋର୍ଟ ନିମନ୍ତେ ପ୍ରଦାନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ଏକ ସୁରକ୍ଷା ଡକ୍ୟୁମେଣ୍ଟାରୀ ପ୍ରଦର୍ଶିତ ହୋଇଥିଲା। ଏଥିରେ ଭଏସ୍-ଓଭର ପ୍ରଦାନ ନିମନ୍ତେ ମାନବ ସମ୍ବଳ-ସିଏଲ୍‌ସି ବିଭାଗର ସିନିୟର ମ୍ୟାନେଜର ସଙ୍ଗୀତା ମାରିଆ ସିନ୍ଦୂରଙ୍କୁ ସମ୍ମାନିତ କରାଯାଇଥିଲା। ସୁରକ୍ଷା-ପ୍ରକଳ୍ପ ବିଭାଗର ଡେପୁଟି ମ୍ୟାନେଜର ଏସ୍ ଆର୍ ନାଏକ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲାବେଳେ ପ୍ରକଳ୍ପ ଏବଂ ଆଧୁନିକୀକରଣ ବିଭାଗର ଏଜିଏମ୍ ଆଶିଷ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏମ୍‌ଏମ୍-ପ୍ରକଳ୍ପ ବିଭାଗର ମ୍ୟାନେଜର ତ୍ରିଶିଳା ପାଣିଗ୍ରାହୀ ଉକ୍ତ ସମାରୋହ ପରିଚାଳନା କରିଥିଲେ।

# ଆର୍‌ଏସ୍‌ପି ମେକାନିକାଲ୍ ସପ୍ସର ଠିକା ଶ୍ରମିକ ପୁରସ୍କୃତ



**ରାଉରକେଲା, ୨୬।୯ (ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନାର ମେକାନିକାଲ ସପ୍ସ ବିଭାଗର ସମ୍ମିଳନୀ କକ୍ଷରେ ବୁଧବାର ତତ୍କାଳ ସୀକୃତି ଯୋଜନା ଅଧୀନରେ ଏକ ସ୍ୱତନ୍ତ୍ର ପୁରସ୍କାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମେକାନିକାଲ ଏବଂ ସପ୍ସ ବିଭାଗର ସିଜିଏମ୍ ଦେବେନ୍ଦ୍ର କୁମାର ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭାଗରେ ନିୟୋଜିତ ମେସର୍ସ ପୋନିଆ ଏଣ୍ଟରପ୍ରାଇଜେସ୍‌ର ସାତ ଜଣ ଠିକା ଶ୍ରମିକ ଓ ମେସର୍ସ ବେହୁରା ଏଣ୍ଟରପ୍ରାଇଜେସ୍‌ର ଜଣେ ଠିକା ଶ୍ରମିକଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଡିଜାଇନ, ମେକାନିକାଲ ସପ୍ସ ଏବଂ ଫାଉଣ୍ଡ୍ରି ବିଭାଗର ଜିଏମ୍ ଇନ୍‌ଚାର୍ଜ ସ୍ୱପନ କୁମାର ଦାସ, ମାନବ ସମ୍ବଳ ବିଭାଗର ଜିଏମ ଜି.ଆର. ଦାସ ଏବଂ ବିଭାଗର ଅନ୍ୟ ବହୁ ବରିଷ୍ଠ ଅଧିକାରୀଙ୍କ ସହ ସମ୍ପୃକ୍ତ ଠିକାଦାରଙ୍କ ପ୍ରତିନିଧିମାନେ ମଧ ଉପସ୍ଥିତ ଥିଲେ। ଉଭୟ ଠିକାଦାର ଏବଂ ସିଏଲ୍‌ସିଙ୍କ ପ୍ରତିନିଧି ମଧ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଡି. କେ. ପାଲଙ୍କ ସହିତ ସ୍ୱପନ କୁମାର ଦାସ, ଜି.ଆର. ଦାସ ପୁରସ୍କାର ବିଜେତାଙ୍କ ଉଲ୍ଲେଖନୀୟ ପ୍ରୟାସ ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ସେମାନଙ୍କୁ ଉତ୍ସର୍ଗୀକୃତ ଏବଂ ଦକ୍ଷତାର ସହ କାରଖାନାର କାର୍ଯ୍ୟ ସୁନିଶ୍ଚିତ କରିବା ସହ ବିଶେଷକରି ଜଟିଳ ପରିସ୍ଥିତିରେ ସେମାନଙ୍କର ଶ୍ରେଷ୍ଠ ପ୍ରୟାସ ଜାରି ରଖିବାକୁ ଉତ୍ସାହିତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ପୁରସ୍କାର ପ୍ଲେଟ୍ ମିଲର ମୁଖ୍ୟ ମରାମତି ସମୟରେ ନିମ୍ନ ୟୁନିଭର୍ସାଲ୍ କପଲିଂ କୀ ସ୍ଲଟର ଇନ-ସିଟୁ ମେସିନିଂ କରିବାରେ ସେମାନଙ୍କର ଉଦାହରଣୀୟ ଅବଦାନ ପାଇଁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମେକାନିକାଲ୍ ସପ୍ସ ବିଭାଗର ଏଜିଏମ୍ କେ. ଆର. ମିଶ୍ର ସଂଯୋଜନା କରିଥିବା ବେଳେ ଡେପୁଟି ମ୍ୟାନେଜର ସୌମେନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ତଃବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା



**ରାଉରକେଲା, ୨୬।୯ (ସମିସ):** ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନର ଅଂଶ ସ୍ୱରୂପ ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନାର ସହର ସେବା (ଶିକ୍ଷା ବିଭାଗ) ଦ୍ୱାରା ସେକ୍ଟର-୧୯ ସ୍ଥିତ ଇସ୍ପାତ ବିଦ୍ୟା ମନ୍ଦିରରେ ଏକ ଆନ୍ତଃ ବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ରାଉରକେଲା ଇସ୍ପାତ ସହରାଞ୍ଚଳ ଏବଂ ନଗରପାଳିକା ଅଞ୍ଚଳର ୧୬ଟି ବିଦ୍ୟାଳୟର ମୋଟ ୧୯୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବିଭାଗରେ ୯୪ ଜଣ ଏବଂ ବରିଷ୍ଠ ବିଭାଗରେ ୧୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। 'ଉତ୍କଳମଣି ଗୋପବନ୍ଧୁ ଦାସ; ଜଣେ ଶିକ୍ଷାବିତ୍ ଯିଏ ଥିଲେ ସାମଗ୍ରିକ ବିକାଶର ପୁରୋଧା' ପ୍ରତିଯୋଗିତାର ବିଷୟବସ୍ତୁ ଥିବାବେଳେ ଓଡିଆ, ହିନ୍ଦୀ ଏବଂ ଇଂରାଜୀରେ ଏହି ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଯାହା ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପସନ୍ଦର ଭାଷା ମାଧ୍ୟମରେ ସେମାନଙ୍କର ବକ୍ତୃତା ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିଥିଲା। ଛାତ୍ରଛାତ୍ରୀମାନେ ସାମଗ୍ରିକ ବିକାଶ ପାଇଁ ଅକ୍ଲାନ୍ତ ଭାବରେ କାର୍ଯ୍ୟ କରିଥିବା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନ, ଦୃଷ୍ଟିକୋଣ ଏବଂ ଅବଦାନ ଉପରେ ବକ୍ତବ୍ୟ ରଖିବା ସହ ଜଣେ ସମାଜ ସଂସ୍କାରକ ଏବଂ ଶିକ୍ଷାବିତ୍ ଭାବରେ ତାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ପ୍ରତିଯୋଗିତା ଦୁଇଟି ଅଧିବେଶନରେ

# ପଣ୍ଡିତ ଦୀନଦୟାଲଙ୍କ ଜୟନ୍ତୀ

**ରାଉରକେଲା, ୨୬।୯ (ସମିସ):** ଆଜି ସ୍ଥାନୀୟ ସେକ୍ଟର-୩ ସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟାଳୟ ପରିସରରେ ବିଜେପି ରାଉରକେଲା ସାଂଗଠନିକ ଜିଲ୍ଲା ତରଫରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଥିଲା। ରାଜ୍ୟ ଉପାଧ୍ୟକ୍ଷା ସୁକେଶି ଓରାମ ମୁଖ୍ୟଅତିଥି ରୂପେ ଯୋଗଦେଇ ପଣ୍ଡିତ ଦୀନଦୟାଲଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।



ଏହା କାର୍ଯ୍ୟକ୍ରମରେ ବରିଷ୍ଠ ନେତା ତଥା ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ମୁଖ୍ୟବକ୍ତା ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଅଗ୍ରୱାଲ ଅତିଥି ରୂପେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ଜେନା ପରିଚାଳନା କରିଥିବା ବେଳେ ଜିଲ୍ଲା ଉପସଭାପତି ସରୋଜ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଆଇଟିୟୁର କାର୍ଯ୍ୟକର୍ତ୍ତା କମିଟି ବୈଠକ

# 'ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷା କରୁଛି ଆର୍‌ଏସ୍‌ପି'

**ରାଉରକେଲା, ୨୬।୯ (ସମିସ)**

ରାଉରକେଲା କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିୟନ (ସିଆଇଟିୟୁ)ର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକର୍ତ୍ତା କମିଟି ବୈଠକ ସେକ୍ଟର -୧୬ ସ୍ଥିତ ଶ୍ରମିକ ଭବନଠାରେ ଶୁକ୍ରବାର ଉପସଭାପତି ଶ୍ରୀମନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଇସ୍ପାତ କାରଖାନାର ବିଭିନ୍ନ ପ୍ରୋଜେକ୍ଟ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାକୁ କର୍ତ୍ତୃପକ୍ଷ ବେଖାତିର କରି ସ୍ଥାନୀୟ ଶିକ୍ଷିତ ଯୁବକଯୁବତୀମାନଙ୍କୁ ନିଯୁକ୍ତି ନଦେଇ ଶତାଧିକ ବାହାର ରାଜ୍ୟର ଶ୍ରମିକମାନଙ୍କୁ କାରଖାନା ଭିତରେ ଓ ବାହାରେ ଶ୍ରମିକ କ୍ୟାମ୍ପମାନ କରି କାମ କରାଉଛି। ଇସ୍ପାତ କାରଖାନାର ଆଗକୁ ସମ୍ପ୍ରସାରଣ କାର୍ଯ୍ୟ ହେବାକୁ ଥିଲା ବେଳେ କର୍ତ୍ତୃପକ୍ଷଙ୍କ ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷାକୁ ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଛି। ଆରଏସପିରୁ ଏକ ପିଲେଟ୍ ପ୍ଲାଣ୍ଟ ପାଇଁ କାର୍ଯ୍ୟ ନିର୍ଦ୍ଦେଶ ପାଇଥିବା ମେସର୍ସ ରଶ୍ମି ଗ୍ରୁପ ଶତାଧିକ ବାହାର ରାଜ୍ୟରୁ ଶ୍ରମିକ ଆଣି କ୍ୟାମ୍ପରେ ରଖି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ କାମ କରୁଥିଲା ବେଳେ ରାଉରକେଲା ତଥା ସୁନ୍ଦରଗଡ଼ ଜିଲ୍ଲାର ହଜାର ହଜାର ଶିକ୍ଷିତ ଯୁବକଯୁବତୀମାନଙ୍କୁ ନିରାଶ ହେବାକୁ ପଡ଼ିଛି। ସ୍ଥାନୀୟ ଠିକାଦାରମାନଙ୍କୁ ମଧ କୌଶଳପୂର୍ଣ୍ଣ ଭାବରେ ଆର୍‌ଏସ୍‌ପି କାର୍ଯ୍ୟ ନଦେଇ ବୃହତ୍ତ କମ୍ପାନୀ ମାନଙ୍କୁ କାମ ଦେବା ଫଳରେ କ୍ଷୁଦ୍ର ଓ ମଧ୍ୟମ ଠିକା ସଂସ୍ଥା ମଧ କାର୍ଯ୍ୟ ପାଉନାହାଁନ୍ତି। ଫଳରେ ସ୍ଥାନୀୟ ନିଯୁକ୍ତି ମଧ ହୋଇ ପାରୁନାହିଁ। ଏପରି ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର ଓ ସ୍ଥାନୀୟ ଯୁବକଯୁବତୀମାନଙ୍କୁ ଉପେକ୍ଷା ବିରୁଦ୍ଧରେ ଆଗାମୀ ଦିନରେ ସମସ୍ତ ସ୍ଥାନୀୟ ଶ୍ରମିକ, ଯୁବଗୋଷ୍ଠୀ ଓ ସ୍ଥାନୀୟ ଠିକା ସଂସ୍ଥାମାନଙ୍କୁ ଏକତ୍ରିତ କରି ରାଉରକେଲା ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ପାଇଁ ଲଗାତାର ଆନ୍ଦୋଳନ ଖସଡ଼ା ପ୍ରସ୍ତୁତ କରିବାକୁ ବୈଠକରେ ଉପସ୍ଥିତ ଥିବା ସାଧାରଣ ସମ୍ପାଦକ ବିମାନ ମାଇତି, ଉପସଭାପତି ବସନ୍ତ ନାୟକ, ବିପି ମହାପାତ୍ର, ରାଜକିଶୋର ପ୍ରଧାନ, ଅଜୟ ଶର୍ମା, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଦିବାକର ମହାରଣା ସମେତ ଅନ୍ୟ ନେତୃତ୍ୱ ବିଭିନ୍ନ ଆନ୍ଦୋଳନ ପ୍ରସ୍ତାବ ଉପସ୍ଥାପନ କରିଥିଲେ।

# ବିଦ୍ୟୁତ୍ ନିର୍ମାଣ କମ୍ପାନୀ କ୍ୟାମ୍ପରେ ଡକାୟତି

**ରାଉରକେଲା, ୨୬।୯ (ସମିସ):** ଗତକାଲି ରାତିରେ ଲହୁଣୀପଡ଼ା ଥାନା ଅନ୍ତର୍ଗତ ଦର୍ଜିଂ ଠାରେ ଏକ ବିଦ୍ୟୁତ୍ ନିର୍ମାଣ କମ୍ପାନୀର କ୍ୟାମ୍ପରେ ଏକ ବଡଧରଣର ଡକାୟତି ହୋଇଛି। ଅଫଶୋର କଷ୍ଟ୍ରକ୍ସନ୍ କମ୍ପାନୀ ତରଫରୁ ଦର୍ଜିଂ ଠାରେ ଲାଗିଥିବା ବିଦ୍ୟୁତ ସବ୍‌ଷ୍ଟେସନ୍‌ର ମରାମତି କାମ ଚାଲିଥିଲା ବେଳେ ଗୁରୁବାର ରାତିରେ ୨୦ ରୁ ୨୨ ଜଣ ଡକାୟତ ବିଭିନ୍ନ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚିଥିଲେ। କମ୍ପାନୀର କର୍ମଚାରୀମାନଙ୍କୁ ସେଠାରେ ମାଡ଼ ମାରିବା ସହ ବାନ୍ଧି ପ୍ରାୟ ଦେଢ଼ କୋଟି ଟଙ୍କାର ତମ୍ବା ତାର ଲୁଟି ନେଇଛନ୍ତି। ଲହୁଣୀପଡ଼ା ଥାନା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଗତ ୨୧ ତାରିଖ ଦିନ କୁତ୍ରାଠାରେ ଏହି କମ୍ପାନୀର କାମ ଚାଲିଥିବା ବେଳେ ମଧ ସଶସ୍ତ୍ର ଡକାୟତି ହୋଇଥିଲା। ଉଭୟ ଡକାୟତି ଘଟଣାର ରାଉରକେଲା ଏବଂ ସୁନ୍ଦରଗଡ଼ ପୁଲିସ୍ ତଦନ୍ତ କରୁଛି।




### ମା'ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ପାଇଁ ପ୍ରସ୍ତୁତି

## କ୍ଷେତ୍ର ପରିଦର୍ଶନରେ ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ ଅଧିକାରୀ

**ଭବାନୀପାଟଣା, ୨୬ା୯ (ସମିସ):** କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା'ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ଆସନ୍ତା ୩୦ ତାରିଖରେ ଭବାନୀପାଟଣାଠାରେ ମହାସମାରୋହରେ ଅନୁଷ୍ଠିତ ହେବ ଜେନାଖାଲରେ ମା'ଙ୍କ ଛତର ଯାତ୍ରାର ବିଧି ଅନୁସାରେ ପୂଜ୍ୟପୂଜା ସାରି ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ହଜାର ହଜାର ଭକ୍ତଙ୍କୁ ଦର୍ଶନ ଦେବା ନିମନ୍ତେ ଭକ୍ତଙ୍କ ଭିଡରେ ମା'ଙ୍କ ଛତର ମନ୍ଦିରରେ ପ୍ରବେଶ କରିବ। ଛତର ଉତ୍ସବକୁ ମହାସମାରୋହରେ ଶାନ୍ତି, ଶୃଙ୍ଖଳା ସହିତ ପାଳନ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଆବଶ୍ୟକ ସମସ୍ତ ବ୍ୟବସ୍ଥାର ପ୍ରସ୍ତୁତି ଜାରିରହିଛି। ଶୁକ୍ରବାର କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଅପରାହ୍ନରେ ଜେନାଖାଲ ପରିଦର୍ଶନରେ ଆସି ଆବଶ୍ୟକ ପ୍ରସ୍ତୁତି ଅନୁଧ୍ୟାନ କରି ଜେନାଖାଲରୁ ମା'ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଚାଲି ଚାଲି ଛତର ଯାତ୍ରା ପରିକ୍ରମା ପଥ ବୁଲି ଦେଖିଥିଲେ। ପବିତ୍ର ଛତର ଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ସୂଚାରୁ ରୂପେ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଜିଲ୍ଲାପାଳଙ୍କ ପ୍ରାକ୍ ପ୍ରସ୍ତୁତି କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ(ପ୍ରବେଶନ) ଅନିମେଶ ପ୍ରଧାନ, ଅତିରିକ୍ତ ଆରକ୍ଷୀ



ଅଧୀକ୍ଷକ ଶୁଭ୍ରାଂଶୁ ମିଶ୍ର, ଉପ ଆରକ୍ଷୀ ଅଧିକ୍ଷକ ନରେଶ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ନିହାରେନ୍ଦ୍ର ପଣ୍ଡା, ଅଧିକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ ଶିବାଜୀ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ନିର୍ବାହୀ ଅଧିକାରୀ ପୌରପାଳିକା ପ୍ରମୋଦ କୁମାର ପାଢ଼ୀ, ଶିଶୁ ସୁରକ୍ଷା ଅନୁଷ୍ଠାନର ଅଂଶୁମାନ ବାବୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଅଶୋକ କୁମାର ନେଗୀ, ଉତ୍ସବ ସାହୁ, ସୁବ୍ରତ ବହିଦାର, ଭବାନୀ ଶଙ୍କର ନିଆଲ ପ୍ରମୁଖ ଯୋଗ ଦେଇଥିଲେ।

### ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ଧମକ ଘଟଣା

## ଧରା ପଡ଼ିନାହାନ୍ତି ଅଭିଯୁକ୍ତ

**ଭବାନୀପାଟଣା, ୨୬ା୯ (ସମିସ)**

କଳାହାଣ୍ଡି ଜିଲ୍ଲା ମ.ରାମପୁରସ୍ଥିତ ନିଜ ବାସଭବନରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣେ ଠିକାଦାର ଦଳବଳ ସହ ଆସି ବନ୍ଧୁକ ଦେଖାଇ ଧମକ ଚମକ ଦେବା ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି।ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସୁରକ୍ଷା କଥାକୁ ସରକାର କେମିତି ଦେଖୁଛନ୍ତି ଜଣାପଡୁନାହିଁ। ଶାସକ ଓ ବିରୋଧୀଙ୍କ ପକ୍ଷରୁ କୌଣସି ରାଜନୈତିକ ନେତା ମୁହଁ ଖୋଲୁନାହାନ୍ତି। କଳାହାଣ୍ଡି ଜିଲ୍ଲାରେ ଉନ୍ନୟନ କାର୍ଯ୍ୟକୁନେଇ ଦୁର୍ନୀତି ପ୍ରସଙ୍ଗରେ ସ୍ଥାନୀୟ ବାସିନ୍ଦାଙ୍କୁ ଭିଜିଲାନ୍ସର ଦ୍ୱାରସ୍ଥ ହେବାକୁ ପଡୁଛି। କଳାହାଣ୍ଡି ଭିଜିଲାନ୍ସ ବିଭାଗ ତଦନ୍ତ କରି ରିପୋର୍ଟ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ଦୃଷ୍ଟିକୁ ନେବା ସତ୍ତ୍ୱେ ଅନେକ ଘଟଣାର କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାକୁ ଚାପି ଦିଆଯାଉଥିବା ଅନୁମାନ କରାଯାଉଛି। କଳାହାଣ୍ଡି ଜିଲ୍ଲାରେ ଦୁର୍ନୀତି କରି ଧରା ପଡ଼ିବା ଭୟରେ ଭୁବନେଶ୍ୱରରେ ବହୁ ଅଭିଯୁକ୍ତ ଡେରା ପକାଇ କାହା ଛତ୍ରଛାୟା ତଳେ ରହି ନିଜକୁ ବଞ୍ଚାଇବାର ଚେଷ୍ଟା ଚଳାଉଥିବା ଆଲୋଚନା ଚାଲିଛି। କଳାହାଣ୍ଡିରୁ ଯାଉଥିବା ଲୋକଙ୍କୁ କିଏ କୋଳେଇନେଇ ସୁରକ୍ଷା ଦେଉଛି ତାହା ଜାଣିବା ବଡ କଥା। ଭିଜିଲାନ୍ସ କେସ ଗୁଡିକ ମାସ ମାସ ଧରି ଫାଇଲ ଭିତରେ ରହୁଛି। ଜୁନାଗଡ଼ ବ୍ଲକ ଖେଳ ସାମଗ୍ରୀ ଘଟଣାର ଦୁର୍ନୀତି ହେଉ କି ପଲନା ପଞ୍ଚାୟତର ମନରେଗା କାମରେ ଦୁର୍ନୀତି।ଏମିତି ଆହୁରି ଅନେକ କେସ କାର୍ଯ୍ୟାନୁଷ୍ଠାନ ଅଭାବରୁ ଏବେ ଭିଜିଲାନ୍ସ ଉପରୁ ମଧ୍ୟ ଆସ୍ଥା ବିଶ୍ୱାସ ତୁଟିବାକୁ ଯାଉଛି। ଚଳିତ ମାସରେ ଏମ ରାମପୁର ବ୍ଲକର ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ବିଲ ପାସ ପାଇଁ ବନ୍ଧୁକ ଦେଖାଇ ଧମକ ଘଟଣା ପୁଲିସ କିଛି କରିପାରିନି। ରାଜ୍ୟ ବାହାରକୁ ଯାଇ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ ସୁଦ୍ଧା ଅଭିଯୁକ୍ତ ନିରାପଦ ସ୍ଥାନରେ ରହି ଆଗୁଆ ବେଲ ପାଇଁ ଚେଷ୍ଟା ଚଳାଇ ସଫଳ ହେଉଛନ୍ତି। ଏହି ଅଘୋଷିତ ଅପରାଧୀ ସୁରକ୍ଷା ସେଲ ଡବଲ ଇଞ୍ଜିନ ସରକାରରେ କିଏ ଚଳାଉଛି ତାହା ଜାଣିବାରେ ସମସ୍ତଙ୍କ ଉଦବେଗ ବୃଦ୍ଧି ପାଉଛି। ମ.ରାମପୁର ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ରିଭଲଭର ଦେଖାଇ ବିଲ୍ ପାସ୍ କରିବା ପାଇଁ ହତ୍ୟା ଧମକ ଘଟଣାକୁ ୧୮ ଦିନ ବିତିଯିବା ପରେ ମଧ୍ୟ ପୋଲିସ ନିକଟରେ କୌଣସି ସନ୍ତୋଷଜନକ ଉତ୍ତର ନାହିଁ। ସୂଚନା ମତେ ଅଭିଯୁକ୍ତ ନୀଲେଶ ହେଉଛନ୍ତି ଏଆରଏନଏସ ଇନ୍‌ଫ୍ରା ପ୍ରାଇଭେଟ ଲିମିଟେଡ଼ କମ୍ପାନୀର ମାଲିକ ଆକାଶ ଅଗ୍ରୱାଲଙ୍କ ଭାଇ।

**୧୮ ଦିନ ପରେ ବି ପୁଲିସ ନିକଟରେ ଉତ୍ତର ନାହିଁ**

**କିଏ ଚଳାଉଛି କି ? ଅଘୋଷିତ 'ଅପରାଧୀ ସୁରକ୍ଷା ସେଲ'**

ଏହି କମ୍ପାନୀ ଅଧୀନରେ ମ.ରାମପୁରର ଅଞ୍ଚଳର ଏକାଧିକ ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଆସୁଥିଲା। ଅଭିଯୋଗ କୁ ଭିତ୍ତିକରି କଟକରୁ କ୍ୱାଲିଟି କଣ୍ଟ୍ରୋଲ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ରାସ୍ତା କାମ ପରିଦର୍ଶନରେ ଆସି ନିମ୍ନମାନର କାମ ହେଉଥିବା ଜାଣିବାକୁ ପାଇଥିଲେ। ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଠିକାଦାର ଆକାଶକୁ ଉନ୍ନତମାନର କାମ କରିବାକୁ ତାଗିଦ କରାଯାଇଥିଲା।ବିଲ କରିବା କଥା ପରେ ପରେ ଅଟକି ଯାଇଥିଲା। କୋଟି କୋଟି ଟଙ୍କାର କାମ ହାତକୁ ନେଇ କାର୍ଯ୍ୟକରିବା ସମୟରେ ବିଲ ନହେବା କାରଣରୁ ପରିସ୍ଥିତି ଭିନ୍ନ ମୋଡ଼ ନେଇଥଲା। ମ.ରାମପୁର ଆଇଆଇସି ବିରବର ଭଗତ ଅଭିଯୁକ୍ତଙ୍କୁ ଧରିବାକୁ କଣ୍ଟାବାଞ୍ଜି ଠାରୁ ଆରମ୍ଭ କରି ରାୟପୁର, ବିଳାଶପୁର, କଲିକତା ଓ କଟକ ଇତ୍ୟାଦି ସ୍ଥାନରେ ଛାପାମାରି ଶେଷରେ ନିରାଶ ହୋଇଥିବା ବେଳେ ଉଚ୍ଚ ନ୍ୟାୟଳୟରୁ ଆଗୁଆ ଜାମିନ ପାଇଁ ଅଭିଯୁକ୍ତମାନେ ଚେଷ୍ଟା କରୁଥିବା କଥା ଆଇଆଇସି କହିଛନ୍ତି। ତେବେ ଏଭଳି ଅପରାଧିକ ମାମଲା ଗୁଡିକୁ ନେଇ କେହି ମୁହଁ ଖୋଲୁନଥିବା ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ହୋଇଛି।ପୁଲିସ ଏବେ ଭିଜିଲାନ୍ସ ବିଭାଗ ସାଧାରଣଜନତାଙ୍କ କିପରି ଆସ୍ଥାଭାଜନ ହେବେ ତାହା ସରକାରଙ୍କ ଦାୟିତ୍ୱ ହୋଇଥିଲେ ହେଁ ରାଜ୍ୟ ସରକାର ଅପରାଧ ଏବଂ ଅପରାଧୀଙ୍କ କ୍ଷେତ୍ରରେ ଯେଉଁ ଆଭିମୁଖ୍ୟ ଆପଣାଉଛନ୍ତି ବିକାଶମୂଳକ କାର୍ଯ୍ୟରେ ଦୁର୍ନୀତିର ଗନ୍ଧ ଯିବ କି ରହିବ ସ୍ପଷ୍ଟ ଜଣାପଡୁନାହିଁ।

### 'ମହୁରି'ର ଦେବାର୍ପଣ ଉତ୍ସବ

## ପାଠକଙ୍କ ମନ୍ତ୍ରମୁଗ୍ଧ ଅନୁଭବ ହିଁ ମହୁରି

**ଭବାନୀପାଟଣା, ୨୬ା୯ (ସମିସ):** ମହୁରି ଶାରଦୀୟ ସଂକଳନ କଳାହାଣ୍ଡିବାସୀଙ୍କ ସମେତ ସମଗ୍ର ଓଡ଼ିଶାର ସାହିତ୍ୟଅନୁରାଗୀଙ୍କ ଏକ ମନ୍ତ୍ରମୁଗ୍ଧ ଅନୁଭବ କହିଲେ ଉଚିତ ହେବ। ଜୀବନରେ ଅନେକ ସ୍ୱପ୍ନ ଥାଏ। ସ୍ୱପ୍ନ କାହାର ବା କେମିତି।ତେବେ ଠିକ ସେହିଭଳି ସ୍ୱପ୍ନଟିଏ ଦେଖିବା ଭିତରେ ବହି ଛାପିବାର ମୋହରୁ ଜନ୍ମ ନେଇଛି ମହୁରି। ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ଶାରଦୀୟ ପତ୍ରିକାର ଭୂମିକା ସମ୍ପ୍ରତି ଯେତିକି ଗୁରୁତ୍ୱ ସେତିକି ମହତ୍ତ୍ୱ। ଲେଖକୀୟ ସଂସ୍କୃତି ଚଳଚଞ୍ଚଳ ହୋଇଉଠେ ପାର୍ବଣ ଅବସରରେ। ପୂଜା ପତ୍ରିକାର ଭିଡ଼ ଜମେ। ତେବେ ସବୁ ଦୃଷ୍ଟିରୁ ବାରିହୋଇପଡ଼େ କଳାହାଣ୍ଡିରୁ ପ୍ରକାଶିତ ମହୁରି ପତ୍ରିକା। ଆକର୍ଷଣୀୟ ପ୍ରଚ୍ଛଦ, ଚମତ୍କାର ଶବ୍ଦ ସଜ୍ଜା, ସବୁ ବିଭାଗର ସାମଗ୍ରିକ ସମନ୍ୱୟ, ଉନ୍ନତ ପୃଷ୍ଠା, ସୁନ୍ଦର ସମ୍ପାଦନା ସାଙ୍ଗକୁ ପାଠକର ହୃଦୟ ଜିଣିଲା ଭଳି ଉଚ୍ଚ ସ୍ତରୀୟ ଲେଖା ସକାଶେ ମହୁରି ଏବର୍ଷ ବି ଚର୍ଚ୍ଚାରେ ରହିଛି। ସବୁବର୍ଷ ପରି ମା'ମାଣିକେଶ୍ୱରୀଙ୍କ ପ୍ରାଙ୍ଗଣରେ ମହୁରିର ଦେବାର୍ପଣ ଉତ୍ସବ ପତ୍ରିକାର ମୁଖ୍ୟସମ୍ପାଦକ ଭବାନୀ ଶଙ୍କର ନିଆଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଦ୍ଦାର, ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର ଓ ଦେବେନ୍ଦ୍ର ବିଶି ଯୋଗ ଦେଇଥିଲେ। ସମ୍ପାଦକ ସୁକାନ୍ତ ସାହୁଙ୍କ ସହ



ସମ୍ପାଦନା ମଣ୍ଡଳୀର ନିରୋଜ ପଟ୍ଟନାୟକ, ଡ ତପନ ରଥ, ବିରଞ୍ଚି ନାରାୟଣ ମୁଣ୍ଡ ଓ ସଂହିତା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶାନ୍ତିସ୍ୱରୂପା ପଣ୍ଡା, ପ୍ରଦୀପ ଦାସ, ସୁଜାତା ପଣ୍ଡା, ନିବେଦିତା ମିଶ୍ର, ନରହରି ପଟ୍ଟନାୟକ, ଅପ୍ରେସ ସ୍ୱାଇଁ, ଭାସ୍କର ଜ୍ୟୋତିରାଦିତ୍ୟ ନିଆଲ ପ୍ରମୁଖ ସହଯୋଗ କରିଥିଲେ। ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ପତ୍ରିକାର ଦୀର୍ଘାୟୁ କାମନା କରିଥିଲେ।

### ସରଗୁଡାରେ ହାତୀ ଉପଦ୍ରବ

## ଘର ଭାଙ୍ଗି ଆସବାପାତ୍ର ନଷ୍ଟ

**ଲାଞ୍ଜିଗଡ଼, ୨୬ା୯ (ସମିସ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ବିଜେପୁର ସେକ୍ସନ ଲାଖବାହାଲି ପଞ୍ଚାୟତ ସରଗୁଡା ଗାଁରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ନିକଟସ୍ଥ ଝିମିରି ଜଙ୍ଗଲରେ ୨୨ ଟିକିଆ ହାତୀପଲ ରହିଥିବା ବେଳେ ଗତ ବିଳମ୍ବିତ ରାତିରେ ସରଗୁଡା ଗାଁରେ ପଶି ରାମଲାଲ ହରିଜନଙ୍କ ଘର ସମ୍ପୂର୍ଣ୍ଣ



ଭାବେ ଭାଙ୍ଗି ଦେଇ ରାସନ ସାମଗ୍ରୀ ସମେତ ଆସବାପାତ୍ର ନଷ୍ଟ କରିଦେଇଛନ୍ତି। ସୂଚନା ମତେ ରାମଲାଲଙ୍କୁ ନିଜ ଅଞ୍ଚଳରେ ଠିକ ଭାବେ କାମ ନମିଳିବାରୁ ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟ ଯାଇଛନ୍ତି।ତାଙ୍କ ସ୍ତ୍ରୀ ସସ୍ମିତା ଦୁଇ ବର୍ଷର ପୁଅ ସହିତ ଘରେ ରହିଥିବା ବେଳେ ଗତ ବିଳମ୍ବିତ ରାତିରେ ୨୨ଟିକିଆ ହାତୀପଲ ନିକଟସ୍ଥ ଝିମିରି ଜଙ୍ଗଲରୁ ସରଗୁଡା ଗାଁକୁ ପଶି ଆସି ରାମଲାଲଙ୍କ ଘର ନିକଟରେ ଭୀଷଣ ଗର୍ଜନ କରିଥିଲେ। ଘରେ ନିଜ ପୁଅଙ୍କ ସହିତ ସସ୍ମିତା ରହିଥିବା ବେଳେ ହାତୀ ଗର୍ଜନ ଶୁଣି ପ୍ରାଣ ବିକଳରେ ସସ୍ମିତା ପୁଅକୁ ଧରି ପଡ଼ିସା ଘରକୁ ଯିବାରେ ସଫଳ ହୋଇଥିଲେ। ରାତିରେ ସେଠାରେ ରହିଯାଇଥିବା ବେଳେ ସକାଳୁ ଘରକୁ ଆସି ଦେଖିବା ବେଳକୁ ହାତୀପଲ ଧାନ, ଚାଉଳ ସମେତ ଆସବାପତ୍ର ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଥିଲେ। ସଂଗୃହିତ ସବୁ ରାସନ ସାମଗ୍ରୀ ଶହ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ବର୍ତ୍ତମାନ ପରିବାର ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ବର୍ତ୍ତମାନ ଝିମିରି ଜଙ୍ଗଲ ଠାରେ ହାତୀପଲ ରହିଥିବାବେଳେ ଘଟଣା ସ୍ଥଳରେ ବିଜେପୁର ବନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରିଥିବା ସୂଚନା ମିଳିଛି। ଏନେଇ ବିଜେପୁର ବନପାଳ ପଦ୍ମଲୋଚନ ଶବରଙ୍କୁ ପଚାରିବାରୁ କ୍ଷୟକ୍ଷତି ଆକଳନ କରାଯାଇଛି ସରକାରଙ୍କ ବ୍ୟବସ୍ଥା ଯାହା ରହିଛି ସେସବୁ ଏମାନଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ମତ ପ୍ରକାଶ କରିଛନ୍ତି।

## ପଞ୍ଚମ ଦିନରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ଧାରଣା

**କୋକସରା, ୨୬ା୯ (ସମିସ):** ମିଶନଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ ଇନସେନଟିଭ୍ ପରିବର୍ତ୍ତେ ସ୍ଥାୟୀ ଦରମା ଦାବି କରି ଗତ ସୋମବାରଠାରୁ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ତେବେ ଧାରଣା ପଞ୍ଚମ ଦିନରେ ପହଞ୍ଚି ଥିବାବେଳେ ସେମାନଙ୍କ ଦାବିକୁ ସରକାର ନସୁଣି ଅଣଦେଖା କରୁଥିବା ମିଶନ ଶକ୍ତି କର୍ମୀମାନେ ପ୍ରକାଶ କରିଛନ୍ତି। କୋକସରା ବ୍ଲକ କାର୍ଯ୍ୟାଳୟ ଠାରେ ୫ଦିନ ହେଲା ଜିପିଏଲ୍ଏଫ୍ କର୍ମୀ ସଂଘ ତରଫରୁ ୨୧ଟି ଜିପିଏଲ୍ଏଫ୍‌ର କମ୍ୟୁନିଟି ସପୋର୍ଟ ଷ୍ଟାଫ ଧାରଣାରେ ବସିଛନ୍ତି।ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ମହିଳା ସଶକ୍ତିକରଣକୁ ବିଶେଷ ଭାବରେ ଗୁରୁତ୍ୱ ଦିଆଯାଉଥିଲା। ସେମାନଙ୍କ ଅତୁଳନୀୟ ଅବଦାନ ଯୋଗୁଁ ବିଭିନ୍ନ ସମୟରେ ସରକାର ପ୍ରୋତ୍ସାହନ ରାଶି ବୃଦ୍ଧି କରିଥିଲେ। ଏଥି ସହିତ ମହିଳାଙ୍କୁ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ତଥା ରୋଜଗାରକ୍ଷମ କରିଥିଲେ। କିନ୍ତୁ ବର୍ତ୍ତମାନର ବିଜେପି ସରକାର ସମୟରେ ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଉ ନଥିବାବେଳେ ୬ମାସ ହେଲାଣି ସରକାର ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଦାବିକୁ ଅଣଦେଖା କରି ଆସୁଛନ୍ତି। ତେଣୁ ଆନ୍ଦୋଳନରତ ସଦସ୍ୟା ମାନେ ମୋହନ ସରକାରଙ୍କୁ ଗୀତ ଗାଇ ଅଭିନବ ପ୍ରତିବାଦ କରିବା ସହ ନବରାତ୍ରି ସମୟରେ ମହିଳାଙ୍କୁ ଦାଣ୍ଡରେ ବସାଇ କି ପ୍ରକାରର ଏ ସରକାର ନାରୀ ସମ୍ମାନ ବୋଲି ଗର୍ଜିଛନ୍ତି।ସରକାରଙ୍କ ବିଭିନ୍ନ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚେଇବାରେ ମିଶନଶକ୍ତି ଓ ଓଡ଼ିଶା ଜୀବିକା ମିଶନର ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ୭ଦଫା ଦାବି ଯେ ପର୍ଯ୍ୟନ୍ତ ପୂରଣ ହୋଇ ନାହିଁ ସେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନ କରିବା ସହ ଧାରଣାରେ ବସିବା ପାଇଁ ସଂଘ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି।

### ଗ୍ରୁପ୍ ଲୋନ୍ ଶୁଝିବାକୁ ଯାଇଥିଲେ ଦାଦନ

## ଘର ନିର୍ମାଣ ବେଳେ ପଡ଼ି ମୃତ୍ୟୁ

**ମ.ରାମପୁର, ୨୬ା୯ (ସମିସ):** ଅନ୍ତ ହେଉନି ଦାଦନ ଯନ୍ତ୍ରଣା।ପୁଣି ଆଉ ଜଣେ ଘରର ମୁରବୀଙ୍କ ଶବ ଫେରୁଛି ଅଞ୍ଚଳରେ ଦେଖାଯାଇଛି ଶୋକ। ପ୍ରାପ୍ତ ସୂଚନା ମୁତାବକ କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଗୋଚ୍ଛାଡେଙ୍ଗେନ ପଞ୍ଚାୟତର ତାଲକୁନା ଗ୍ରାମର ଅରକ୍ଷିତ ଭୋଇ(୫୮), ନିଜ ପତ୍ନୀ ଅମୃତ ଭୋଇ(୪୦)ଙ୍କୁ ସାଙ୍ଗରେ ନେଇ ତାମିଲନାଡୁକୁ ଦାଦନ ଭାବରେ କାମ କରିବାକୁ ଯାଇଥିଲେ। ସେଠାରେ ଏକ ଘର କାମରେ ନିୟୋଜିତ ଥିବାବେଳେ ତିନି ମହଲା ଉପରୁ ଖସି ପଡ଼ି ତାଙ୍କରି ଶୋଚନୀୟ ମୃତ୍ୟୁ ଗତ ବୁଧବାର ଦିନ ହେଇଥିବା ବେଳେ ଏବେ ଶବକୁ ନେଇ ବିଧବା ପତ୍ନୀ ଗାଁକୁ ଫେରୁଛନ୍ତି। ଆସନ୍ତକାଲି ଗାଁରେ ଶବ ପହଞ୍ଚିବ ବୋଲି ଗ୍ରାମବାସୀ କହିଛନ୍ତି। ତେବେ ବିଡମ୍ବନାର ବିଷୟ ଗ୍ରୁପ୍ ଲୋନ କରିଥିବା ଅର୍ଥକୁ ଶୁଝିବାକୁ ମାସକୁ ଦରକାର ହେଉଥିଲା ପ୍ରାୟ କୋଡିଏ ହଜାରଟଙ୍କା। ଅରକ୍ଷିତଙ୍କ ପତ୍ନୀ ନିଜ ନାମରେ ତିନୋଟି ଓ ଅନ୍ୟ ତିନିଜଣଙ୍କ ନାମରେ ଆଉ ତିନୋଟି ଋଣ ଉଠେଇ ଏହି ଟଙ୍କା ଶୁଝୁଥିଲେ। ଏହି ଟଙ୍କା ଶୁଝିବାକୁ ଗାଁରେ ରହି ରୋଜଗାରର ଅର୍ଥ ଯଥେଷ୍ଟ ହେଉନଥିବାରୁ ପତି, ପତ୍ନୀ ତାମିଲନାଡୁ ଯାଇ ଦାଦନ ଖଟି ଉକ୍ତ ଋଣ ଟଙ୍କା ପୈଠ କରୁଥିଲେ। କେବଳ ସେତିକି ନୁହେଁ ତାଙ୍କରି ବଡ ପୁଅ ମାନସ ମଧ୍ୟ ଘରର ଏହି ଋଣକୁ ଶୁଝିବାରେ ସହଯୋଗ କରିବା ପାଇଁ ଅନ୍ୟ କୋଉଠି ଯାଇ ଦାଦନ ଭାବରେ କାମ କରୁଛି। ଏପଟେ ସାନପୁଅ ଚୈତନ୍ୟ(୧୦) ସମ୍ପର୍କୀୟଙ୍କ ଘରେ ଏକୁଟିଆ ରହୁଥିବାବେଳେ ସେ ବି ପରିବାରର ଅନୁପସ୍ଥିତିରେ ପାଠ ପଢ଼ା ଛାଡି ଦେଇଛି। ଘରର ମୁଖିଆ ଅରକ୍ଷିତଙ୍କ ଏହି ଅଚାନକ ମୃତ୍ୟୁ ପରେ ନିଜ ପତ୍ନୀ ସ୍ୱାମୀଙ୍କ ଶବକୁ ନେଇ ଫେରୁଛନ୍ତି। ଏହି ଖବର ପ୍ରଚାର ହେବା ପରେ ଗୋଚ୍ଛାଡେଙ୍ଗେନ ଅଞ୍ଚଳରେ ଗ୍ରୁପ୍ ଲୋନ ପାଇଁ ଦାଦନ ଯିବାକୁ ପଡ଼ିଲା ବୋଲି ଶୋକବ୍ୟକ୍ତ କରିବା ସହିତ ଓ ଶବ ହେଇଫେରିବା ଘଟଣାରେ ଲୋକେ ଏବେ ପରିବାର ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହେଇଯିବ ବୋଲି ମତ ଦେଇଛନ୍ତି। ତୁରନ୍ତ ଉକ୍ତ ପରିବାରକୁ ସହାୟତା କରିବାକୁ ଜିଲ୍ଲା ପ୍ରଶାସନକୁ ଅଞ୍ଚଳବାସୀ ଦାବି କରିଛନ୍ତି।





### ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ଦୁର୍ନୀତି

## ୪୫ ଜଣଙ୍କ ନାଁରେ ଜାଲିଆତି କରି ଟଙ୍କା ଉଠାଣ

**ନୂଆପଡ଼ା, ୨୬ା୯ (ସମିସ)**

ନୂଆପଡ଼ା ଜିଲା ଖଡିଆଳ ତିଖାଲିଠାରେ ନିର୍ମାଣ ହୋଇଥିବା ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ମିଥ୍ୟା ଲୋକଙ୍କ ନାଁରେ ଜାଲିଆତି କରି ଥଇଥାନ ଟଙ୍କା ହଡ଼ପ ଘଟଣା ସରକାରଙ୍କ ନିଦ ହଜାଇ ଦେଇଛି। ୬ଖଣ୍ଡ ଗାଁର ୪୫ଜଣ ମିଥ୍ୟା ଲୋକଙ୍କ ନାଁରେ ଜଣେ ନିର୍ଦ୍ଦିଷ୍ଟ ଅଧିକାରୀ ୧କୋଟି ୮୨ଲକ୍ଷ ୯୪ହଜାର ୭୬୮ଟଙ୍କା ଉଠାଣ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଆଜିକୁ ଦୁଇ ବର୍ଷ ହେବ 'ସକାଳ' ତରଫରୁ ତଥ୍ୟ ଭିତିକ ଖବର ପ୍ରକାଶିତ କରାଯାଉଥିଲେ ମଧ୍ୟ ବିଭାଗ ନିଦା ବିଷ୍ଣୁ ହୋଇ ବସିଛି। ବର୍ତ୍ତମାନ ଖଡ଼ିଆଳ ବିଧାୟକ (ବିଜେଡି)ଙ୍କ ବିଧାନସଭାରେ ତାରକା ପ୍ରଶ୍ନ ପରେ ପ୍ରଶାସନ ଦୋହଲି ଯାଇଛି। ବିଭାଗର ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ ୨୦୨୦ ମସିହାରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅଧିନସ୍ଥ କୋମନା ବ୍ଲକର ବେଲଗାଁର ୭ଜଣ, ହରିପୁର ଗାଁରେ




୭ଜଣ, ଲମ୍ବିପାଣି ଗାଁରେ ୨ଜଣ, କାଳିମାଟି ଗାଁରେ ଜଣେ, ରଜନା ଗାଁରେ ୧୮ଜଣ ଓ ବୋଡେନ ବ୍ଲକର ଦରଗାଁର ୧୦ଜଣ କରି ମୋଟ ୪୫ ଜଣ ବିସ୍ଥାପିତ ନାମରେ ୧ କୋଟି ୮୨ ଲକ୍ଷ ୯୪ ହଜାର ୭୬୮ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି।ଏହାକୁ ନେଇ ୨୦୨୧ମସିହାରେ ଲୋୟର ଇନ୍ଦ୍ର ଜନସଚେତନ ମଞ୍ଚ ତରଫରୁ ଲିଖିତ ଅଭିଯୋଗ କରିଥିଲା। ୨୦୨୨ରେ ଜଳସମ୍ପଦ ବିଭାଗ ଚିଠି ସଂଖ୍ୟା ୧୮୪୧୪/୨୨ରେ ପୁନର୍ବାସ ଓ ଥଇଥାନ ବିଭାଗ ନିର୍ଦ୍ଦେଶକ ତଥା ଜଳ ସମ୍ପଦ

**ବିଧାୟକଙ୍କ ପ୍ରଶ୍ନ ପରେ ସରକାର ଚେତିଲେ**

ବିଭାଗର ତତ୍କାଳୀନ ଅତିରିକ୍ତ ଶାସନ ସଚିବ ତଦନ୍ତ କରିବାକୁ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ପୁଣିଥରେ ଅଭିଯୋଗ ହେବା ପରେ ଗତ ମାର୍ଚ୍ଚ ୧ରେ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୫୦ରେ ଉପଜିଲ୍ଲାପାଳଙ୍କୁ ୧୫ ଦିନ ଭିତରେ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।କିନ୍ତୁ ଏଯାଏଁ ତଦନ୍ତ କରାଗଲା ନାହିଁ। ଚଳିତ ବିଧାନସଭାର ଅଧିବେଶନରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ବିସ୍ଥାପିତଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ରାଜ୍ୟ ସରକାର ସୋସିଆଲ ଅଡିଟ କରିବେ କି ବୋଲି ମୁଖ୍ୟମନ୍ତ୍ରୀଙ୍କଠାରେ ବିଧାୟକ ତାରକା ପ୍ରଶ୍ନ କରିଥିଲେ। ଏହାକୁ ଭିତ୍ତି କରି ଗତ ୧୯ ତାରିଖରେ ଜଳସମ୍ପଦ ବିଭାଗ ଚିଠିସଂଖ୍ୟା ୨୬୬୨୬/୨୫ରେ ନୂଆପଡ଼ା ଜିଲ୍ଲାପାଳ, ଜଳସେଚନ ବିଭାଗକୁ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି। ସରଜମିନ ତଦନ୍ତ କରାଗଲେ ଏଥିରେ ବଡ଼ ବଡିଆ ଅଧିକାରୀଙ୍କ ସମ୍ପୃକ୍ତି ଥିବା ପଦାକୁ ଆସିବବୋଲି ବିସ୍ଥାପିତଙ୍କ ଉପରେ କାମ କରୁଥିବା ସଂଗଠନ ଗୁଡିକର ମୁଖ୍ୟମାନେ ମତ ରଖିଛନ୍ତି। ଏଥର ପ୍ରଶାସନ କେତେଦୂର ତଦନ୍ତରେ ସ୍ୱଚ୍ଛତା ରଖୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ସମ୍ପାଦକୀୟ



ବିଶ୍ୱ ଦେଖ ମଧୁମୟରେ ଜୀବନ ବିଶ୍ୱ ଦେଖ ମଧୁମୟ
ମଧୁର ଝରଣ କରିବ ହରଣ ତୋ ପାପ ମରଣ ଭୟ।
-ସ୍ୱଭାବ କବି ଗଙ୍ଗାଧର ମେହେର

ସକାଳ THE SAKALA

## ସୁଧୁରୁଛି ମଧ୍ୟପ୍ରାଚ୍ୟ ସ୍ଥିତି

ଏକ ବୃହତ୍ତର ଇସ୍ରାଏଲ ଗଠନ ଆଳରେ ପାଲେଷ୍ଟାଇନ୍ ସ୍ଥିତିକୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଦୃଢ଼ ଅସ୍ୱୀକାର କରିଆସିଥିବା ବେଳେ ଗାଜାପଟିରେ ଚାଲିଥିବା ନରସଂହାର ଓ ଅମାନବୀୟ ନିର୍ଯାତନାକୁ ବିଶ୍ୱଜନମତ ଦୃଢ଼ ବିରୋଧ କରିବା ସହ ପାଲେଷ୍ଟାଇନକୁ ଏକ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ଦେଉଥିବା ରାଷ୍ଟ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଇସ୍ରାଏଲକୁ ଏପର୍ଯ୍ୟନ୍ତ ନିରଙ୍କୁଶ ସମର୍ଥନ ଦେଇଆସିଥିବା ଆମେରିକାର ପାଶ୍ଚାତ୍ୟ ମିତ୍ର ରାଷ୍ଟ୍ରମାନେ ମଧ୍ୟ ଏହି ପ୍ରସଙ୍ଗରେ କେବଳ କରଛଡ଼ା ଦେଇନାହାନ୍ତି, ପାଲେଷ୍ଟାଇନକୁ ଆନୁଷ୍ଠାନିକ ସ୍ୱୀକୃତି ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ଇଂଲଣ୍ଡ, କାନାଡ଼ା, ଫ୍ରାନ୍ସ, ପର୍ତ୍ତୁଗାଲ ଓ ଅଷ୍ଟ୍ରେଲିଆ ଅନ୍ୟତମ। ଏପରିକି ୟୁରୋପୀୟ ରାଷ୍ଟ୍ରସଂଘ ମଧ୍ୟ ଇସ୍ରାଏଲ ସହ ଥିବା ଦ୍ୱିପାକ୍ଷିକ ଚୁକ୍ତି ରଦ୍ଦ କରିବାକୁ ଧମକ ଦେଇଛି। ଜାତିସଂଘର ୧୯୩ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରୁ ୧୫୭ ଦେଶ ପାଲେଷ୍ଟାଇନର ସ୍ୱାତନ୍ତ୍ର୍ୟକୁ ମାନ୍ୟତା ଦେଇଛନ୍ତି। ଏହି ପୃଷ୍ଠଭୂମିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆରବ ରାଷ୍ଟ୍ରର ମୁସଲମାନ ନେତାଙ୍କ ସହ ଆଲୋଚନା ବେଳେ ସ୍ଥାୟୀ ଯୁଦ୍ଧ ବିରତି ପ୍ରସ୍ତାବ ଆଗତ କରାଉଥିବା ସୂଚନା ଦେଇଛନ୍ତି। ଏହାର ପ୍ରଥମ ସର୍ତ୍ତ ରହିବ ପଣବନ୍ଦୀ ପ୍ରତ୍ୟାହାର। ନେତାନ୍ୟାହୁଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ହରାଇଥିବାରୁ ହମାସ ଏହି ସର୍ତ୍ତକୁ କେତେଦୂର ଗ୍ରହଣ କରିବ ସେ ନେଇ ସନ୍ଦେହ ରହିଛି। ତେବେ ବୁଝାମଣା ପ୍ରସ୍ତାବକୁ ଏକ ସକାରାତ୍ମକ ରୂପ ଦେବା ପାଇଁ ବିଭିନ୍ନ ମହଲରୁ ଉଦ୍ୟମ ଚାଲିଛି। ଏପରିକି ଯୁଦ୍ଧ ପରବର୍ତ୍ତୀ ଗାଜାର ଶାସନ ଦାୟିତ୍ୱ କାହା ହାତରେ ରହିବ ଓ ୱେଷ୍ଟବ୍ୟାଙ୍କର ଭବିଷ୍ୟତ ନେଇ ଆଲୋଚନାରେ ବେଶ ଅଗ୍ରଗତି ଘଟିଥିବାର ସୂଚନା ମିଳିଛି।

ଜାତିସଂଘ ଅଧିବେଶନରେ ଯୋଗଦେବା ସକାଶେ ନେତାନ୍ୟାହୁ ପହଞ୍ଚିଛନ୍ତି। ଯେତେଦୂର ସମ୍ଭବ ଏହି ଶାନ୍ତି ପ୍ରସ୍ତାବ ନେଇ ଟ୍ରମ୍ପ ତାଙ୍କ ସହ ଆଲୋଚନା କରିବେ। ଇସ୍ରାଏଲ କ୍ରମେ ଏକଘରିଆ ହୋଇଯାଇଥିବାରୁ ପ୍ରତିକୂଳ ପରିସ୍ଥିତିର ଗୁରୁତ୍ୱ ସମ୍ପର୍କରେ ସେ ବୁଝାଇବା ସହ ଏହି ଶାନ୍ତି ପ୍ରୟାସ ପଛରେ ନିଜର ମହତାକାଂକ୍ଷାକୁ ସାକାର କରିବାକୁ ଚାହିଁବେ। ଏମିତିରେ ଇସ୍ରାଏଲରେ ଜନମତ ଯାହା, ଯୁଦ୍ଧ ସମାପ୍ତି ପରେ ନେତାନ୍ୟାହୁଙ୍କୁ କ୍ଷମତାରୁ ବିଦା କରିବାକୁ ବେଶି ସମୟ ଲାଗିବ ନାହିଁ। ଏହାବ୍ୟତୀତ ତାଙ୍କ ବିରୋଧରେ ଥିବା ଦୁର୍ନୀତି ଅଭିଯୋଗର ପ୍ରାମାଣିକ ତଥ୍ୟ ଅଦାଲତରେ ବିଚାରାଧୀନ ରହିଛି। ତେଣୁ ବୃହତ୍ତର ଇସ୍ରାଏଲ ଗଠନର ଆଶା ନେଇ ଯୁଦ୍ଧ ଜାରି ରଖିବାକୁ ସେ ଚାହାନ୍ତି। ନିଜର କ୍ଷମତା ଓ ରାଜନୈତିକ ଭବିଷ୍ୟତକୁ ସେ ଏହି ଯୁଦ୍ଧରେ ବାଜି ଲଗାଇଛନ୍ତି। ତେଣୁ ଟ୍ରମ୍ପଙ୍କ ପ୍ରସ୍ତାବରେ ସେ ରାଜି ହେବା ବିନିମୟରେ ଇରାନ ଉପରେ ଆକ୍ରମଣ କରିବାକୁ ଚାହିଁବେ। ଆମେରିକାର ଇରାନ୍ ବିରୋଧୀ ନୀତି ଦୃଷ୍ଟିରୁ ନେତାନ୍ୟାହୁଙ୍କୁ ଟ୍ରମ୍ପ ବ୍ୟବହାର କରିବା କିଛି ବିଚିତ୍ର ନୁହେଁ। ଏଠାରେ ମନେ ରଖିବାକୁ ହେବ ଯେ ଇରାନ ଗାଜାପଟି ନୁହେଁ। ଇରାନକୁ ସାମରିକ ଦୃଷ୍ଟିରୁ ସୁଦୃଢ଼ କରିବା ସକାଶେ ରୁଷ ଓ ଚୀନ କ୍ରମାଗତ ସହାୟତା ଯୋଗାଉଛନ୍ତି। ଅନ୍ୟପକ୍ଷରେ କାତାର ରାଜଧାନୀ ଦୋହା ଉପରେ ବୋମାମାଡ଼ କରି ଇସ୍ରାଏଲ ଯେଉଁ ରଣନୈତିକ ତ୍ରୁଟି କରିଛି ତାହା ସମ୍ଭାବ୍ୟ ତେହେରାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନରେ ବାଧକ ହେବ।

ମଧ୍ୟପ୍ରାଚ୍ୟରେ ଇସ୍ରାଏଲର କାର୍ଯ୍ୟକଳାପକୁ ନେଇ ଯେଉଁ ଅସନ୍ତୋଷ ସୃଷ୍ଟି ହୋଇଛି ତାହା ଆଗକୁ ଆମେରିକାର ବୃହତ୍ତର ସ୍ୱାର୍ଥହାନି ଘଟାଇବ। ଏହାସତ୍ତ୍ୱେ ନେତାନ୍ୟାହୁଙ୍କ ପ୍ରତି ଟ୍ରମ୍ପଙ୍କ କୋହଳ ନୀତି କୂଟନୈତିକ ମହଲରେ ବିସ୍ମୟ ସୃଷ୍ଟି କରିଛି। ଗାଜା ପରେ ଯୁଦ୍ଧ ଯଦି ଇରାନ ମୁହାଁ ହୁଏ ତେବେ ପରିସ୍ଥିତି ଆହୁରି ଭୟାବହ ହେବ। ସେଥିପାଇଁ ବିଶ୍ୱର ଦୁଇ ଅହଂକାରୀ ନେତା ହିଁ ଦାୟୀ ହେବେ।

## ଅସୁରକ୍ଷିତ ସ୍ୱାସ୍ଥ୍ୟ ବ୍ୟବସ୍ଥା

ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। କେଉଁଠି ଚିକିତ୍ସା କରିବାକୁ ଡାକ୍ତର ନାହାନ୍ତି ତ କେଉଁଠି ସେବାକାରୀ ସ୍ୱାସ୍ଥ୍ୟକର୍ମୀ ନାହାନ୍ତି। ହସପିଟାଲ ଓ ଚିକିତ୍ସା କେନ୍ଦ୍ର ଉପରେ ନିର୍ଭରଶୀଳ ସାଧାରଣ ରୋଗୀଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢୁଛି। ସ୍ଥଳବିଶେଷରେ ଚିକିତ୍ସା ତ୍ରୁଟି ଦର୍ଶାଇ ରୋଗୀର ପରିବାର ଓ ଆତ୍ମୀୟସ୍ୱଜନ ଦାୟିତ୍ୱରେ ଥିବା ଚିକିତ୍ସକ ଓ ତାଙ୍କ ସହାୟକଙ୍କୁ ଆକ୍ରମଣ କରୁଛନ୍ତି। ଏଭଳି ପରିସ୍ଥିତି ଅପେକ୍ଷାକୃତ ଅଧିକ ନିରାପଦ ଓ ସୁରକ୍ଷିତ ବ୍ୟବସ୍ଥା ମଧ୍ୟରେ ପରିଚାଳିତ ରାଜଧାନୀ ହସପିଟାଲରେ ମଧ୍ୟ ଅନୁଭୂତ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ୪ ଦିନ ସମୟ ଲାଗିଥିଲା। ଅନୁରୂପ ପରିସ୍ଥିତି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଉପୁଜିଛି। ଛୋଟ ପିଲାଙ୍କ ଚିକିତ୍ସା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ କୌଣସି କାରଣରୁ ସେମାନଙ୍କ ଜୀବନ ଚାଲିଗଲେ ଉତ୍ତେଜନା ଓ ହିଂସାକାଣ୍ଡ ସୃଷ୍ଟି ହୋଇଥାଏ। ଉପରୋକ୍ତ ଦୁଇଟି ଯାକ କ୍ଷେତ୍ରରେ ଶିଶୁମୃତ୍ୟୁ ହିଁ ବିବାଦର ମୁଖ୍ୟ କାରଣ।

ସୋମବାର କ୍ୟାପିଟାଲ ହସପିଟାଲରେ ଚିକିତ୍ସିତ ହେଉଥିବା ଜଣେ ଅଟୋଚାଳକଙ୍କ ପିଲାର ମୃତ୍ୟୁ ଘଟଣାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେଠାରେ ଥିବା ଫାଣ୍ଡି ଅଧିକାରୀ ଓ ପୁଲିସକର୍ମୀ କେବଳ ଦେଖଣାହାରି ପାଲଟିଥିଲେ। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିବା ହିଂସାକାଣ୍ଡର ତୁରନ୍ତ ସମାଧାନ ହୋଇ ପାରିନଥିଲା। ଅପରାହ୍ନ ୫ଟାରେ ତନଖି ଓ ଅନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାକ୍ରମ ସଂପର୍କରେ ପଚାରି ଚାଲିଯାଇଥିଲେ। ଏହି ଆକ୍ରମଣ ଘଟଣାକୁ କେନ୍ଦ୍ର କରି ହସପିଟାଲରେ ୩ ଦିନ ଧରି ଅଚଳାବସ୍ଥା ଲାଗିରହିଥିଲେ ମଧ୍ୟ ପରିସ୍ଥିତି ସୁଧୁରି ନଥିଲା। ଚତୁର୍ଥ ଦିନ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଆକ୍ରମଣକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ସ୍ୱାଭାବିକତା ଫେରିଛି। କ୍ୟାପିଟାଲ ହସପିଟାଲକୁ ମେଡିକାଲ କଲେଜର ମର୍ଯ୍ୟାଦା ଦିଆଯାଇଥିବାରୁ ତାହାର ଗୁରୁତ୍ୱ ବଢ଼ିଛି। ଅଥଚ ସେଠାରେ ଥିବା ଫାଣ୍ଡି ସହ ସଂଯୁକ୍ତ ଥିବା ଏକ ପ୍ଲାଟୁନ ପୁଲିସ ବାହିନୀକୁ କେଉଁ ପରିସ୍ଥିତିରେ ପ୍ରତ୍ୟାହାର କରିଦିଆଯାଇଥିଲା ତାହା ଆମକୁ ଅଜଣା। ଏବେ ପ୍ରଶାସନ ସେହି ପୁରୁଣା ବ୍ୟବସ୍ଥାକୁ ଫେରିଛନ୍ତି। ଆମର ଏଠାରେ କହିବାର କଥା ଯେ କ୍ଷମତା ବଦଳିଲେ ମଧ୍ୟ ବ୍ୟବସ୍ଥା ଅପରିବର୍ତ୍ତୀ ରହିବା ଜରୁରୀ। ଏହି ଛୋଟିଆ ଭୁଲରୁ କ୍ୟାପିଟାଲ ହସପିଟାଲରେ ଲଙ୍କାକାଣ୍ଡ ଘଟିଗଲା, ଆମେ ସେଥିପାଇଁ କାହାକୁ ଦାୟୀ କରିବା? ଏବେ ଆସିବା ନୟାଗଡ଼ ପ୍ରସଙ୍ଗକୁ। ଗୋଟିଏ ଅଢ଼େଇମାସର ଶିଶୁକୁ ଟିକା ଦେବାରେ ତ୍ରୁଟି ହେଉକି ଅନ୍ୟକିଛି, ଟିକା ସ୍ଥାନରୁ କ୍ରମାଗତ ରକ୍ତସ୍ରାବ ଘଟିବା ଅଭିଭାବକଙ୍କ ପାଇଁ ନିଶ୍ଚୟ ଚିନ୍ତା ଓ ଉଦ୍‌ବେଗର ବିଷୟ। ଏଏନଏମ ସ୍ତରରେ ହେଉଥିବା ତ୍ରୁଟିକୁ ମୁଖ୍ୟ ଚିକିତ୍ସାଳୟ ସ୍ୱତନ୍ତ୍ର ଚିକିତ୍ସା ମାଧ୍ୟମରେ ସୁଧାରି ପାରିଥା'ନ୍ତେ। ଏକ୍ଷେତ୍ରରେ ଯଥୋଚିତ ଗୁରୁତ୍ୱ ଦିଆ ନଯିବାରୁ ଶିଶୁଟିର ମୃତ୍ୟୁ ଘଟିଲା। ତେଣୁ ପରବର୍ତ୍ତୀ ପରିସ୍ଥିତି ଯାହା ହେବା କଥା ତାହା ହିଁ ସେଠାରେ ଉପୁଜିଲା। ଠିକାରେ ନିଯୁକ୍ତି ଏଏନଏମ ମାସ ମାସ ଧରି ବେତନ ନପାଇ ଏକନିଷ୍ଠ ସେବା ଦେଇ ନପାରିବାରେ ମଧ୍ୟ ଅସ୍ୱାଭାବିକତା ନାହିଁ। କିନ୍ତୁ ଏହା କାହାର ଜୀବନ ବିନିମୟରେ ହେବା ଉଚିତ ନୁହେଁ। ନିକଟ ଅତୀତରେ ଚିକିତ୍ସା ଅବହେଳା ସକାଶେ ସେଠାରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କୁ ନିଲମ୍ବନ କରାଯାଇଛି। ଆମକୁ ଏଠାରେ କହିବାକୁ ପଡୁଛି ଯେ ବ୍ୟବସ୍ଥା ସୁଧାରିବାରେ ଏହା ଏକମାତ୍ର ବିକଳ୍ପ ନୁହେଁ।

ଏହି ଦୁଇଟି ଘଟଣା ଉପସ୍ଥାପନ କଲା ବେଳେ କଲକାତାର ଆରଜି କର ହସପିଟାଲ ଘଟଣା ସ୍ୱତଃ ସାମ୍ନାକୁ ଆସିଯାଉଛି। ଚିକିତ୍ସାକେନ୍ଦ୍ର ବା ହସପିଟାଲ ରଣକ୍ଷେତ୍ର ବା ଅପରାଧୀଙ୍କ ଆଡ୍ଡାସ୍ଥଳ ହେବାକୁ ଦିଆଯିବ ନାହିଁ। ସାର୍ବଭାରତୀୟ ସ୍ତରରେ ଯେଉଁ ନିର୍ଦ୍ଦେଶାବଳୀ ଅନୁପାଳନ ସକାଶେ କଠୋର ତାଗିଦ୍ କରାଯାଇଥିଲା ତାହା ଆମରାଜ୍ୟରେ କାର୍ଯ୍ୟକାରୀ ହେଉଛି ତ? ଆମେ ଯେଉଁ ଘଟଣା ଏଠାରେ ଉପସ୍ଥାପନ କରିଛୁ ତାହା ବିରଳ ଘଟଣା ନୁହେଁ। ବିଭିନ୍ନ ସ୍ଥାନରେ ତାହା ଉପୁଜୁଛି। ସରକାର ସେଥିପ୍ରତି ସଚେତନ ହେବା ଉଚିତ।

# ଶାସକର ଦରବାର ଊର୍ଦ୍ଧ୍ୱରେ ଶାସିତର ଦରବାର

**ମନୋରଂଜନ ମହାନ୍ତି**

ଇତିହାସ ସାକ୍ଷୀ, ପୃଥିବୀରେ ଯେଉଁ ରାଷ୍ଟ୍ରରେ ଶାସନକର୍ତ୍ତାମାନେ ସାଧାରଣ ଜନତାକୁ ଶୋଷଣ କରିଛନ୍ତି, ସେଠି ବିଦ୍ରୋହର ନିଆଁ ଜଳିଛି। ଅତୀତରେ ରୁଷିଆରେ ଜାର୍ ବିରୋଧରେ, ଫ୍ରାନ୍ସରେ ଷୋଡ଼ଶ ଲୁଇଙ୍କ ବିରୋଧରେ, ଦକ୍ଷିଣ ଆଫ୍ରିକାରେ ଶ୍ୱେତାଙ୍ଗ ଶାସନ ବିରୋଧରେ, ପାକିସ୍ତାନରେ ଶାସକମାନଙ୍କ ବିରୋଧରେ ଜନସାଧାରଣ ସ୍ୱର ଜାଗ୍ରତ କରିଛନ୍ତି ଏବଂ ଅତ୍ୟାଚାରୀ ଶାସକମାନଙ୍କ ଶାସନର ଅନ୍ତ ଘଟାଇଛନ୍ତି। ଜନସାଧାରଣଙ୍କ ନେତୃତ୍ୱ ନେଇଛନ୍ତି ରୁଷିଆରେ ଲେନିନ୍, ଫ୍ରାନ୍ସରେ ଭଲ୍ଟାୟାର୍, ରୁଷୋ, ମଣ୍ଟେସ୍କ୍ୟୁ, ଦକ୍ଷିଣ ଆଫ୍ରିକାରେ ନେଲ୍‌ସନ୍ ମାଣ୍ଡେଲା, ପାକିସ୍ତାନରେ ମୁଜିବୁର୍ ରହେମାନ୍ ପ୍ରମୁଖ।

ସଂପ୍ରତି ପୃଥିବୀରେ ହିଂସା, ହତ୍ୟା, ରକ୍ତପାତର ବିଭୀଷିକା ସୃଷ୍ଟି ହେଉଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ମାତ୍ର ଦୁଇଟିର ଦୃଷ୍ଟାନ୍ତ ନିଆଯାଇପାରେ - ନେପାଳ ଓ ଫ୍ରାନ୍ସ। ନେପାଳରେ ୧୯୯୦ରେ ବହୁଦଳୀୟ ଗଣତନ୍ତ୍ର ପୁନର୍ସ୍ଥାପିତ ହେଲା ଏବଂ ୨୦୦୮ରେ ରାଜପଦ ଉଚ୍ଛେଦ ହେଲା। ୧୯୯୦ରୁ ୨୦୦୮ ପର୍ଯ୍ୟନ୍ତ ମାତ୍ର ୧୮ ବର୍ଷ ମଧ୍ୟରେ ୧୫ଜଣ ପ୍ରଧାନମନ୍ତ୍ରୀ କାର୍ଯ୍ୟଭାର ସମ୍ଭାଳିଥିଲେ। ପୁନଶ୍ଚ ୨୦୦୮ରୁ ୨୦୨୫ ଯାଏଁ ୧୭ ବର୍ଷ ମଧ୍ୟରେ ୧୨ଜଣ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିଲେଣି। ଯାହା ସ୍ପଷ୍ଟଭାବରେ ସୂଚାଇ ଦେଉଛି ଗୋଟେ ରାଜନୈତିକ ଅନିଶ୍ଚିତତା, ଅରାଜକତାକୁ। ୧୯୯୦ରେ ବହୁଦଳୀୟ ଗଣତନ୍ତ୍ର ପୁନର୍ସ୍ଥାପନ ହେବା ଦିନରୁ ଏପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ରାଜନୈତିକ ଦଳ ଆର୍ଥିକ ଲାଭ ନିମିତ୍ତ କ୍ଷମତାର ଅପବ୍ୟବହାର କରିଛନ୍ତି। ଦେଶ ସାଧାରଣତନ୍ତ୍ରରେ ପରିଣତ ହେବା ପରଠାରୁ ଆର୍ଥିକ ଦୁର୍ନୀତିର ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ବିମାନ କିଣାଠାରୁ ଆରମ୍ଭ କରି କର୍ପୋରେଟ୍ ଓ ରିଅଲ୍ ଇଷ୍ଟେଟ୍ ନିବେଶ ପର୍ଯ୍ୟନ୍ତ, ଏପରିକି ଶ୍ରମିକ ଶୋଷଣ କ୍ଷେତ୍ରରେ ସବୁଠି ଦୁର୍ନୀତି। ଚଳିତ ବର୍ଷ ପ୍ରାରମ୍ଭରେ କିଛି ନେପାଳୀ ନାଗରିକଙ୍କୁ ଭୁଟାନ୍‌ର ଶରଣାର୍ଥୀ ଭାବରେ ମିଥ୍ୟା ପରିଚୟପତ୍ର ପ୍ରଦାନ କରାଯାଇଛି ସେମାନେ ବିଦେଶରେ ବାସକରିବା ନିମିତ୍ତ। ପ୍ରାୟ ୧ଲକ୍ଷ ସେହିଭଳି ମିଥ୍ୟା ପରିଚୟପତ୍ରଧାରୀ ଏବେ ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ ଇତ୍ୟାଦି ରାଷ୍ଟ୍ରରେ ବାସ କରୁଛନ୍ତି। ନିଜ ଦେଶରେ ବେକାରୀ, ବେରୋଜଗାରୀ ବଢୁଥିବାରୁ ନେପାଳୀମାନେ ଅନ୍ୟ ରାଷ୍ଟ୍ରକୁ ପଳାଇଯିବାକୁ ପସନ୍ଦ କରୁଛନ୍ତି। ଅଧିକାଂଶ ରାଜନେତା ନିଜ ପରିବାରର ଲୋକଙ୍କୁ ଏବଂ ପ୍ରିୟ ପରିଚିତମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ପଦବୀରେ ଅବସ୍ଥାପିତ କରୁଛନ୍ତି କିମ୍ବା ସେମାନଙ୍କୁ ବ୍ୟବସାୟ କରିବା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି। ସାଧାରଣ ପାରିବାରିକ ପୃଷ୍ଠଭୂମି ଥିବା ଅନେକ ରାଜନେତା ରାଜନୀତିକୁ ମାଧ୍ୟମ କରି ସ୍ୱଳ୍ପକାଳ ମଧ୍ୟରେ ନିଜ ପାଇଁ ରାଜକୀୟ ପ୍ରାସାଦ ନିର୍ମାଣ କରୁଛନ୍ତି, ବିଳାସପୂର୍ଣ୍ଣ କାର୍ କିଣୁଛନ୍ତି, ନିଜର ବ୍ୟବସାୟିକ ପ୍ରତିଷ୍ଠାନରେ ବିପୁଳ ପୁଞ୍ଜି ନିବେଶ କରୁଛନ୍ତି। ସେମାନଙ୍କ ପିଲାମାନେ ଯେଉଁଭଳି ଆଡ଼ମ୍ବରପୂର୍ଣ୍ଣ ଜୀବନଯାପନ କରୁଛନ୍ତି ତା'କୁ ଦେଖି ସାଧାରଣ ଜନତା ବିରକ୍ତି ଓ କ୍ରୋଧ ପ୍ରକାଶ କରିବା ସ୍ୱାଭାବିକ।

ନେପାଳର ରାଜନୈତିକ ନେତୃତ୍ୱ ଓ ଅମଲାତନ୍ତ୍ରରେ ଉତ୍ତରଦାୟିତ୍ୱର ଅଭାବ, କୁଶାସନ, ବ୍ୟାପକ ଭ୍ରଷ୍ଟାଚାର, ଜ୍ଞାତିପକ୍ଷପାତିତା ବିରୋଧରେ ଦେଶର ଯୁବଗୋଷ୍ଠୀ ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଭଳି ସାମାଜିକ ଗଣମାଧ୍ୟମରେ ସ୍ୱର ଉତ୍ତୋଳନ କଲେ। ପ୍ରଧାନମନ୍ତ୍ରୀ କେ.ପି. ଓଲି ଓ ମନ୍ତ୍ରୀ, ଶାସନକର୍ତ୍ତାମାନେ ଏ ପ୍ରକାର ସମାଲୋଚନାକୁ ସହିପାରିଲେ ନାହିଁ, ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କଲେ। ଯୁବଗୋଷ୍ଠୀ ବିଦ୍ରୋହର ପନ୍ଥା ଅବଲମ୍ବନ କରିବାରୁ ପୁଲିସ୍‌ବାହିନୀ ଗୁଳି ଚଳାଇଲା, ସାଧାରଣ ଜନତା ଓ ଯୁବଛାତ୍ରମାନେ ମୃତାହତ ହେଲେ। ବିଦ୍ରୋହୀମାନେ କିଛି ରାଜନେତା ଏପରିକି ସାଂସଦ, ମନ୍ତ୍ରୀଙ୍କୁ ପ୍ରହାର କଲେ ଏବଂ ସେମାନଙ୍କ ବାସଗୃହରେ ନିଆଁ ଲଗାଇଦେଲେ।

ତେଣେ ଫ୍ରାନ୍ସରେ ରାଷ୍ଟ୍ରନାୟକ ମାକ୍ରନ୍‌ଙ୍କ ସ୍ୱେଚ୍ଛାଚାରିତା ସବୁ ସୀମା ଲଂଘନ କରିଛି। ମାତ୍ର ୧୨ମାସରେ ଜଣକ ପରେ ଜଣେ ୪ଜଣ ପ୍ରଧାନମନ୍ତ୍ରୀ-ପଦରେ ନିଯୁକ୍ତ ହୋଇଛନ୍ତି। ବିବାଦୀୟ ବଜେଟ୍ ଯୋଜନା ପାଇଁ ପ୍ରଧାନମନ୍ତ୍ରୀ ଫ୍ରାଙ୍କୋଇସ୍ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହେଲେ, ପରାସ୍ତ ହେଲା ପରେ ପଦଚ୍ୟୁତ ହେଲେ। ତରବରିଆ ଭାବେ ଆଉ ଜଣେ ପ୍ରଧାନମନ୍ତ୍ରୀଙ୍କୁ ଅବସ୍ଥାପିତ କରାଗଲା। ଗୋଟିଏ ବର୍ଷର ଅବଧିରେ ୪ଜଣ ପ୍ରଧାନମନ୍ତ୍ରୀ ଆସନରେ ବସିବା ଏବଂ ତ୍ରୁଟିପୂର୍ଣ୍ଣ ବଜେଟ୍ ଉପସ୍ଥାପିତ ହେବା କଥାକୁ ସାଧାରଣ ଲୋକେ ବରଦାସ୍ତ କରିପାରୁନାହାନ୍ତି। ରାଜନୈତିକ ଅରାଜକତା ଓ ଅର୍ଥନୈତିକ ଦୁଃସ୍ଥିତି ପାଇଁ ଜନସାଧାରଣ ବିଶେଷତଃ ଛାତ୍ରଯୁବସମାଜ ରାଜରାସ୍ତାକୁ ଆସିବା ଓ ପୋଡ଼ାଜଳା କରିବା ଘଟଣା ସମଗ୍ର ବିଶ୍ୱକୁ ମନେପକାଇ ଦେଉଛି ଅଷ୍ଟାଦଶ ଶତାବ୍ଦୀର ଫରାସୀ ବିପ୍ଳବର କଥା। ଷୋଡ଼ଶ ଲୁଇଙ୍କ ଅବହେଳା, ଅତ୍ୟାଚାରରେ ଅତିଷ୍ଠ ହେଲେ ସାଧାରଣ ବୁଭୁକ୍ଷୁ ଜନତା। ଶାସକ ଓ ତାଙ୍କ ସମର୍ଥିତ ମୁଷ୍ଟିମେୟ ପଦଲେହନକାରୀଙ୍କ ବିଳାସ, ବ୍ୟସନ ଥିଲା ଆକାଶଛୁଆଁ। ସେମାନଙ୍କ ବିରୋଧରେ ସଂଘଟିତ ହେଲା ଗୋଟେ ବିପ୍ଳବ। 'ସ୍ୱାଧୀନତା', 'ସମାନତା' ଓ 'ଭ୍ରାତୃତ୍ୱ'ର ସ୍ଲୋଗାନ୍ ଥିଲା ତତ୍କାଳୀନ ବିପ୍ଳବର ମୂଳମନ୍ତ୍ର।

ବିଶ୍ୱ ଇତିହାସରେ ଏପରି ରାଶିରାଶି ଦୃଷ୍ଟାନ୍ତ ରହିଛି। ଚୀନ୍‌ର ଶାସକଗୋଷ୍ଠୀ ତିଆନାନ୍‌ମେନ୍ ସ୍କୋୟାର୍‌ରେ ଗୁଳିଚଳାଇ ଯୁବଛାତ୍ରମାନଙ୍କୁ ହତ୍ୟା କରିବାର ବୀଭତ୍ସତା ଏବେ ବି ବିଶ୍ୱଜନମାନସରୁ ଲିଭିଯାଇ ନାହିଁ। ଗଣତନ୍ତ୍ର ସପକ୍ଷବାଦୀ ଆନ୍ଦୋଳନକୁ ସମର୍ଥନକରି ପ୍ରତ୍ୟକ୍ଷଭାବରେ ଆନ୍ଦୋଳନକାରୀମାନଙ୍କୁ ଉତ୍ସାହିତ କରିଥିବାରୁ ଗାଓସିନ୍‌ଝିଆନ୍‌ଙ୍କୁ ଚୀନ୍‌ରୁ ବହିଷ୍କାର କରାଯାଇଛି। ସେହିପରି ଷ୍ଟାଲିନ୍-ବିରୋଧୀ ଆନ୍ଦୋଳନରେ ଯୋଗଦେଇ ଆଲେକ୍‌ଜାଣ୍ଡାର୍ ଶୋଲ୍‌ଝେନିତ୍‌ସିନ୍ ରୁଷିଆରୁ, ସାନି ଆବାଚାଙ୍କ ସ୍ୱୈରଚାର ବିରୋଧରେ ବିପ୍ଳବ କରି ୱଲ୍ ସୋୟିଙ୍କା ନାଇଜେରିଆରୁ, ଆଣ୍ଟୋନିଓ ସାଲ୍‌ଜାର୍‌ଙ୍କ କୁ-ଶାସନ ବିରୋଧରେ ବିଷୋଦ୍‌ଗାର କରି ଜୋସ୍ ସାରାମାଗୋ ପର୍ତ୍ତୁଗାଲରୁ ନିର୍ବାସିତ ହୋଇଛନ୍ତି। ରୁଷିଆରେ ଷ୍ଟାଲିନ୍-ବିରୋଧୀ ଆନ୍ଦୋଳନରେ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିଥିବାରୁ ମାଣ୍ଡେଲ୍‌ଷ୍ଟାମ୍ କାରାରୁଦ୍ଧ ହୋଇଛନ୍ତି। ଦକ୍ଷିଣ-ଆଫ୍ରିକାରେ ଶ୍ୱେତକାୟମାନଙ୍କ ଅକଥନୀୟ ଅତ୍ୟାଚାର ବିରୋଧରେ ସଂଗ୍ରାମ କରି ନେଲ୍‌ସନ୍ ମାଣ୍ଡେଲା ବିଶ୍ୱଇତିହାସରେ ସର୍ବାଧିକ ୨୭ବର୍ଷ କାଳ କାରାଗାରରେ ଅତିବାହିତ କରିଛନ୍ତି। ସ୍ପେନ୍‌ରେ ଶାସକଗୋଷ୍ଠୀର ଯାବତୀୟ ଅନ୍ୟାୟ, ଅବିଚାର ବିରୋଧରେ ଜନଆନ୍ଦୋଳନକୁ ତେଜୀୟାନ୍ କରିଥିବା ଲୋର୍କାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଇଂଲଣ୍ଡରେ ଶାସନକର୍ତ୍ତାମାନଙ୍କର ଭ୍ରଷ୍ଟାଚାର ବିରୋଧରେ ସାଧାରଣ ଜନତାକୁ ସଚେତନ କରୁଥିବାରୁ ଡାନିଏଲ୍ ଡିଫୋଙ୍କୁ ଲଣ୍ଡନ୍‌ରେ ଏକ ଶାସ୍ତି ପ୍ରଦାନକାରୀ ଯନ୍ତ୍ର ବା ପିଲୋରୀରେ କ୍ରମାଗତ ୩ଦିନ ଧରି ଠିଆ ହୋଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାକିସ୍ତାନରେ ଆୟୁବ ଖାଁ, ୟାହିଆ ଖାଁ ଓ ଅନ୍ୟ ଶାସନକର୍ତ୍ତାମାନଙ୍କ ଦ୍ୱାରା ପ୍ରଣୀତ ପୂର୍ବ-ପଶ୍ଚିମ ପାକିସ୍ତାନ ମଧ୍ୟରେ ପାତରଅନ୍ତର ନୀତିକୁ ବିରୋଧ କରି ମୁଜିବୁର ରହେମାନ୍ କାରାଦଣ୍ଡ ଭୋଗିଛନ୍ତି; ଅଥଚ ସ୍ୱାଧୀନ ବଙ୍ଗଳାଦେଶ ଗଠନ ପାଇଁ ଦାବି କରି ଆନ୍ଦୋଳନକୁ ତୀବ୍ରତର କରିଛନ୍ତି। ଘନ ଅନ୍ଧାର ରାତିରେ ଢାକା ବିଶ୍ୱବିଦ୍ୟାଳୟ ପରିସରରେ ନିଦ୍ରିତ, ନିରସ୍ତ୍ର ଛାତ୍ରମାନଙ୍କ ଉପରେ ପାକିସ୍ତାନୀ ସେନାବାହିନୀ ପ୍ରଚଣ୍ଡ ଆକ୍ରମଣ କରିଛି। ଭାରତବର୍ଷରେ ଆପତକାଳୀନ ପରିସ୍ଥିତି ସମୟରେ ସମ୍ପୂର୍ଣ୍ଣ କ୍ରାନ୍ତିର କର୍ଣ୍ଣଧାର ଜୟପ୍ରକାଶ ନାରାୟଣ ଓ ଅନ୍ୟ ନେତୃବୃନ୍ଦଙ୍କ ସମେତ ଯୁବ ଛାତ୍ରମାନେ କାରାରୁଦ୍ଧ ହୋଇଛନ୍ତି।

ଏସବୁ ସତ୍ତ୍ୱେ ପୃଥିବୀର କୌଣସି ରାଷ୍ଟ୍ରରେ ଆନ୍ଦୋଳନ ଚପିଯାଇନାହିଁ କି ଆନ୍ଦୋଳନକାରୀମାନେ ଦବିଯାଇନାହାନ୍ତି। ସାଧାରଣ ଜନତାର ବିପୁଳ ଦରବାରରେ ଶୋଷକ ଶାସକଗୋଷ୍ଠୀ ଉପଯୁକ୍ତ ଶାସ୍ତି ପାଇଛନ୍ତି। ରାଜନୀତି ଓ ଅମଲାତନ୍ତ୍ରରେ ଭ୍ରଷ୍ଟାଚାର ପାଇଁ ସର୍ବତ୍ର ସାଧାରଣ ଜନତାକୁ ଦାରୁଣ ଦୁଃଖ ଭୋଗିବାକୁ ହୋଇଛି। ଦୁଃଖ ସେମାନଙ୍କୁ କ୍ରୋଧୀ କରିଛି ଏବଂ ସେହି କ୍ରୋଧର ପ୍ରତିଫଳନ ଆନ୍ଦୋଳନକାଳରେ ଦେଖିବାକୁ ମିଳିଛି ରାଜରାସ୍ତାରେ। ଏହା ହିଁ ଘଟିଯାଇଛି ନେପାଳ, ଫ୍ରାନ୍ସ ଇତ୍ୟାଦି ରାଷ୍ଟ୍ରରେ। ସାଧାରଣ ଜନତା ସାମାଜିକ ସଂସ୍କାର ଚାହେଁ, ରାଜନୀତି ଓ ଅମଲାତନ୍ତ୍ର ଭ୍ରଷ୍ଟାଚାରରୁ ମୁକ୍ତ ହେବା ଚାହେଁ। ପୃଥିବୀର ସବୁ ରାଷ୍ଟ୍ରର ଶାସକଗୋଷ୍ଠୀ ଏ ଦିଗରେ ସଚେତନ ହେବାର କଥା। ସେମାନେ ମନେ ରଖିବାର କଥା ଯେ ଶାସକର ଦରବାର ଊର୍ଦ୍ଧ୍ୱରେ ଅବସ୍ଥିତ ଶାସିତର ଦରବାର।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୭୨

# ପୃଥିବୀର କ୍ଷୁଦ୍ର ଉପଗ୍ରହ ଓ ଅର୍ଦ୍ଧ ଉପଗ୍ରହ

**ଇଂ ମାୟାଧର ସ୍ୱାଇଁ**

ଆମେ ଜାଣୁ ଯେ ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ ହେଉଛି ଚନ୍ଦ୍ର। ପୃଥିବୀର ଆଦ୍ୟାବସ୍ଥାରେ ମଙ୍ଗଳ ଗ୍ରହ ଆକାରର ଗୋଟିଏ ଜ୍ୟୋତିର୍ବିଦୀୟ ପିଣ୍ଡ ସହିତ ପୃଥିବୀର ଧକ୍କା ହେବା ଫଳରେ ଏଥିରୁ କିଛିଅଂଶ ବାହାରି ଯାଇ ଚନ୍ଦ୍ରର ସୃଷ୍ଟି ହୋଇଛି। ଚନ୍ଦ୍ର ପୃଥିବୀଠାରୁ ହାରାହାରି ୩୮୪୩୯୯ କିଲୋମିଟର ଦୂରରେ ପୃଥିବୀକୁ ୨୯.୫ ଦିନରେ ଥରେ ପରିକ୍ରମଣ କରୁଛି।

ବେଳେବେଳେ ସୌରଜଗତର ଗ୍ରହାଣୁ ବଳୟରେ ଥିବା କେତୋଟି ଗ୍ରହାଣୁ ପୃଥିବୀର ନିକଟ ଦେଇ ଗତି କରିବା ବେଳେ ପୃଥିବୀର ମାଧ୍ୟାକର୍ଷଣ ବଳ ଦ୍ୱାରା ଆକର୍ଷିତ ହୋଇ ପୃଥିବୀକୁ ପରିକ୍ରମଣ କରିଥା'ନ୍ତି। କିନ୍ତୁ ଏଗୁଡ଼ିକ ସ୍ଥାୟୀ ଉପଗ୍ରହ ଭାବେ ରହି ପାରନ୍ତି ନାହିଁ। କିଛିଦିନ ପୃଥିବୀକୁ ପରିକ୍ରମଣ କରି ପୁଣି ଏହାର ଆକର୍ଷଣରୁ ବାହାରି ଯାଆନ୍ତି। ଏଗୁଡ଼ିକୁ ଦୁଇଟି ଶ୍ରେଣୀରେ ଭାଗ କରାଯାଇଛି। ସେଗୁଡ଼ିକ ହେଉଛି କ୍ଷୁଦ୍ର ଉପଗ୍ରହ ଓ ଅର୍ଦ୍ଧ- ଉପଗ୍ରହ। କ୍ଷୁଦ୍ର ଉପଗହ ପୃଥିବୀ ଚାରିପଟେ ଅଳ୍ପଦିନ ପରିକ୍ରମଣ କରିଥାଏ। ଏପରିକି କେତେଗୁଡ଼ିଏ ପୃଥିବୀକୁ ଥରେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ପରିକ୍ରମଣ କରି ନ ଥା'ନ୍ତି। ନିକଟ ଅତୀତରେ ଦେଖା ଦେଇଥିବା ଗୋଟିଏ କ୍ଷୁଦ୍ର ଉପଗ୍ରହ ହେଉଛି '୨୦୨୪ ପିଟିଏସ୍'। ଏହାର ବ୍ୟାସ ହେଉଛି ମାତ୍ର ୧୧ ମିଟର ଏବଂ ଏହାକୁ ୨୦୨୪ ମସିହା ଅଗଷ୍ଟ ୭ ତାରିଖରେ ଦକ୍ଷିଣ ଆଫ୍ରିକାରେ ଥିବା ଆଟଲାସ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଆବିଷ୍କାର କରାଯାଇଥିଲା। ଏହା ୨୦୨୪ ମସିହା ସେପ୍ଟେମ୍ବର ୨୯ ତାରିଖରୁ ସେହି ବର୍ଷ ନଭେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ମାତ୍ର ୧ ମାସ ୨୭ ଦିନ ପୃଥିବୀକୁ ପରିକ୍ରମଣ କରି କକ୍ଷରୁ ଚାଲି ଯାଇଥିଲା। ୨୦୨୪ ମସିହା ଅଗଷ୍ଟ ୮ ତାରିଖରେ ପୃଥିବୀଠାରୁ ଏହାର ନିକଟତମ ଦୂରତା ୫୬୭୦୦୦ କିଲୋମିଟର ଥିଲା। ଏହା ୨୦୮୪ ମସିହାରେ ପୁଣି ପୃଥିବୀକୁ ୪୩ ଦିନ ପରିକ୍ରମଣ କରିବ ବୋଲି ଗଣନା କରାଯାଇଛି। ପୂର୍ବରୁ ମଧ୍ୟ କେତୋଟି ଅସ୍ଥାୟୀ ଉପଗ୍ରହ ପୃଥିବୀକୁ ପରିକ୍ରମଣ କରିଛି। ବାସ୍ତବରେ ମଙ୍ଗଳ ଓ ବୃହସ୍ପତି କକ୍ଷ ମଝିରେ ଥିବା ଗ୍ରହାଣୁ ବଳୟରେ ୧୧ ଲକ୍ଷରୁ ଅଧିକ ଜଣା ଗ୍ରହାଣୁ ଅଛନ୍ତି ଏବଂ ଏଥିମଧ୍ୟରୁ ପ୍ରାୟ ୩୦ ହଜାର ଗ୍ରହାଣୁ ପୃଥିବୀ କକ୍ଷ ନିକଟକୁ ଆସିଥା'ନ୍ତି। ଯଦି କୌଣସି ଗ୍ରହାଣୁ ପୃଥିବୀର ୪୫ ଲକ୍ଷ କି.ମି ନିକଟକୁ ଧୀର ବେଗରେ ଆସିଥାଏ, ତା'ହେଲେ ପୃଥିବୀର ମାଧ୍ୟାକର୍ଷଣ ବଳ ତା'କୁ ନିଜ କକ୍ଷକୁ ଟାଣିଆଣେ। ୧୯୯୧, ୨୦୦୬, ୨୦୨୦ ଓ ୨୦୨୨ ମସିହାରେ ମଧ୍ୟ ଗୋଟିଏ ଗୋଟିଏ ଆସ୍ଥାୟୀ କ୍ଷୁଦ୍ର ଉପଗ୍ରହ ପୃଥିବୀକୁ ପରିକ୍ରମଣ କରିଥିଲା।

ଅର୍ଦ୍ଧ-ଉପଗ୍ରହକୁ ବାସ୍ତବ ଅର୍ଥରେ ପୃଥିବୀର ଉପଗ୍ରହ କୁହାଯାଇପାରିବ ନାହିଁ। ଏହା ପୃଥିବୀକୁ ପରିକ୍ରମଣ କରେ ନାହିଁ। କିନ୍ତୁ ଏହାର କକ୍ଷ ଓ ପୃଥିବୀର କକ୍ଷ ପ୍ରାୟ ସମାନ ଥାଏ। ଅର୍ଥାତ୍ ପୃଥିବୀ ସୂର୍ଯ୍ୟ ଚାରିପଟେ ଥରେ ଘୂରି ଆସିବା ପାଇଁ ଯେତିକି ସମୟ ନେଇଥାଏ ଏହା ମଧ୍ୟ ପ୍ରାୟ ସେତିକି ସମୟ ନେଇଥାଏ। ଏହା ଅନେକ ବର୍ଷ ପର୍ଯ୍ୟନ୍ତ ପୃଥିବୀ କକ୍ଷ ନିକଟରେ ରହୁଥିବାରୁ ଏହାକୁ ପୃଥିବୀର ଅର୍ଦ୍ଧ-ଉପଗ୍ରହ କୁହାଯାଏ। ପ୍ରକୃତରେ ଏହା ହେଉଛି ଗୋଟିଏ ଭୂ-ସମୀପବର୍ତ୍ତୀ ଗ୍ରହାଣୁ ଏବଂ ପୃଥିବୀ ଦ୍ୱାରା ଆକର୍ଷିତ ହୋଇ ଏହା ନିକଟକୁ ଆସିଯାଇଛି।

ଚଳିତ ବର୍ଷ ଅଗଷ୍ଟ ୨୯ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ହାୱାଇ ବିଶ୍ୱବିଦ୍ୟାଳୟର ପାନଷ୍ଟାର୍ସ ପର୍ଯ୍ୟବେକ୍ଷଣାଗାର ଦ୍ୱାରା ଗୋଟିଏ ଅର୍ଦ୍ଧ-ଉପଗ୍ରହକୁ ଆବିଷ୍କାର କରାଯାଇଛି। ଏହାର ନାମ ୨୦୨୫ ପିଏନ୍୭ ଦିଆଯାଇଛି। ଏହାର ବ୍ୟାସ ହେଉଛି ୧୯ ମିଟର। ଏହାର କ୍ଷୁଦ୍ର ଆକାର ଓ ଅନ୍ଧାରୁଆ ପୃଷ୍ଠ ଯୋଗୁଁ ଏହା ବିଷୟରେ ବିଶଦ ତଥ୍ୟ ମିଳି ପାରିନାହିଁ। ପୃଥିବୀଠାରୁ ଏହାର ନିକଟତମ ଦୂରତା ହେଉଛି ୨୯୯,୦୦୦ କିମି.। ଜ୍ୟୋତିର୍ବିଦମାନେ ଗଣନା କରି ଜାଣି ପାରିଛନ୍ତି ଯେ ଏହା ୧୯୫୭ ମସିହାରେ ପୃଥିବୀର ଅର୍ଦ୍ଧ-ଉପଗ୍ରହର ସ୍ଥାନ ନେଇଛି ଏବଂ ପୃଥିବୀ କକ୍ଷ ନିକଟରେ ଏହା ୧୨୬ ବର୍ଷ ରହିବ। ୨୦୨୫ପିଏନ୍୭ ପୃଥିବୀର ପ୍ରଥମ ଅର୍ଦ୍ଧ ଉପଗ୍ରହ ନୁହେଁ। ଏହା ପୂର୍ବରୁ ମଧ୍ୟ ଆଉ କେତୋଟି ଅର୍ଦ୍ଧ-ଉପଗ୍ରହ ଜଣାଅଛି। ଗୋଟିଏ ଅର୍ଦ୍ଧ-ଉପଗ୍ରହ ହେଉଛି କାମୁଏ ଲେଓ୍ୱା। ଏହାକୁ ମଧ୍ୟ ପାନଷ୍ଟାର୍ସ୍ ପର୍ଯ୍ୟବେକ୍ଷଣାଗାରରୁ ୨୦୧୬ ମସିହା ଅପ୍ରେଲ ୨୭ ତାରିଖରେ ଆବିଷ୍କାର କରାଯାଇଥିଲା। ଏହାକୁ ଆରମ୍ଭରେ ୨୦୧୬ ଏଚ୍‌ଓ୩ ନାମ ଦିଆଯାଇଥିଲା। ମାତ୍ର ୨୦୧୯ ମସିହାରେ ଏହାର ନାମ କାମୁଏଲେଓ୍ୱା ରଖାଯାଇଛି। ଏହାର ବ୍ୟାସ ୪୦ ରୁ ୧୦୦ ମିଟର ମଧ୍ୟରେ ଆକଳନ କରାଯାଇଛି। ଏହା ସୂର୍ଯ୍ୟକୁ ୦.୯ରୁ ୧.୧ ମହାଜାଗତିକ ଏକକ ଦୂରତାରେ ପରିକ୍ରମଣ କରୁଛି। ପୃଥିବୀଠାରୁ ସୂର୍ଯ୍ୟର ହାରାହାରି ଦୂରତାକୁ ଏକ ମହାଜାଗତିକ ଏକକ କୁହାଯାଏ। ସୂର୍ଯ୍ୟ ଚାରିପଟେ ଏହାର ପରିକ୍ରମଣ ସମୟ ହେଉଛି ୩୬୫.୭ ଦିନ; ଅର୍ଥାତ୍ ପୃଥିବୀର ପରିକ୍ରମଣ ସହିତ ସମାନ। ଏହାର କକ୍ଷପଥ ଅତିମାତ୍ରାରେ ଉପବୃତ୍ତୀୟ ହୋଇଥିବାରୁ ଏହା ସର୍ବଦା ପୃଥିବୀ କକ୍ଷ ସହିତ ସମାନ କକ୍ଷରେ ରହିନଥାଏ। ଏହା ଗତ ଶହେ ବର୍ଷ ଧରି ପୃଥିବୀର ସାଥୀ ହୋଇ ରହିଛି ଏବଂ ଅତିକମ୍‌ରେ ଆହୁରି ତିନି ଶହ ବର୍ଷ ପାଇଁ ଏହିପରି ଭାବେ ରହିବ।

କକ୍ଷୀୟ ଅନୁନାଦ ଅଧ୍ୟୟନ ଏବଂ ଭୂ-ସମୀପବର୍ତ୍ତୀ ଗ୍ରହାଣୁଗୁଡ଼ିକର ଗଠନକୁ ଜାଣିବା ପାଇଁ ଅର୍ଦ୍ଧ-ଉପଗ୍ରହ ହେଉଛି ଗୋଟିଏ ପ୍ରାକୃତିକ ପରୀକ୍ଷାଗାର। ଏହି ଲକ୍ଷ୍ୟ ନେଇ ଚୀନ୍ ୨୦୨୫ ମସିହା ମେ ୨୮ ତାରିଖରେ ଟିଆୱେନ-୨ ଯାନକୁ ମହାକାଶକୁ ଉତ୍‌କ୍ଷେପଣ କରିଛି। ଏହା କାମୁଏଲେଓ୍ୱା ନିକଟରେ ୨୦୨୬ ମସିହା ଜୁଲାଇ ମାସରେ ପହଞ୍ଚି ଏହା ପୃଷ୍ଠରୁ ନମୁନା ସଂଗ୍ରହ କରିବ ଏବଂ ନମୁନାକୁ ୨୦୨୭ ମସିହା ନଭେମ୍ବର ମାସରେ ପୃଥିବୀ ପୃଷ୍ଠକୁ ପଠାଇବ। ସେଥିରୁ ତାହାର ଗଠନ ସମ୍ବନ୍ଧରେ ବିଶଦ ତଥ୍ୟ ଜଣାପଡ଼ିବ ବୋଲି ଆଶା କରାଯାଉଛି।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ତିବ୍ବତରେ ବୌଦ୍ଧ ବିହାର

## ଦ୍ୱିତୀୟ-ବୁଦ୍ଧ କଥା

**ପ୍ରବୀର କୁମାର ପଟ୍ଟନାୟକ**

ତିବ୍ବତରେ ବୌଦ୍ଧବିହାରଗୁଡ଼ିକ ସହର, ନଗର ଓ ଓ ଗ୍ରାମଠାରୁ ଅଳ୍ପଦୂରରେ ହିଁ ଅବସ୍ଥିତ। ପ୍ରାୟତଃ ଅଧିକାଂଶ ବୌଦ୍ଧବିହାର ପାହାଡ଼ ଉପରି ଭାଗରେ ହିଁ ନିର୍ମିତ। ତିବ୍ବତରେ କାଠର ଘୋର ଅଭାବ ଯୋଗୁଁ ବୌଦ୍ଧବିହାରଗୁଡ଼ିକ ପଥର ଓ ଖରାରେ ଶୁଖିଥିବା ଇଟା ବ୍ୟବହାର କରି ନିର୍ମାଣ କରାଯାଏ। ବିହାରଗୁଡ଼ିକର ଛାତ ପ୍ରାୟ ସମତଳ ଏବଂ କେତେକ ଚୀନ-ଶୈଳୀରେ ନିର୍ମିତ। ସମଗ୍ର ତିବ୍ବତରେ ଚାରିଆଡ଼େ ଖେଳାଇ ହୋଇ ପ୍ରାୟ ତିନିଶହରୁ ଅଧିକ ବୌଦ୍ଧବିହାର ଅବସ୍ଥିତ। ଏଗୁଡ଼ିକ ହେଉଛନ୍ତି ତିବ୍ବତୀୟ ସଂସ୍କୃତି ଓ ପରମ୍ପରାର କେନ୍ଦ୍ର ତଥା ଆଶ୍ରୟସ୍ଥଳ।

ଏହି ବିହାର ମଧ୍ୟରୁ ଅନେକ ବିଶାଳ ଆୟତନର। ଏଥିମଧ୍ୟରୁ କେତେକ ତିନି ହଜାରରୁ ଆରମ୍ଭ କରି ଦଶ ହଜାର ସଂଖ୍ୟକ ବୌଦ୍ଧ ଭିକ୍ଷୁ ବା ଲାମାଙ୍କର ରହଣି ସ୍ଥଳ। ବୃହତ୍ ଆକାରର ବିହାରଗୁଡ଼ିକରେ ଧାଡ଼ି ଧାଡ଼ି ଲାମାଙ୍କ ଆଶ୍ରୟ କୋଠରି ସବୁ ରହି ଏବଂ ଦୁଇ ବା ତିନି ମହଲା ବିଶିଷ୍ଟ କୋଠା ଓ ଚାରିପାଖେ ରହିଥିବା ବଡ଼ ବଡ଼ ଅଗଣା ରହି ଗୋଟିଏ ଗୋଟିଏ ସହର ଭଳି ଦେଖାଯାଏ। ଏହିଭଳି ବିଶାଳ ବିହାରଗୁଡ଼ିକର ସୁପରିଚାଳନା ହିଁ ଦେଶର ଶାସନ ବ୍ୟବସ୍ଥା ଲାମାମାନେ ନେଇଥିବାର ମୁଖ୍ୟ କାରଣ।

ବିହାର ଅବସ୍ଥିତ ଥିବା ସ୍ଥାନଟି ଅତ୍ୟନ୍ତ ସୁଦୃଶ୍ୟ। ସାଧାରଣତଃ ଏହାର ଦ୍ୱାର ପୂର୍ବଦିଗକୁ ଅଥବା ଦକ୍ଷିଣ ଦିଗକୁ ଖୋଲାଥାଏ। ଅନେକ ସ୍ଥଳରେ ଏହା ପାହାଡ଼ ଉପରେ ନଦୀ କୂଳରେ ଏବଂ ସାମନାରେ ହ୍ରଦଟିଏ ରହିଥିବା ସ୍ଥାନରେ ନିର୍ମିତ ହୋଇଥାଏ। ପ୍ରତ୍ୟେକଟି ବିହାରର ଚାରିପାଖରେ ବଗିଚା ମଧ୍ୟ ରହିଥାଏ। ବିହାରଗୁଡ଼ିକର ନାମକରଣ ଭାରତର ପ୍ରସିଦ୍ଧ ବୌଦ୍ଧ ବିହାର ନାମରେ ନାମିତ ହୋଇଥାଏ। ବିହାରଗୁଡ଼ିକର ସ୍ଥାପତ୍ୟ ସେହିଭଳି ଭାରତୀୟ ଶୈଳୀର। ତିବ୍ବତର ସମସ୍ତ ବୌଦ୍ଧ ବିହାରରେ ଲାମାମାନଙ୍କୁ ପ୍ରାଥମିକ ଶିକ୍ଷା ଦିଆଯାଇଥାଏ। ଧାର୍ମିକ ଶିକ୍ଷା ବ୍ୟତୀତ ସାହିତ୍ୟ, ବ୍ୟାକରଣ, ଚିକିତ୍ସାବିଦ୍ୟା, ଖୋଦେଇ ବିଦ୍ୟା (ଧାତୁ ଓ କାଠ), ରଙ୍ଗ କରିବା ଓ ଚିତ୍ରାଙ୍କନ ଆଦି ବିଭିନ୍ନ ଶିକ୍ଷା ଦିଆଯାଇଥାଏ। ଏହି ବିହାରରେ ଶିକ୍ଷା ଦାନ ମୁଖ୍ୟତଃ ଯେଉଁମାନେ ସଂଘରେ ପ୍ରବେଶ କରିଥା'ନ୍ତି, ସେମାନଙ୍କ ପାଇଁ ସାଧାରଣ ଲୋକଙ୍କ ପାଇଁ ନୁହେଁ। ଅନେକ ବଡ଼ ବଡ଼ ବିହାରରେ ବିଶ୍ୱବିଦ୍ୟାଳୟ ରହିଛନ୍ତି। ସମସ୍ତ ବିହାର ତଥା ବିଶ୍ୱବିଦ୍ୟାଳୟ ହେଉଛନ୍ତି ଆବାସିକ ଏବଂ ସମସ୍ତଙ୍କ ପାଇଁ ଭୂମି ଖଞ୍ଜା ଯାଇଛି। ଏହା ବ୍ୟତୀତ ଭକ୍ତ ଓ ତୀର୍ଥାଳୁମାନେ ମଧ୍ୟ ଏଗୁଡ଼ିକକୁ ସ୍ୱଇଚ୍ଛାରେ ଦାନ କରିଥା'ନ୍ତି। ଅମଳ ସମୟରେ ଲାମାମାନେ ଗ୍ରାମ ଗ୍ରାମ ବୁଲି ମଧ୍ୟ ଶସ୍ୟ ସଂଗ୍ରହ କରିଥା'ନ୍ତି। ଏହାବ୍ୟତୀତ ମନ୍ତ୍ରପାଠ, ଛବି ଓ ମୂର୍ତ୍ତି ଇତ୍ୟାଦି ବିକ୍ରି ସହ ଜାତକ ପ୍ରସ୍ତୁତି ଏବଂ ଜନ୍ମ, ବିବାହ, ମୃତ୍ୟୁ, ଚିକିତ୍ସା ସମୟରେ ପୂଜା- ଉପାସନା କାର୍ଯ୍ୟ ମଧ୍ୟ ଲାମାମାନେ କରିଥା'ନ୍ତି। ଏହାବ୍ୟତୀତ ଲାମାମାନେ ବିଭିନ୍ନ ଜିନିଷର ବ୍ୟବସାୟ ବାଣିଜ୍ୟ ସହ ମହାଜନୀ କାରବାର ମଧ୍ୟ କରିଥା'ନ୍ତି। ଏହି ସବୁ ଦିଗରୁ ବୌଦ୍ଧ ବିହାରଗୁଡ଼ିକର ବିପୁଳ ଆୟ ହୋଇଥାଏ। ବିହାରଗୁଡ଼ିକରେ ରହୁଥିବା ଲାମାମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ସଂଖ୍ୟକ ନିୟମିତ ବିଦ୍ୟାର୍ଥୀ ଏବଂ ଅନ୍ୟମାନେ ସେବକ ଅଥବା ସହାୟକ କାର୍ଯ୍ୟ କରିଥା'ନ୍ତି।

ପ୍ରତି ବୌଦ୍ଧ ବିହାରରେ ଗୋଟିଏ ବୌଦ୍ଧ ମନ୍ଦିର ରହିଛି। ତିବ୍ବତୀୟ ଭାଷାରେ ଏହି ମନ୍ଦିରକୁ ଲା-ଖନ୍ (ଈଶ୍ୱରଙ୍କ ଗୃହ) କୁହାଯାଏ। ମନ୍ଦିର ସାଧାରଣତଃ ବିହାରର କେନ୍ଦ୍ରସ୍ଥଳରେ ରହିଥାଏ ଏବଂ ମନ୍ଦିରଟି ବିହାରର ସବୁଠାରୁ ଅଧିକ ଆକର୍ଷଣୀୟ ତଥା ଉଲ୍ଲେଖନୀୟ ଉପାସନା ସ୍ଥଳ ହୋଇଥାଏ। ବିଶାଳ ବିହାରଗୁଡ଼ିକରେ ଏକାଧିକ ମନ୍ଦିର ଥାଏ। ବିନା ମନ୍ଦିରରେ କୌଣସି ବୌଦ୍ଧ ବିହାର ନାହିଁ। ମନ୍ଦିରଗୁଡ଼ିକରେ ଥିବା ପ୍ରତିମାସବୁ ମୁଖ୍ୟତଃ ବୁଦ୍ଧ, ବୋଧିସତ୍ତ୍ୱ, ଅନ୍ୟ ଦେବଦେବୀ, ତାନ୍ତ୍ରିକ ଓ ଅଣ-ତାନ୍ତ୍ରିକ ବୌଦ୍ଧାଚାର୍ଯ୍ୟଗଣ ଅନ୍ୟାନ୍ୟ ଏତିହାସିକ ବ୍ୟକ୍ତିମାନଙ୍କର ହୋଇଥାଏ। ପ୍ରତିମାଗୁଡ଼ିକ ପ୍ରାୟତଃ ଉଜ୍ୱଳ ଦିଶୁଥିବା ତମ୍ବା ଧାତୁରେ ନିର୍ମିତ। ଲାମାମାନେ ଦିନରେ ଏକାଧିକବାର ମନ୍ଦିରରେ ଜମା ହୋଇ ମନ୍ତ୍ରୋଚ୍ଚାରଣ କରନ୍ତି। ପ୍ରତିମାଗୁଡ଼ିକ ବ୍ୟତୀତ ମନ୍ଦିରର କାନ୍ଥ ସବୁ ରଙ୍ଗୀନଭାବେ ଦେବଦେବୀଙ୍କର ଓ ଆଚାର୍ଯ୍ୟମାନଙ୍କର ଚିତ୍ରରେ ଭରି ରହିଥାଏ। ଏହି ପ୍ରତିମା ଓ ଚିତ୍ରପଟମାନ ଉଚ୍ଚମାନର ତିବ୍ବତୀୟ କଳାଶୈଳୀର ପ୍ରତୀକ। ଏଗୁଡ଼ିକସବୁ ଦୀର୍ଘସ୍ଥାୟୀ ତଥା ହୃଦୟଗ୍ରାହୀ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରକାଶ ପାଇଲା ଆର୍‌ଆଇ, ଅମିନ ଆଡ୍‌ମିଟ୍ କାର୍ଡ

ଭୁବନେଶ୍ୱର, ୨୬।୯(ସମିସ): ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ଜାରି ହୋଇଛି। ଆସନ୍ତା ୮ ତାରିଖରୁ ନଭେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ହେବ। ଦିନକୁ ୩ଟି ଲେଖାଏଁ ସିଫ୍ଟରେ ପରୀକ୍ଷା ଦେବେ ଛାତ୍ରଛାତ୍ରୀ। ପ୍ରଥମ ସିଫ୍ଟ ସକାଳ ୯ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ହେବ। ସେହିପରି ଦ୍ୱିତୀୟ ସିଫ୍ଟ ୧୨ଟାରୁ ୧.୩୦ଏବଂ ତୃତୀୟ ସିଫ୍ଟ ୩ ଟାରୁ ୪.୩୦ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ଆରମ୍ଭ ହେବାର ଦେଢ଼ ଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀମାନେ ପ୍ରବେଶ କରିପାରିବେ। ସେହିପରି ପରୀକ୍ଷା ଆରମ୍ଭର ୨୦ମିନିଟ୍ ପୂର୍ବରୁ ଗେଟ୍ ବନ୍ଦ କରାଯିବ। କମ୍ପ୍ୟୁଟର ବେସଡ୍ ନିଯୁକ୍ତି ପରୀକ୍ଷା (ସିବିଆର୍‌ଇ) ମାଧ୍ୟମରେ ପରୀକ୍ଷା ହେବ। ଏନେଇ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି।

**୩ଟି ସିଫ୍ଟରେ ନଭେମ୍ବର ୧୩ ପର୍ଯ୍ୟନ୍ତ ପରୀକ୍ଷା**

ମୂଳରୁ ଏହି ପରୀକ୍ଷା ବିବାଦୀୟ ହୋଇଛି। ପୂର୍ବରୁ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ହେବା ପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଥିଲା। ମୋଟ୍ ପଦର ୫ଗୁଣା ପରୀକ୍ଷାର୍ଥୀ ମେନ୍ ପରୀକ୍ଷାକୁ ଉତ୍ତୀର୍ଣ୍ଣ ହେବାର ନିୟମ ଥିବାବେଳେ ସମସ୍ତଙ୍କୁ ଉତ୍ତୀର୍ଣ୍ଣ କରିଥିବାରୁ ଉଚ୍ଚ ନ୍ୟାୟାଳୟରେ ମାମଲା ହୋଇଥିଲା। ଫଳରେ ସରକାର ପ୍ରିଲିମିନାରୀ ପରୀକ୍ଷା ଫଳକୁ ରଦ୍ଦ କରିବା ସହ ପୁଣିଥରେ ନୂତନ ଭାବେ ପରୀକ୍ଷା କରିବାକୁ ଉଚ୍ଚ ନ୍ୟାୟାଳୟକୁ ଅବଗତ କରିଥିଲେ। ଫଳରେ ଆବେଦନ କରିଥିବା ୫ଲକ୍ଷ ୫୮ହଜାର ୧୨୮ ଆବେଦନକାରୀ ପୁଣିଥରେ ପରୀକ୍ଷା ଦେଇପାରିବେ।

# ୩୫ ସାଂଗଠନିକ ଜିଲ୍ଲା ସଭାପତି ଘୋଷଣା କଲା କଂଗ୍ରେସ

ଭୁବନେଶ୍ୱର,୨୬।୯(ସମିସ): ରାଜ୍ୟର ୩୫ ଟି ସାଂଗଠନିକ ଜିଲ୍ଲାସଭାପତିଙ୍କ ନାଁ ଘୋଷଣା କରିଛି କଂଗ୍ରେସ। ପ୍ରଥମ ଥର ପାଇଁ ଓଡ଼ିଶାରେ ସଂଗଠନ ସୃଜନ ପ୍ରକ୍ରିୟାରେ ଚୟନ ହୋଇଥିବା ସଭାପତି ତାଲିକା ଉପରେ ଏଆଇସିସି ମୋହର ମାରିଛି।

ଅନୁଗୁଳ ଜିଲ୍ଲା ପାଇଁ ସୁନିଲ ପ୍ରଧାନଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ବାଲେଶ୍ୱର ପାଇଁ ସତ୍ୟଶିବ ଦାସ, ବରଗଡ଼ ହରଦୀପ ସିଂ, ଭଦ୍ରକ ନଳୀନିକାନ୍ତ ମହାନ୍ତି, ଭୁବନେଶ୍ୱର ପ୍ରକାଶ ଚନ୍ଦ୍ର ଜେନା, ବଲାଙ୍ଗିର ଅନିଲ୍ ମେହେର, ବୌଦ୍ଧ ବିନ୍ଧ୍ୟବାନି ସାହୁ, କଟକ ପ୍ରଦୀପ୍ତ କୁମାର ଦାସ, କଟକ ନଗର ପାଇଁ ଗିରିବାଳା ବେହେରା, ଦେବଗଡ଼ ସେମ୍ ହେମ୍ବ୍ରମ, ଢେଙ୍କାନାଳ ଛବିରାଜ ବିଶ୍ୱାଳ, ଗଜପତି ଦାଶରଥି ଗମାଙ୍ଗୋ, ଗଞ୍ଜାମ (ପୂର୍ବ) ରଶ୍ମିରଞ୍ଜନ ପଟ୍ଟନାୟକ, ଗଞ୍ଜାମ (ପଶ୍ଚିମ) ରମେଶ ଚନ୍ଦ୍ର ଜେନା, ଜଗତସିଂହପୁର ଦେବପ୍ରସାଦ ନାୟକ, ଯାଜପୁର ମାଗୁଣି ବଟକୃଷ୍ଣ ଜେନା, ଝାରସୁଗୁଡ଼ା ଜୀବନ ସାର୍ଥକ ଦାସ, କଳାହାଣ୍ଡି ଜଳନ୍ଧର ନାୟକ, କନ୍ଧମାଳ ଚନ୍ଦ୍ରଶେଖର ପରିଡ଼ା, କେନ୍ଦ୍ରାପଡ଼ା ଡା. ଦେବସ୍ମିତା ଶର୍ମା, କେନ୍ଦୁଝର ମନୋଜ କୁମାର ଜେନା, ଖୋର୍ଦ୍ଧା ରାଜୀବ କୁମାର ପଟ୍ଟନାୟକ, କୋରାପୁଟ ରୁପକ ତୁର୍କୁ, ମାଲକାନଗିରି ଜି ଶ୍ରୀନିବାସ ରାଓ, ମୟୂରଭଞ୍ଜ ପୂର୍ବ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ମୟୂରଭଞ୍ଜ ପଶ୍ଚିମ ଭୂଷଣ ବିହାରୀ ସାହୁ, ନବରଙ୍ଗପୁର ଡା ଲିପିକା ମାଝୀ, ନୟାଗଡ଼ ରଞ୍ଜିତ ଦାସ, ନୂଆପଡ଼ା ଘାସିରାମ ମାଝୀ, ପୁରୀ ରାଜେଶ କୁମାର ମିଶ୍ର, ରାୟଗଡ଼ା ଆପାଲ୍ଲା କାଡ୍ରାକା ସ୍ୱାମୀ, ରାଉରକେଲା ସବିର ହୁସେନ୍, ସମ୍ବଲପୁର ଅମିତ କୁମାର ଗୁରୁ, ସୁବର୍ଣ୍ଣପୁର ବିନୋଦ ପାତ୍ର ଓ ସୁନ୍ଦରଗଡ଼ ପାଇଁ ନିର୍ମଳ ଚନ୍ଦ୍ର ନାୟକ ଜିଲ୍ଲା ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି।

ସୂଚନା ଥାଉ କି ଓଡ଼ିଶାରେ କଂଗ୍ରେସର ସମସ୍ତ ୩୫ ଟି ସାଙ୍ଗଠନିକ ଜିଲ୍ଲାର ସଭାପତି ଚୟନ ପାଇଁ ୩୫ ଜଣ ଏଆଇସିସି ପର୍ଯ୍ୟବେକ୍ଷକ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସଭାପତି ଚୟନ ପ୍ରକ୍ରିୟା ପାଇଁ ୭ ଦିନିଆ କ୍ୟାମ୍ପ କରିଥିଲେ। ପ୍ରତ୍ୟେକ ଜିଲ୍ଲାରେ ସଂପୃକ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ସାହାଯ୍ୟ କରିବା ପାଇଁ ପିସିସି ପକ୍ଷରୁ ୩ ଜଣ ଲେଖାଏଁ ରାଜ୍ୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିଲେ। ସଂପୃକ୍ତ ଜିଲ୍ଲାରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ଦଳୀୟ କର୍ମୀ ଓ ନେତା, ସାମାଜିକ ସଂଗଠନ ଓ ସାମ୍ବାଦିକ ଆଦିଙ୍କ ମତାମତ ସଂଗ୍ରହ କରି ସଭାପତି ତାଲିକା ପ୍ରସ୍ତୁତ କରି ଏଆଇସିସିକୁ ପ୍ରଦାନ କରିଥିଲେ। ଏହାକୁ ଯାଞ୍ଚ କରିବା ପରେ ଏଆଇସିସି ପକ୍ଷରୁ ଜଣଙ୍କ ନାମ ଉପରେ ମୋହର ବାଜିଛି।

## ମୁଖ୍ୟମନ୍ତ୍ରୀ ମକା ମିଶନର ପରାମର୍ଶ କର୍ମଶାଳା ଅନୁଷ୍ଠିତ

# ରାଜ୍ୟର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଶସ୍ୟ ମକା

ଭୁବନେଶ୍ୱର,୨୬।୯(ସମିସ): ମୁଖ୍ୟମନ୍ତ୍ରୀ ମକା ମିଶନ ଅଧୀନରେ ପ୍ରଥମ ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳା କୃଷି ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଏହି କର୍ମଶାଳାକୁ ଉଦ୍‌ଘାଟନ କରି କହିଲେ, ଧାନ ପରେ ମକା ରାଜ୍ୟରେ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଶସ୍ୟ ଭାବେ ପରିଗଣିତ ହେଉଛି। ଆଜିର ସମୟରେ ୧୫ଟି ଜିଲ୍ଲା ଓ ୪୫ଟି ବ୍ଲକ୍‌ରେ ମକା ମିଶନ କାର୍ଯ୍ୟ କରୁଛି। ଏହି ମିଶନ ବିଭିନ୍ନ ସରକାରୀ ବିଭାଗ ଯଥା କୃଷି ଓ କୃଷକ ସଶକ୍ତିକରଣ, ସମବାୟ, ମିଶନ ଶକ୍ତି ଏବଂ ଓରମାସ ଇତ୍ୟାଦି ବିଭାଗମାନଙ୍କ ସହଭାଗିତାର ଏକ ଉତ୍କୃଷ୍ଟ ଉଦାହରଣ। ନିୟମିତ କ୍ରେତା-ବିକ୍ରେତା ବୈଠକ ମକା ବିପଣନରେ ସକରାତ୍ମକ ପ୍ରଭାବ ପକାଇଛି। ନବରଙ୍ଗପୁରରେ ବିଜୟନଗର ବାୟୋ-ଟେକ, ଏକ ମକା ଆଧାରିତ ଷ୍ଟାର୍ଚ ଇଣ୍ଡଷ୍ଟ୍ରି ସ୍ଥାପନା ରାଜ୍ୟରେ ମକା ଚାଷର ଏକ ପ୍ରେରଣାଦାୟକ ଉତ୍ସ ହେବାକୁ ଯାଉଛି।

ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଭାତ କୁମାର ରାଉଳ କହିଲେ, ରାଜ୍ୟ ସରକାରଙ୍କ ଇଥାନଲ୍ ମିଶ୍ରଣ ନୀତି ଏବଂ ମିଠା ମକା ଓ ବେବି କର୍ଣ୍ଣର ବ୍ୟବହାର ଯୋଗୁଁ ମକା ଚାଷ କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି ହୋଇଛି। ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଚକ୍ରବର୍ତୀ ସିଂହ ରାଠୋର କହିଲେ, ଏହି ମିଶନ ଦୁଇଟି ଏକୀକୃତ ଆବଶ୍ୟକତା ସହିତ ଆରମ୍ଭ ହୋଇଛି। ମକାର ଉତ୍ପାଦନ ବୃଦ୍ଧି ଓ ଚାଷୀଙ୍କୁ ଉତ୍ତମ ବଜାର ମୂଲ୍ୟ ଯୋଗାଇ ଦେଉଛି। ମିଶନ ଶକ୍ତିର ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ଅତିରିକ୍ତ ନିର୍ଦ୍ଦେଶକ ଲିଟି ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏମଓୟୁ ସ୍ୱାକ୍ଷର କରିଥିବା ଦଶ କ୍ରେତା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଥିବା କୁକୁଡ଼ା ଖାଦ୍ୟ ଶିଳ୍ପ ଓ ଇଥାନଲ ଉତ୍ପାଦନ କମ୍ପାନୀ ଅନ୍ତର୍ଭୁକ୍ତ। କାର୍ଯ୍ୟକ୍ରମ ମିଶନ ପ୍ରୋଗ୍ରାମ ସେକ୍ରେଟାରିଆଟ ଆକ୍ସେସ ଡେଭେଲପମେଣ୍ଟ ସର୍ଭିସେସ ଦ୍ୱାରା ସଂଯୋଜନା କରାଯାଇଥିଲା। ଶେଷରେ, ଯୁଗ୍ମ କୃଷି ନିର୍ଦ୍ଦେଶକ (ଡାଲି ଏବଂ ତୈଳବୀଜ) ତଥା ନୋଡାଲ ଅଧିକାରୀ, ମୁଖ୍ୟମନ୍ତ୍ରୀ ମକା ମିଶନ ବିଷ୍ଣୁ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ଝାରସୁଗୁଡ଼ା...

ନେଟୱର୍କର ଶୁଭାରମ୍ଭ ସହିତ ଭାରତ ଏକ ମାଇଲଖୁଣ୍ଟ ହାସଲ କରିଛି। ଏହାକୁ ଘରୋଇ ୪ଜି ଟେଲିକମ୍ ଷ୍ଟାକ୍ ଥିବା କେବଳ ୫ଟି ରାଷ୍ଟ୍ର ମଧ୍ୟରେ ସ୍ଥାନିତ କରିଛି। ସ୍ୱଦେଶୀ ୪ଜି ନେଟୱାର୍କର ପ୍ରଚଳନ ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ ଦୃଷ୍ଟିକୋଣ ସହିତ ଏକ ପରିବର୍ତ୍ତନକାରୀ ପଦକ୍ଷେପ। ଏହା ଡିଜିଟାଲ୍ ବିଭାଜନକୁ ଦୂର କରିବ ଏବଂ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ସହିତ ବିଏସଏନଏଲ୍‌ର ୫ଜି ଅପଗ୍ରେଡ୍ ଏବଂ ଇଣ୍ଟିଗ୍ରେସନ ପାଇଁ ପଥ ପ୍ରଶସ୍ତ କରିବ ବୋଲି କେନ୍ଦ୍ର ସରକାର ଆଶା ରଖିଛନ୍ତି।

### ଅବପାତ ରୂପ ନେଲା...

ବନ୍ୟାଜଳ ନିଷ୍କାସିତ କରାଯାଉଛି। ଏହି ପାଣି ଏବେ ମୁଣ୍ଡଳୀରେ ଅତିକ୍ରମ କରୁଛି। ସନ୍ଧ୍ୟା ସୁଦ୍ଧା ନରାଜଠାରେ ମହାନଦୀ ସତର୍କ ସଙ୍କେତ୍ ମଧ୍ୟ ପାର୍ କରିଛି। ନରାଜଠାରେ ସତର୍କ ସଙ୍କେତ ୨୫.୪୧ ମିଟର ଥିବା ବେଳେ ଏଠାରେ ବିପଦ ସଙ୍କେତ ୨୬.୪୧ ମିଟର ରହିଛି। ସନ୍ଧ୍ୟା ସୁଦ୍ଧା ଏଠାରେ ବନ୍ୟାଜଳ ସତର୍କ ସଙ୍କେତ ଉପରେ ଅର୍ଥାତ ୨୫.୭୧ ମିଟର ଉପରେ ପ୍ରବାହିତ ହେଉଛି। ଶନିବାର ମୁଣ୍ଡଳି ଦେଇ ୭ ଲକ୍ଷ ଘନଫୁଟ ବନ୍ୟାଜଳ ପ୍ରତିସେକେଣ୍ଡରେ ପ୍ରବାହିତ ହେବାର ଆଶଙ୍କା ରହିଛି। ଏହା ତଳମୁଣ୍ଡରେ ବନ୍ୟା ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ମାତ୍ର ଜଳସମ୍ପଦ ବିଭାଗ ପକ୍ଷରୁ ବନ୍ୟା ଆଶଙ୍କାକୁ ଏଡ଼ାଇ ଦିଆଯାଇଛି। ଆଜି ଭଟ୍ଟାରିକା ପୀଠରେ ପାଣି ପଶିଥିବା ବେଳେ ମହାନଦୀ ସମ୍ପୂର୍ଣ୍ଣ ଫୁଲି ରହିଛି। ଯଦି ଶୁକ୍ରବାର ରାତିରେ ତଳ ମୁଣ୍ଡରେ ଅଧିକ ବର୍ଷା ହୁଏ ତେବେ ମହାନଦୀରେ ବନ୍ୟା ଭୟ ଆହୁରି ବଢ଼ିବ ବୋଲି ଆଶଙ୍କା କରାଯାଉଛି।

ଶନିବାର ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ନେଇ ଆକଳନ କରାଯାଇଛି। ମାତ୍ର ଏହି ଅବପତା ଓଡ଼ିଶା ଅତିକ୍ରମ କରିବା ପରେ ପୁଣି ଏକ ଲଘୁଚାପ ଆସନ୍ତା ୨ ତାରିଖରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ସବୁ ନଦୀରେ ଜଳସ୍ତର ଉଚ୍ଚା ରହିଥିବାରୁ ଆସନ୍ତା ଲଘୁଚାପକୁ ନେଇ ମଧ୍ୟ ଡର ବଢ଼ିଛି। ୨ ତାରିଖରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ଉତ୍ତର ଓଡ଼ିଶାରେ ଅଧିକ ବର୍ଷା କରାଇପାରେ। ତେଣୁ ଆସନ୍ତା ଲଘୁଚାପ ଉପରେ ଏବେଠାରୁ ନଜର ରହିଛି।

### ବର୍ଷା, ବନ୍ୟା ସ୍ଥିତି...

ଖୋର୍ଦ୍ଧା, ଢେଙ୍କାନାଳ, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ାକୁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି। ଏହି ଆଲୋଚନାରେ, ପ୍ରଭାବିତ ହେବାକୁ ଥିବା ଜିଲ୍ଲାର ଜିଲ୍ଲାପାଳମାନେ ବର୍ଷାକୁ ନଜରରେ ରଖି ଏହାର ପୂର୍ବ ପ୍ରସ୍ତୁତି କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ଜିଲ୍ଲା ଏବଂ ବ୍ଲକସ୍ତରରେ ନିୟନ୍ତ୍ରଣ କକ୍ଷଗୁଡ଼ିକ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ କରିବା ଏବଂ ଏହାର ତଥ୍ୟଗୁଡ଼ିକ ନିୟମିତ ଭାବେ ଅପଡେଟ୍ କରିବା ସହ ପରିବର୍ତ୍ତିତ ପରିସ୍ଥିତି ଦେଖି ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ସହରାଞ୍ଚଳରେ ବନ୍ୟା ସ୍ଥିତିର ମୁକାବିଲା ପାଇଁ ଡ୍ରେନେଜ୍ ଇଞ୍ଜିନିୟର୍ ଏବଂ ଅଧିକାରୀମାନଙ୍କୁ ସହାୟକ କର୍ମଚାରୀ ଏବଂ ଯନ୍ତ୍ରପାତି ସହ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି।

ଏଥିସହ ଦାୟିତ୍ୱରେ ଥିବା ଇଞ୍ଜିନିୟରିଂ କର୍ମଚାରୀମାନେ ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକ ଉପରେ କଡ଼ା ନଜର ରଖିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। ତୁରନ୍ତ ସହାୟତା ପାଇଁ ଓଡ୍ରାଫ୍ ଏବଂ ଅଗ୍ନିଶମ ସେବା ୟୁନିଟ୍‌ଗୁଡ଼ିକୁ ପୂର୍ଣ୍ଣ ପ୍ରସ୍ତୁତ, ବିଶେଷକରି ତଳିଆ ଅଞ୍ଚଳ କିମ୍ବା ଯେଉଁଠାରେ ବନ୍ୟା ଆଶଙ୍କା ରହିଛି ଏବଂ ଅନ୍ୟାନ୍ୟ ଆବଶ୍ୟକ ସ୍ଥାନରେ ୟୁନିଟ୍‌ଗୁଡ଼ିକୁ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହ ପାହାଡ଼ିଆ ଅଞ୍ଚଳରେ ଭୂ-ସ୍ଖଳନର ସମ୍ଭାବନା ଥିବାରୁ ଉକ୍ତ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରି କ୍ଷେତ୍ରୀୟ କର୍ମଚାରୀମାନଙ୍କୁ ପ୍ରସ୍ତୁତ ରହିବାକୁ ସେ ଜିଲ୍ଲାପାଳମାନଙ୍କୁ କହିଛନ୍ତି। ବିଶେଷକରି, ମାଲକାନଗିରି ଜିଲ୍ଲାରେ ଅଧିକ ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବହୁମୁଖୀ ବନ୍ୟା ବାତ୍ୟା ଆଶ୍ରୟସ୍ଥଳକୁ ବ୍ୟବହାର ପାଇଁ ପ୍ରସ୍ତୁତ ରଖାଯାଇଛି ଏବଂ ସେଥିରେ ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ମଧ୍ୟ ମହଜୁଦ ରଖାଯାଇଛି ବୋଲି ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଆବଶ୍ୟକସ୍ଥଳେ ତଳିଆ ଅଞ୍ଚଳରୁ ଲୋକଙ୍କୁ ଆଶ୍ରୟସ୍ଥଳକୁ ନେଇ ରନ୍ଧାଖାଦ୍ୟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଔଷଧପତ୍ର, ସାପ କାମୁଡ଼ା ଇଞ୍ଜେକ୍ସନ୍, ଗୋ-ଖାଦ୍ୟ ଓ ଅନ୍ୟାନ୍ୟ ପଶୁ ଖାଦ୍ୟ ଯଥେଷ୍ଟ ପରିମାଣରେ ମହଜୁଦ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଏହି ସମୀକ୍ଷା ବୈଠକରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଏବଂ ଆଭାସୀ ମାଧ୍ୟମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନସଚିବ, ପୁଲିସ ମହାନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମୁଣ୍ଡଳୀରେ ପହଞ୍ଚିଲା...

ବନ୍ୟା ପରିସ୍ଥିତି ଉପୁଜିବାର ସମ୍ଭାବନା ଦେଖାଦେଇଛି। ମୁଣ୍ଡଳୀ ବ୍ୟାରେଜ୍‌ର ଜଳସ୍ତର ବିପଦ ସଂକେତ ଉପର ମୁଣ୍ଡରେ ୯୭.୨୫ ଫୁଟ୍ ଏବଂ ତଳ ମୁଣ୍ଡରେ ୯୫.୦୫ ଫୁଟ୍ ରହିଛି। ମୁଣ୍ଡଳୀ ଦେଇ ୧୨ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଲେ ତଳମୁଣ୍ଡରେ କିମ୍ବା ତଳମୁଣ୍ଡରେ ଥିବା ନଦୀକୂଳିଆ ଅଞ୍ଚଳରେ ବନ୍ୟା ଦେଖାଦେଇଥାଏ। ଯେହେତୁ ବର୍ତ୍ତମାନ ମୁଣ୍ଡଳୀରେ ସେଭଳି କୌଣସି ବିପଦ ସଂକେତ ନାହିଁ, ତଥାପି ବର୍ଷା ଲାଗି ରହିଥିବାରୁ ତଳିଆ ଅଞ୍ଚଳର ଲୋକଙ୍କ ମନରେ ଏକପ୍ରକାର ଭୟ ଦେଖାଦେଇଛି।

### ବ୍ରାଣ୍ଡେଡ୍ ଔଷଧ...

ଲଗାଇଥିବାବେଳେ କିଚେନ୍ କ୍ୟାବିନେଟ୍‌ରେ ୫୦%, ଫର୍ଣ୍ଣିଚରରେ ୩୦% ଏବଂ ଭାରୀ ଟ୍ରକ୍ ଉପରେ ୩୦% ଶୁଳ୍କ ଲଗାଇଛନ୍ତି। ଏହି ନୂଆ ଟାରିଫ୍ ଅକ୍ଟୋବର ପହିଲାରୁ ଲାଗୁ ହେବ।

ଟ୍ରମ୍ପ୍ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଅକ୍ଟୋବର ପହିଲାରୁ ବ୍ରାଣ୍ଡେଡ୍ କିମ୍ବା ପେଟେଣ୍ଟ ହୋଇଥିବା ଔଷଧ ଉପରେ ଶତ ପ୍ରତିଶତ ଶୁଳ୍କ ଲାଗୁ ହେବ। ତାଙ୍କ ନିଷ୍ପତ୍ତି କେବଳ ଆମେରିକାରେ ନିଯୁକ୍ତି ବୃଦ୍ଧି କରିବ ନାହିଁ ବରଂ ବିଦେଶୀ କମ୍ପାନୀଗୁଡ଼ିକୁ ମଧ୍ୟ ଆକର୍ଷିତ କରିବ। ଏହା ଆମେରିକୀୟ କାରଖାନାଗୁଡ଼ିକୁ ଆହୁରି ମଜବୁତ କରିବ। ଏବେ ଟ୍ରମ୍ପ୍ ଔଷଧ ଉପରେ ଟାରିଫ୍ ବୃଦ୍ଧି କରିଛନ୍ତି, ଯାହା ଔଷଧ ଏବଂ ରୋଷେଇ କ୍ୟାବିନେଟ୍ ଉଭୟର ମୂଲ୍ୟ ବୃଦ୍ଧି କରିବ। ଟ୍ରମ୍ପ୍ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍‌ରେ ଲେଖିଛନ୍ତି ଯେ ସମସ୍ତ ବ୍ରାଣ୍ଡେଡ୍ ଏବଂ ପେଟେଣ୍ଟ ଔଷଧ ଉତ୍ପାଦଗୁଡ଼ିକ ଅକ୍ଟୋବର ପହିଲାରୁ ୧୦୦% ଶୁଳ୍କ ଲାଗୁ ହେବ। ଏହାଦ୍ୱାରା ଆମେରିକାରେ ସେମାନଙ୍କର ବ୍ୟବସାୟ ପ୍ରତିଷ୍ଠା କରିବାକୁ ଚାହୁଁଥିବା ଔଷଧ କମ୍ପାନୀଗୁଡ଼ିକ ଶୁଳ୍କ ରିଆତି ପାଇବେ। ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା ଲାଗୁ କରାଯାଇଥିବା ଏହି ଶୁଳ୍କ ଭାରତୀୟ ଔଷଧ ବଜାର ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। କାରଣ ଆମେରିକା ପ୍ରତିବର୍ଷ ବିଦେଶରୁ ବହୁ ସଂଖ୍ୟକ ଔଷଧ ଆମଦାନୀ କରିଥାଏ। ଔଷଧ ଉପରେ ଶୁଳ୍କ ବୃଦ୍ଧି କେବଳ କମ୍ପାନୀଗୁଡ଼ିକୁ ନୁହେଁ ବରଂ ଆମେରିକୀୟ ଜନସାଧାରଣଙ୍କୁ ମଧ୍ୟ ପ୍ରଭାବିତ କରିବ। କାରଣ କେବଳ ଗତ ବର୍ଷ ଆମେରିକା ଭାରତରୁ ୨୩୩ ବିଲିୟନ ଡଲାର ମୂଲ୍ୟର ଔଷଧ ଏବଂ ଅନ୍ୟାନ୍ୟ ଚିକିତ୍ସା ଉପକରଣ କିଣିଥିଲା। ଏପରି ପରିସ୍ଥିତିରେ ଆମେରିକୀୟ ଜନସାଧାରଣଙ୍କୁ ମଧ୍ୟ ବୃଦ୍ଧି ପାଉଥିବା ମୂଲ୍ୟ ଯୋଗୁଁ ଔଷଧ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡିବ।

### ପ୍ରିୟାଂଶୁ ପାଲ୍...

ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଶୋଭନ୍ ପଟ୍ଟନାୟକ ତୃତୀୟ, ମିର୍ଜା ଫୈଜ ଅହମ୍ମଦ କ୍ୱାଦ୍ରି ଚତୁର୍ଥ, ଚିନ୍ମୟ ସାହୁ ପଞ୍ଚମ, ଅନ୍ତିମ ସ୍ୱାଇଁ ଷଷ୍ଠ, ଶୈଳେଶ କୁମାର ଭୋଇ ସପ୍ତମ, ମହମ୍ମଦ ନାଜିଫ ହାତିଫ ଅଷ୍ଟମ, ଚିନ୍ମୟ କୁମାର ପାଢ଼ୀ ନବମ ଓ ମିଲନ ମହାପାତ୍ର ଦଶମ ସ୍ଥାନ ଅଧିକାର କରିଛନ୍ତି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ମୋଟ ୧୪୪ଜଣ ଅର୍ଥାତ୍ ମାତ୍ର ୩୬ପ୍ରତିଶତ ମହିଳା ପ୍ରାର୍ଥୀ ଅଛନ୍ତି।

ଚଳିତଥର ଟପର୍ ହୋଇଥିବା ଅନୁଗୋଳ ତୁରଙ୍ଗର ବାସିନ୍ଦା ପ୍ରିୟାଂଶୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ତାଙ୍କ ବାପା ସେନାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେବା କରିଛନ୍ତି। ତାହା ତାଙ୍କୁ ଲୋକଙ୍କ ସେବା କରିବାକୁ ପ୍ରେରିତ କରିଥିଲା। ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖି ପ୍ରସ୍ତୁତି ଆରମ୍ଭ କରିଥିଲେ। ସଫଳତା ପାଇଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ସରକାରୀ ବ୍ୟବସ୍ଥାକୁ ବୁଝିବା ପରେ ସ୍ୱଚ୍ଛତାର ସହ କାର୍ଯ୍ୟନିର୍ବାହ କରିବାକୁ ଉଦ୍ୟମ କରିବେ। ସେହିପରି ସରକାର ଲୋକଙ୍କ ପାଇଁ କରୁଥିବା ଯୋଜନାଗୁଡ଼ିକୁ ସଫଳ ରୂପାୟନ କରିବାକୁ ପ୍ରାଥମିକତା ଦେବେ। କାର୍ଯ୍ୟାଳୟକୁ ଆସି ଯେମିତି କୌଣସି ଲୋକ ଫେରିନଯିବେ, ସେଥିପାଇଁ ତତ୍ପର ରହିବେ। ଚାକିରିରେ ଥାଇ ମଧ୍ୟ ତାଙ୍କ ଭଉଣୀ ଗତବର୍ଷ ଓଏଏସ୍ ପାଇଥିଲେ। ଏହା ମଧ୍ୟ ତାଙ୍କୁ ପଢ଼ିବାକୁ ପ୍ରେରିତ କରିଥିଲା। ଗତ ଜାନୁଆରୀରୁ ସେ ଚାକିରି ଛାଡ଼ି ପୂର୍ଣ୍ଣ ପ୍ରସ୍ତୁତି କରୁଥିଲେ।

ସେହିପରି ଦ୍ୱିତୀୟ ସ୍ଥାନରେ ଥିବା ଅନନ୍ୟା ପୂର୍ବରୁ ଓଜେଏସ୍ ପରୀକ୍ଷାରେ ମଧ୍ୟ କୃତକାର୍ଯ୍ୟ ହୋଇ ଜଜ୍ ଭାବେ କାର୍ଯ୍ୟ କରୁଥିଲେ। ଏପରିକି, ରାଙ୍କର ତୃତୀୟ ସ୍ଥାନରେ ରହିଥିଲେ। ହେଲେ ଲୋକଙ୍କ ସେବା କରିବା ପାଇଁ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ଦେବାକୁ ମନସ୍ଥ କରିଥିଲେ। କିନ୍ତୁ ନ୍ୟାୟପାଳିକାର କିଛି ପ୍ରତିବନ୍ଧକ ପାଇଁ ତାଙ୍କୁ ଚାକିରି ଛାଡ଼ିବାକୁ ପଡ଼ିଥିଲା। ଓସିଏସ୍ ପରୀକ୍ଷା ପାଇଁ ପୂର୍ଣ୍ଣ ପ୍ରସ୍ତୁତି କରି ଦ୍ୱିତୀୟ ପ୍ରୟାସରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ତୃଣମୂଳସ୍ତରରେ ଲୋକଙ୍କ ସହ ମିଶି ସରକାରଙ୍କ ପ୍ରତିଟି ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବେ। ଜଜ୍ ଭାବେ ଘଟଣା ଘଟିବା ପରେ ରାୟ ଦେଇଥା'ନ୍ତେ; ହେଲେ ପ୍ରଶାସନିକ ଅଧିକାରୀ ଭାବେ ଏହା ପୂର୍ବରୁ ଲୋକଙ୍କ ପାଖରେ ପହଞ୍ଚି ପାରିବା ଆତ୍ମସନ୍ତୋଷ ପ୍ରଦାନ କରିବ ବୋଲି ସେ କହିଛନ୍ତି।

ସାକ୍ଷାତକାର ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମଧ୍ୟ ପ୍ରମାଣପତ୍ର ଯାଞ୍ଚ ସମୟରେ ୨ଜଣ ପ୍ରାର୍ଥୀ ଅନୁପସ୍ଥିତ ଥିବାରୁ ସେମାନଙ୍କୁ ବାଦ୍ ଦିଆଯାଇଛି। ସେହିପରି ଜାତି ପ୍ରମାଣପତ୍ର ଓ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇ ନପାରିବାରୁ ଦୁଇ ଜଣଙ୍କୁ ବାଦ୍ ଦିଆଯାଇଛି। ପୂର୍ବତନ କର୍ମଚାରୀ ଭାବେ ତଥ୍ୟ ଦେଇଥିବା ୩ଜଣ ଅଧିକାରୀଙ୍କୁ ସରକାରୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିବାରୁ ତାଙ୍କୁ ବାଦ୍ ଦିଆଯାଇଛି। ସୂଚନାଯୋଗ୍ୟ, ଓସିଏସ୍ ମୁଖ୍ୟ ପରୀକ୍ଷା ଚଳିତବର୍ଷ ଏପ୍ରିଲ ୧୯, ୨୦, ୨୨, ୨୪, ୨୭ ଏବଂ ମେ' ୧୫ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ସେପ୍ଟେମ୍ବର ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସାକ୍ଷାତକାର ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷା ପରେ ଓପିଏସ୍‌ସି ୩୯୮ ଜଣ ପ୍ରାର୍ଥୀଙ୍କୁ ଚୟନ କରିଛି।


**PUBLIC NOTICE**

This NOTICE is hereby given that my client Mr. DASARATHI SAHOO, S/O RANKANATH SAHOO has lost Original Regd. Sale Deed No. 4736, dtd. 08/08/1966 Deed details : Khata No- 55, Plot No. 62 Mouza- Cheunkasahi, P.S./ Tahasil- Banpur, Dist- Khurda, Odisha and a FIR (complaint no. 2448300207250016) for the same has been lodged at Banpur Police Station on 25th September 2025. All person / persons are hereby informed to put their claims or interest of objection about the said above referred documents and / or about the said property or any part thereof, within a period of 15 days along with the sufficient evidencefrom appearance of this notice. If deed is not found within 15days, then the certified copy of the document obtained from the registry office will be considered as the original document.

Samir Kumar Paikaray (Advocate)
Bhubaneswar Court
Ph: 7008005419

**AFFIDAVIT**

By virtue of an affidavit before the Notary Public, Titilagarh, on dated-11/09/2025. I, **Truptimayee Mishra** (new name), formerly called as Truptimayee Pujahari (old name), Wife of Ghanashyam Mishra, permanent resident of AT/PO/PS: Titilagarh (Hatpada Pada, Ward No.14), Dist- Bolangir, (Odisha), PIN-767033 declare that I have changed my name from **Truptimayee Pujahari** (old name) to **Truptimayee Mishra** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Truptimayee Mishra** (new name).

**Truptimayee Mishra**

KORAPUT CENTRAL CO-OPERATIVE BANK LTD.,
HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)
Phone No. (06854) 241159 / 232714
Email: ceo@koraputccb.com

Letter No. 2409/P&S/2025-26 | Date 24.09.2025

**QUOTATION CALL NOTICE**

Sealed quotations are invited from the intending registered firm for making a Glow sign board for branch banks of the Koraput Central Cooperative Bank Ltd., Jeypore along with supported valid GST & PAN are requested to submit their sealed quotations before the undersigned on or before **Dt.04.10.2025** by **5.30 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as a Glow sign board on envelop.

The tender will be opened on Dtd. **06.10.2025** at **11.30 A.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No. | Particulars | Qty. required approximately | Proposed installation Site/Places in the KCCB Ltd., Branch & ATMs |
|---|---|---|---|
| 1. | Glow Sign Board: Fixing Acrylic LED 3D Letters with 48mm Thickness On ACP Background with Frame (Odiya letters with the KCC Bank logo) along with standard Led lights fitting charges. Glow sign Board size approximately: 10" feet Length x 4 feet width" Note: The above size may vary from branch to branch. | 23 Nos. of Branches & 1 No. at Head Office | KCCB Ltd., H.O, Main, Mahila, Bazar, Sadar, Borigumma, Koraput, Semiliguda, Nandapur, Laxmipur, Narayanapatna Nabarangpur, Papadahandi, Kosagumuda, Umerkote, Malkangiri, Mathili, M.V 79 Branch at Kalimela, Balimela, Rayagada, Tikiri, Muniguda, Gunupur & Padmapur Branch bank. |
| | | 9 Nos. of ATM | KCCB Ltd., Main, Borigumma, Koraput, Semiliguda, Laxmipur, Nabarangpur, Mathili, Gunupur & Padmapur ATMs |

The above items should be quoted including GST, Transportation, Delivery/Supply at the above Branch Bank & ATMs of the Koraput Central Cooperative Bank Ltd., Jeypore (within undivided Koraput District) including installation charges. The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary,
Koraput Central Cooperative Bank Ltd.,
Jeypore.

**AFFIDAVIT**

I, Behera Dinesh Kamlakanta, S/o Kamalakanta Behera , resident of At/Po/Ps-Bhograi, Dist.-Balasore, Pin.No-756038, State-Odisha declared by this affidavit no-3156 dated 30-08-2025 that now onwards I shall be known as **Dinesh Kamalakanta Behera** for all future purposes.

**AFFIDAVIT**

I, Kamlakanta Behera, S/o-Raghunath Behera, resident of At/Po/Ps-Bhograi, District-Balasore, pin-756038 state odisha declared by this affidavit no 3758 dated 18/09/2025 that now onwards I shall be known as **Kamalakanta Behera** for all future purposes.

**AFFIDAVIT**

By virtue of an affidavit Sl. No. 2515, dtd. 26.09.2025 in the court of the Executive Magistrate, Phulbani, Dist.-Kandhamal, I, Kanistha Pradhan have changed my minor son's name from Kritikrisan Pradhan to Kritik Rasan Pradhan. Henceforth he will be known as Kritik Rasan Pradhan for all purposes.

Sd/- Kanishta Pradhan

**AFFIDAVIT**

By virtue of an affidavit sworn before Notary Public, Bhadrak, dtd. 10.09.2025, I, Manasi Jena, Apartibindha (New Colony), Bhadrak declare that I have changed the name of my son from Rudra Kumar Mallik to Nitesh Kumar Jena. Henceforth he shall be known as Nitesh Kumar Jena for all purposes.

Manasi Jena

**AFFIDAVIT**

I, Smt. Sulochana Ganda, D/o-Sri Raghu Ganda, W/o- Sri Laxmidhar Nayak, At-Balighat, Gopalpur Road, P.O.- Baliguali, P.S-Penthakata Marine, Dist Puri, Odisha-752002 by virtue of an affidavit before the Executive Magistrate, Puri on 20.05.2025 have changed my name to Smt. Rina Nayak for all purposes.

Rina Nayak

**AFFIDAVIT**

By virtue of an affidavit sworn before 319, dated-10/09/25, I Sri Chhatish Chandra Mohanta Address: At-Fulbadia, Po-Gadigan, Ps- Morada, Mayurbhanj, Odisha, Pin-757018 declare that I have changed my daughter's name from RAJI MOHANTA (old name) to JENNIFER MOHANTA (new name) Henceforth, she shall be known as JENNIFER MOHANTA (new name) for all future purposes.

Chhatish Chandra Mohanta

**AFFIDAVIT**

I, Sujita Kumr Patra S/o Sitaram Patra, Resident of Village/Po- Gunthapada, PS- Aska, Dist- Ganjam, Odisha, PIN- 761115 declare by this affidavit No.32243 dtd 25.09.2025 that now onwards I shall be known as **SUJITA KUMAR PATRA** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

I, Raghunath Khuntia, S/o- Bhima Khuntia , resident of At-Balidihi, Banapur, Dist-Khurda, Pin- 752031, Odisha declared by this affidavit No.783, dtd- 25/09/2025 that now onwards I shall be known as **KANDHA KHUNTIA** for all future purposes.

**AFFIDAVIT**

I, Navita Narayan Chavan, D/o- Narayan Chavan, resident of Plot No. L-42, Phase-3, Dumduma HB Colony, Bhubaneswar, Dist-Khurda, Pin- 751019, Odisha declared by this affidavit No. 62AA 420795, dtd-11/05/2023 that now onwards I shall be known as **NAVITA N** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 25/08/2025. Affidavit No. -2276, I Parvatee Chhualasingh, Address-Chhotijodi, Po.- Haladiapada, Ps.- Kanas, Dist- Puri, Pin-752060 declare that my Name from **Parei Chhualasingh** to **Parvatee Chhualasingh**. Henceforth, i shall be known as **Parvatee Chhualasingh** for all purposes.

**AFFIDAVIT**

I, Prashanta Kumar Barik,S/O-Khandeswar Barik, At/Po- Narendra-pur, Ps.- Banpur, Dist.-Khordha, Pin- 752031 Odisha declare by this affidavit no.-3653, dtd. 25/09/2025 that now onwards I shall be known as **PRASANTA KUMAR BARIK** for all future purposes.

**AFFIDAVIT**

I,Bali Behera S/o-Bhikari Behera, Resident of Kanjiasahi Mundula, Mundula, Ganjam, Odisha, PIN-761032 Odisha declared by that Affidavit No.1087/2025 Dated: 26.09.2025. That now onwards I shall Be Known As **Balaram Behera** for all future Purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 25/08/2025. I Satya Ranjan Sahoo, Address- Champapur, Po.-Gadaniala, Ps.- Khordha, Odisha, Pin-752055 declare that I have changed the Name of my daughter from **Shreyanshi Priyadarshini Sahoo to Shreyanshi Sahoo**. Henceforth, she shall be known as **Shreyanshi Sahoo** for all purposes.

**AFFIDAVIT**

By virtue of an affidavit sworn before the Executive Magistrate Jharbandh of District Bargarh dated 17th September 2025, CF No - 01, I Rajendra Banchhor aged about 35 years son of Late Nandalal Banchhor, resident of village Kotana, PO/PS.-Jharbandh, Dist.- Bargarh, Pin-768042 hereby declares that for and on behalf of my minor son Suraj Banchhor. I have changed my minor son's name from **Surah Banchhor (DOB-28.08.2015)** to **Suraj Banchhor (DOB-18.05.2014)**. Hence he will be known as **Suraj Banchhor** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangpur vide no. 1042 dtd. 26.09.2025, I, Sri Spandan Keshori Rout, S/o- Late Sangram Kesori Rout resident of MI Colony, Chamuriaguda, Nabarangpur state that, my son's original name spelling is **Sambhram Keshori Rout** but in the PM Shri Kendriya Vidyalaya School record his name has been wrongly entered as **Sambraham Keshori Rout.** That **Sambraham Keshori Rout** and **Sambhram Keshori Rout** is one and same person.

Sd/- **Spandan Keshori Rout**

**PUBLIC NOTICE**

Sale Deed No. 11131804036/2018 dated-11.05.2018 relating to Plot No. 754/2637, Khata No. 81, Mouza: Bhubaneswar City, Unit-20, Jagmara has been destroyed due to termite damage. Any person dealing with the said property based on this document does so at their own risk & we shall not be responsible. Owner name- Padmabati, Suchita, Sunita, Sujata Goenka, Contact number-9437579712

**AFFIDAVIT**

By virtue of an affidavit sworn before The Notary Public, Sunabeda dated 25/09/2025 I Sri. Sunil Pujari, S/o-Narayana Pujari, Vill:-Andaraguda, Po.- Panthalung, Ps.- Padwa, District- Koraput declare that I have changed my name from **Sunil Kumar Khada**, S/o- Suriya Khada to Sunil Pujari, S/o- Narayana Pujari. Henceforth, I shall be known as **Sunil Pujari** for all purposes.

Sd/- **Sunil Pujari**

# ପୂଜା ଆସିଲେ ଠକିବାକୁ ସୁଯୋଗ

**ବଲାଙ୍ଗିର, ୨୬।୯ (ସମିସ)**

ପାର୍ବଣକୁ ଆଖିରେ ରଖି କପଡ଼ା ବଜାର ଦିନକୁ ଦିନ ଜମିବାରେ ଲାଗିଛି। ପଶ୍ଚିମଓଡ଼ିଶାରେ ବିଶେଷ କରି ନୂଆଖାଇରୁ ଦଶହରା ପର୍ଯ୍ୟନ୍ତ କପଡ଼ା ବଜାରରେ ଭିଡ ଦେଖିବାକୁ ମିଳିଥାଏ। ତେବେ ବଲାଙ୍ଗିର ବଜାର ପଶ୍ଚିମଓଡ଼ିଶାରେ ବ୍ୟବସାୟିକ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ହୋଇଥିବାରୁ ବଲାଙ୍ଗିରରେ ପାର୍ବଣକୁ ନେଇ ଉଭୟ ରିଟେଲର ଓ ହୋଲସେଲର କପଡ଼ା ବ୍ୟବସାୟିକ ପ୍ରତିଷ୍ଠାନରେ ଭିଡ ଦେଖିବାକୁ ମିଳିଛି। ଏହାର ସୁଯୋଗ ନେଇ ବଜାରରେ ଏବେ ଅସଲି ବ୍ରାଣ୍ଡର ନକଲି ସାମଗ୍ରୀ ବିକ୍ରି ଚାଲିଥିବା ଅଭିଯୋଗ ହୋଇଛି। ଏ ଅଭିଯୋଗ ପୂର୍ବରୁ ମଧ୍ୟ ହୋଇଥିଲା। ଗତ ୨୦୨୩ରେ ନକଲି କପଡ଼ା କାରବାରରେ ଏକାଧିକ କପଡ଼ା ବ୍ୟବସାୟୀଙ୍କ ଗୋଦାମରେ ଚଢଉ ହୋଇଥିଲା। ତେବେ ଏହି କାରବାର ବନ୍ଦ ହୋଇଥିବା ନେଇ ବାହାରକୁ ଦେଖାଯାଉଥିବା ବେଳେ ଭିତରେ କିନ୍ତୁ ଏହି କାରବାର ଏବେ ବି ଚାଲିଥିବା ଅଭିଯୋଗ ହୋଇଛି। ଏହାଫଳରେ ଗ୍ରାହକମାନେ ଅସଲି ବ୍ରାଣ୍ଡ ନାମରେ ନକଲି କପଡ଼ା କିଣୁଥିବା ଅଭିଯୋଗ ହୋଇଛି। ଯେଉଁ କପଡ଼ାର ନା କିଛି ଗ୍ୟାରେଣ୍ଟି ଅଛି ନା ୱାରେଣ୍ଟି ରହିଛି। ଏହାଫଳରେ ସମ୍ପୃକ୍ତ କମ୍ପାନୀ ହିଁ ଏଥିରେ ବଦନାମ ହେଉଛି।

କପଡ଼ା ବ୍ୟବସାୟର ପ୍ରାଣକେନ୍ଦ୍ର ହେଉଛି ବଲାଙ୍ଗିର। ଉଭୟ ହୋଲସେଲିଂ ଓ ରିଟେଲିଂ ପାଇଁ ବଲାଙ୍ଗିର ଉପରେ ଶହ ଶହ ବ୍ୟବସାୟୀ ନିର୍ଭର କରିଥାନ୍ତି। ବାର୍ଷିକ କୋଟି କୋଟି ଟଙ୍କାର ବ୍ୟବସାୟ ହୋଇଥାଏ। ତେବେ ଏହାର ସୁଯୋଗ

- **ଅସଲି ବ୍ରାଣ୍ଡ ନାଁରେ ନକଲି କାରବାର**
- **ବାହାରେ ଅସଲି ବ୍ରାଣ୍ଡ, ଭିତରେ ନକଲି**
- **କପଡ଼ାର ମାନକୁ ନେଇ ପ୍ରଶ୍ନ**
- **୨୦୨୩ ରେ ଧରାପଡ଼ିଥିଲା କାରବାର**

ନେଇ ବଲାଙ୍ଗିରରେ ଅସଲି ବ୍ରାଣ୍ଡ ନାମରେ ନକଲି କପଡ଼ା ବିକ୍ରି ହେଉଥିବାର ଅଭିଯୋଗ ହୋଇଆସୁଛି। ବଲାଙ୍ଗିରରୁ ରେଡିମେଡ କପଡ଼ା କଳାହାଣ୍ଡି, ନୂଆପଡ଼ା, ସୋନପୁର, ବୌଦ୍ଧ ଯାଇଥାଏ। ତେବେ ଅସାଧୁ ବ୍ୟବସାୟୀମାନେ ଅସଲି ବ୍ରାଣ୍ଡ ଷ୍ଟିକର ଲାଗିଥିବା ପ୍ୟାକିଂରେ ନକଲି ସାମଗ୍ରୀ ଦେଇ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଅନେକ ସମୟରେ କପଡ଼ା ଦୋକାନରୁ ଗ୍ରାହକମାନେ ବିଭିନ୍ନ ବ୍ରାଣ୍ଡର ସାମଗ୍ରୀ ନେଇ ଠକେଇର ଶିକାର ହେବା ସହ ଅପଦସ୍ତ ହେଉଥିବା ମଧ୍ୟ ନଜୀର ରହିଛି। ବ୍ରାଣ୍ଡେଡ କପଡ଼ା ନାମରେ ଅଧିକ ଟଙ୍କା ଦେଇ ସାମଗ୍ରୀ କିଣି ନେଉଥିବା କପଡ଼ା ଥରେ କି ଦୁଇ ଥର ଧୋଇବା ପରେ ତାହାର ରଙ୍ଗ ଓ ମାନର ଅସଲ ଚେହେରା ସାମ୍ନାକୁ ଆସୁଥିବା ଅଭିଯୋଗ ହୋଇଛି। ଏନେଇ ଦୋକାନୀକୁ ଅଭିଯୋଗ କରିବା ପରେ ସେଥିପାଇଁ ସେମାନେ ଦାୟୀ ନୁହନ୍ତି ବୋଲି ପ୍ରତିକ୍ରିୟା ଦେଇ ବିଭିନ୍ନ ପ୍ରକାର ଧମକ ଚମକ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ପ୍ରାୟତଃ ଏହିଭଳି ଅଭିଯୋଗ ଗ୍ରାମ, ଛୋଟ ଛୋଟ ସହରରୁ ଆସୁଥିବା ବେଳେ ବଲାଙ୍ଗିର, ଟିଟିଲାଗଡ଼, କଣ୍ଟାବାଞ୍ଜି ଓ ପାଟଣାଗଡ଼ ଭଳି ସହରରେ ଖୋଲାଖୋଲି ଏହିଭଳି ନକଲି ଓ ନିମ୍ନମାନର କପଡ଼ା ବିକ୍ରି ହେଉଥିବା ଅଭିଯୋଗ ହୋଇଛି। କେବଳ କପଡ଼ା କାହିଁକି ଶାଢୀରେ ମଧ୍ୟ ଏହିଭଳି ନକଲି କାରବାର କରାଯାଉଥିବା ଦେଖିବାକୁ ମିଳିଛି। ଏହି ସବୁ କପଡ଼ା ବଲାଙ୍ଗିର ତଥା ରାୟପୁରରୁ ଦୋକାନକୁ ଆସୁଥିବା ବେଳେ ଅଧିକ ଟଙ୍କା ଲାଭ ପାଇବା ଆଶାରେ ରିଟେଲ ଦୋକାନୀମାନେ ଏହି କାରବାରରେ ଲିପ୍ତ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ପାର୍ବଣ ସମୟ ଥିବାରୁ କପଡ଼ା ବଜାରରେ ଲୋକଙ୍କ ଭିଡ ଜମିଛି। ଏହାର ସୁଯୋଗ ନେଇ ଛୋଟ ବଡ କପଡ଼ା ବ୍ୟବସାୟୀ ଏହି କାରବାର ଚଲାଇଥିବା ଅଭିଯୋଗ ହୋଇଛି। ଏ ଅଭିଯୋଗ ଆଜି କି କାଲିର ନୁହଁ। ଗତ କିଛି ବର୍ଷ ହେଲା ଏହା ଚାଲିଆସୁଛି। ୨୦୨୩ ପାର୍ବଣ ପୂର୍ବରୁ ଏକ ବଡ ଧରଣର ଚଢଉ କରାଯାଇଥିଲା। ବଲାଙ୍ଗିରର ଏକାଧିକ କପଡ଼ା ଗୋଦାମରେ ପୁଲିସ ଚଢଉ କରି ବିପୁଳ ପରିମାଣର ନକଲି କପଡ଼ା ଜବତ କରିଥିଲା। ଏହା ପରେ ଆଜି ପର୍ଯ୍ୟନ୍ତ ଏଦିଗରେ ଆଉ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହାର ସୁଯୋଗ ନେଇ ପୁଣି ଏହି କାରବାର ଚାଲିଛି। ନିୟମିତ ଭାବେ କପଡ଼ାର ମାନ ଯାଞ୍ଚ କରିବା ସହ ନକଲି କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା କଥା। ଯାହା ବଲାଙ୍ଗିରରେ କରାଯାଉନାହିଁ। ଏହା ଫଳରେ ଅସାଧୁ ବ୍ୟବସାୟୀମାନେ ଏହି କାରବାର ଚଳାଇଥିବା ଅଭିଯୋଗ ହୋଇଛି। ଏଦିଗରେ ପୁଲିସ ପଦକ୍ଷେପ ଗ୍ରହଣ ନ କରିବା ଆଶ୍ଚର୍ଯ୍ୟ କରିଛି।

# ଡାକ୍ତରଖାନାକୁ ଆମ୍ବୁଲାନ୍ସ ଦେଲା କମ୍ପାନୀ




**ଭବାନୀପାଟଣା /ଥୁଆମୁଳରାମପୁର, ୨୬।୯ (ସମିସ):** ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ମହାପ୍ରଣାୟ ଯାନ ଥୁଆମୁଳରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ହସ୍ତାନ୍ତର କରାଯାଇଛି। ଗ୍ରାମାଞ୍ଚଳରେ ଭିତ୍ତିଭୂମୀ ଉନ୍ନୟନ ତଥା କୌଶଳ ପ୍ରଶିକ୍ଷଣ ଜରିଆରେ ଜୀବିକା ପ୍ରଦାନ ଦିଗରେ ଅଗ୍ରଣୀ ଭୂମିକା ନିର୍ବାହ କରିଛି। ଏହି କ୍ରମରେ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ଉତ୍ସର୍ଗୀକୃତ ସେବା ଯୋଗାଇବା ସକାଶେ କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକରେ ମହାପ୍ରଣାୟ ଯାନ ୟୁଏଆଇଏଲ ତରଫରୁ ବ୍ଲକ ପ୍ରଶାସନ ଜରିଆରେ ଥୁଆମୁଳରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଦାନ କରାଯାଇଛି। ଉକ୍ତ ବ୍ଲକରେ ପ୍ରାଣହାନୀ ଘଟିଥିବା କୌଣସି ବ୍ୟକ୍ତିଙ୍କ ମରଶରୀରକୁ ପରିବହନ ପାଇଁ ଏହା ନିଶୁଳ୍କ ସେବା ଯୋଗାଇବ। ବିଭିନ୍ନ ସମୟରେ ମୃତ ବ୍ୟକ୍ତିଙ୍କ ମର ଶରୀରକୁ ପରିବହନ ପାଇଁ ଉପଯୁକ୍ତ ଯାନ ନମିଳିବାରୁ ଲୋକେ ବିଭିନ୍ନ ସମସ୍ୟା ସମ୍ମୁଖୀନ ହେଉଥିଲେ। ଏନେଇ ଉତ୍କଳ ଆଲୁମିନା ବାଫ୍ଲିମାଳି ଖଣି ମୁଖ୍ୟ ବିଜୟ ଚୌହାନଙ୍କ ପରାମର୍ଶ କ୍ରମେ ଆବଶ୍ୟକସ୍ଥଳେ ଥୁଆମୂଳ ରାମପୁର ବାସୀଙ୍କ ନିକଟରେ ସେବା ଯୋଗାଇବା ଉଦ୍ଦେଶ୍ୟରେ ଏହି ମହାପ୍ରଣାୟ ସେବା ଯୋଗାଇ ଦିଆଯାଇଛି। ଉକ୍ତ ଯାନକୁ ଆନୁଷ୍ଠାନିକ ଭାବେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବ ଚରଣ ମୁଦୁଲି, ତହସିଲଦାର ନିରଜ୍ ଭାତ୍ରା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ା ପ୍ରଦ୍ୟୁମ୍ନ ପଣ୍ଡା, ବିଧାୟକ ପ୍ରତିନିଧି ମାଣିକ ନାଏକଙ୍କ ସମେତ ୟୁଏଆଇଏଲ ଖଣି ସିଏସଆର ମୁଖ୍ୟ ମନୋଜ ଦାଶ, ସିକୁରିଟି ପରିଚାଳକ ଦିବ୍ୟଜ୍ୟୋତି ଦାସ, ବିଜୟ ବିଶି, ବିନୋଦ ପୂଜାରୀ ଓ ସଞ୍ଜିବ କୁମାର ପ୍ରମୁଖ ଉପସ୍ଥିତ ରହି ଉକ୍ତ ମହାପ୍ରଣାୟ ଯାନକୁ ହସ୍ତାନ୍ତର କରିଥିଲେ।

## କରୁଆମୁଣ୍ଡା ପଞ୍ଚାୟତରେ ଦୁର୍ନୀତି

# ଅନ୍ଧାରରେ ଗାଁ ଦାଣ୍ଡ; କାଗଜପତ୍ର ଉକିଆଁ

**କଣ୍ଟାବାଞ୍ଜି, ୨୬।୯ (ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲ ବ୍ଲକ କରୁଆମୁଣ୍ଡା ପଞ୍ଚାୟତ ବିର୍ଣ୍ଣା ଗାଁ ଦାଣ୍ଡ ବାସ୍ତବରେ ଅନ୍ଧାରରେ ଥିବାହେଲେ କାଗଜପତ୍ରରେ ଗାଁ ଦାଣ୍ଡ ଆଲୋକୀକରଣ ହୋଇ ଉକିଆଁ ଦିଶୁଥିବା ଚର୍ଚ୍ଚା ହେଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ କରୁଆମୁଣ୍ଡା ପଞ୍ଚାୟତ ପାଣ୍ଠିରୁ ବିର୍ଣ୍ଣା ଗାଁ ଦାଣ୍ଡକୁ ଆଲୋକୀକରଣ କରି ଷ୍ଟ୍ରିଟ୍ ଲାଇଟ ଲଗାଇବା ବଦଳରେ ଗତ ଅଗଷ୍ଟ ୨୨ ତାରିଖ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୋପାଲ ସିଂ ଭୋଇଙ୍କ ନାଁରେ ୯୦ ହଜାର ଟଙ୍କା ଉଠା ଯାଇଛି; କିନ୍ତୁ ଏନେଇ କିଛି ବର୍ଷ ତଳେ ଗାଁର ବିଦ୍ୟୁତ ଖୁଣ୍ଟରେ ଷ୍ଟ୍ରିଟ୍ ଲାଇଟ ଲଗା ଯାଇଥିବା ବେଳେ ତାହା ମଧ୍ୟ ଅଚଳ ଅବସ୍ଥାରେ ରହିଛି। ଗତ ମାସରେ ଗାଁରେ କୌଣସି ପ୍ରକାର ଷ୍ଟ୍ରିଟ୍ ଲାଇଟ ଲଗା ଯାଇ ନାହିଁ। ମରାମତି ମଧ୍ୟ ହୋଇନାହିଁ। ତେବେ ଅଗଷ୍ଟ ମାସରେ ପଞ୍ଚାୟତ କର୍ତ୍ତୃପକ୍ଷ ଏହି ମିଛ ବିଲ୍ କରି ସରକାରୀ ଅନୁଦାନ ଆତ୍ମସାତ କରିଥିବା ଅଭିଯୋଗ ହେଉଛି। ଏନେଇ ଦାୟିତ୍ୱରେ ଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୋପାଲ ସିଂ ଭୋଇଙ୍କୁ ପଚାରିବାରୁ ଝରଣୀ ଗାଁର ଜଣେ ଠିକାଦାରଙ୍କୁ ଷ୍ଟ୍ରିଟ୍ ଲାଇଟ କାମ ଦିଆଯାଇଥିଲା କହି ସେ ମଧ୍ୟ ଠିକ ଉତ୍ତର ଦେଉନାହାଁନ୍ତି। ତେବେ ଗାଁରେ ଷ୍ଟ୍ରିଟ୍‌ଲାଇଟ ନ ଲାଗାଇ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀମାନେ ସରକାର ତଥା ପ୍ରଶାସର ଆଖିରେ ଧୂଳି ଦେଇ ସରକାରୀ ଟଙ୍କା ଲୁଟ୍ କରିଥିବା ଚର୍ଚ୍ଚା ବିଷୟ ହୋଇଛି। ବଲାଙ୍ଗୀର ଜିଲ୍ଲା ପ୍ରଶାସନ ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ନା ଅନୁକମ୍ପା ଦେଖାଇ ଛାଡି ଦେବ ଦେଖିବାକୁ ରହିଲା।

**୯୦ ହଜାର ଟଙ୍କା ହଡ଼ପ**

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଚୁକ୍ତି ସ୍ୱାକ୍ଷର

**ଭବାନୀପାଟଣା, ୨୬।୯ (ସମିସ):** ଭବାନୀପାଟଣା ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଗବେଷଣା ଦିଗରେ ସର୍ବଦା ତତ୍ପର ତଥା ସଚେତନ। ଗବେଷଣା କ୍ଷେତ୍ରରେ ନୂତନ ଆଭିମୁଖ୍ୟ ନେଇ ବିଭିନ୍ନ ସମୟରେ ବିଭିନ୍ନ ଗବେଷଣା ପ୍ରତିଷ୍ଠାନ ସହିତ ଚୁକ୍ତି ସ୍ୱାକ୍ଷରିତ କରିଆସିଛି। ଗବେଷଣା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ଉତ୍ତମ କରି ଗଢି ତୋଳିଥାଏ। କୋରାପୁଟସ୍ଥିତ କାଉନସିଲ ଅଫ୍ ଆନାଲାଇଟିକାଲ୍ ଟ୍ରାଇବାଲ ଷ୍ଟଡିଜ୍ (କୋଟସ୍)ର ନିର୍ଦ୍ଦେଶକ ପି ସି ମହାପାତ୍ର ଓ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ.ନିବେଦିତା ନାଥଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଚୁକ୍ତି ସ୍ୱାକ୍ଷର କରି ଜନଜାତି ଗବେଷଣା କ୍ଷେତ୍ରରେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଯୁଗାନ୍ତକାରୀ ପଦକ୍ଷେପ ନେଇଛି। କୋରାପୁଟର ବିଶ୍ଳେଷଣାତ୍ମକ ଆଦିବାସୀ ଅଧ୍ୟୟନ ପରିଷଦ (କୋଟସ୍)




ଆଦିବାସୀ ସମ୍ପ୍ରଦାୟର ଗବେଷଣା ନିମିତ୍ତ ୧୯୯୩ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଏହା ବିକ୍ରମଦେବ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ଓଡ଼ିଶାର ପ୍ରମୁଖ ଗବେଷଣା ସହ ଶୈକ୍ଷିକ ପ୍ରତିଷ୍ଠାନ। ପ୍ରତିଷ୍ଠାନ ମିଳିତ ସେମିନାର, ଗବେଷଣା ପ୍ରକଳ୍ପ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରି ଗବେଷଣାକୁ ତ୍ୱରାନ୍ୱିତ କରିବ। ଚୁକ୍ତିଦ୍ୱାରା ଆଦିବାସୀ ସମ୍ପ୍ରଦାୟର ସାମାଜିକ, ସାଂସ୍କୃତିକ, ଆର୍ଥିକ ଓ ଶୈକ୍ଷିକ ଦିଗରେ ଗବେଷଣାର ମାନ ବୃଦ୍ଧି ପାଇବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଗବେଷଣାର ପରିଧିକୁ ପରିବ୍ୟାପ୍ତ କରି ଗବେଷକଙ୍କ ପାଇଁ ନୂତନ ଉତ୍ସାହ ସୃଷ୍ଟି କରିବ। ସମାରୋହରେ ପରିଶେଷରେ ପ୍ରଫେସର ମାଗୁଣୀ ବେହେରା ଧନ୍ୟବାଦ ଦେଇଥିଲେ।

# ଭାଙ୍ଗିଲା ଘର ; ଅଳ୍ପକେ ବର୍ତ୍ତିଲେ ପରିବାର

**କୋକସରା, ୨୬।୯ (ସମିସ):** ଗତ କିଛି ଦିନ ହେଲା ଲାଗି ରହିଥିବା ଲଘୁଚାପ ଜନିତ ଲଗାଣ ବର୍ଷାରେ କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ଡଙ୍ଗରୀଗୁଡା ଗ୍ରାମର ଦିବାକର ବାଗଙ୍କ ଘର ଭାଙ୍ଗି ଯାଇଛି। ତେବେ ଘର ଭୁଶୁଡ଼ି ଯିବାରୁ ଅଳ୍ପକେ ତାଙ୍କ ପରିବାର ବର୍ତ୍ତି ଯାଇଛନ୍ତି। ଗୁରୁବାର ବିଳମ୍ବିତ ରାତ୍ରିରେ ଅନେକ ଦିନରୁ ଦୁର୍ବଳ ଅବସ୍ଥାରେ ଥିବା ଦିବାକରଙ୍କ ଚାଲ, ଛପର ମାଟି ଘର ଭାଙ୍ଗି ଭୁଶୁଡ଼ି ଯାଇଛି। ତେବେ ଘର ଭୁଶୁଡ଼ି ପଡ଼ିବା ପରେ ଏହି ଗରିବ ପରିବାର ଚିନ୍ତାରେ ପଡ଼ିଯାଇଛନ୍ତି। ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବା ପାଇଁ ତାଙ୍କ ଦାବି କରିଛନ୍ତି। ଏନେଇ କୁସୁମଖୁଣ୍ଟି ରାଜସ୍ୱ ନିରୀକ୍ଷକ ରାକେଶ ହୋତାଙ୍କୁ ପଚାରିବାରୁ ପଲିଥିନ ଯୋଗାଇ ଦେବା ସହ ଯାହା ସରକାରୀ ସୁବିଧା ଅଛି ଯୋଗାଇ ଦିଆଯିବ ବୋଲି କହିଛନ୍ତି।



# ବିଶ୍ୱ ଫାର୍ମାସିଷ୍ଟ ଦିବସ ଉପଲକ୍ଷେ ଚାରାରୋପଣ

**କୋକସରା, ୨୬।୯ (ସମିସ):** କୋକସରା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ଆମପାଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଗୁରୁବାର ବିଶ୍ୱ ଫାର୍ମାସିଷ୍ଟ ଦିବସ ଅବସରରେ ଚରାରୋପଣ କରାଯାଇଛି। ମୁଖ୍ୟଅତିଥି ଭାବେ ଡାକ୍ତର ଧନେଶ୍ୱର ଟୁଡୁ ଯୋଗଦେଇ ଚାରା ରୋପଣ କରିଥିଲେ। ଫାର୍ମାସିଷ୍ଟ ସ୍ୱପ୍ନେନ୍ଦୁ ମୁଣ୍ଡ, ସୁଧୀର ଧଙ୍ଗଡ଼ାମାଝୀ, ଜିତେନ୍ଦ୍ର ନାରାୟଣ ଦାସ, ବିନୋଦ ନାଏକ, ଧୀରେନ୍ଦ୍ର ନାଏକ ସମେତ ଆମପାଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ରହି ମେଡିକାଲ ପରିସରରେ ଚାରାରୋପଣ କରିଥିଲେ।

# କୋନାବିରାରେ ପଶିଲା ତିଖାଲି ଡ୍ୟାମ୍ ପାଣି



**କୋମନା, ୨୬।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ କୋନାବିରା ଗାଁକୁ ପ୍ରବେଶ କରିଛି ଲୋୟର ଇନ୍ଦ୍ର ଜଳସେଚନର ପାଣି। ଚଳିତ ଲଗାଣ ବର୍ଷା ଯୋଗୁଁ ପ୍ରକଳ୍ପରେ ୨୬୫ ମିଟର ଜଳରାଶି ଗଚ୍ଛିତ ଥିବା ବେଳେ କୋନାବିରା ଗାଁ ସ୍ଥିତ ଶିବ ମନ୍ଦିର ଚାରି ପାର୍ଶ୍ୱରେ ମଧ୍ୟ ପାଣି ଜମାଟ ବାନ୍ଧିଛି। ଯାହାଫଳରେ ଗାଁରେ ରହୁଥିବା ଲୋକେ ନାନାଦି ସମସ୍ୟା ମଧ୍ୟରେ କାଳାତିପାତ କରୁଥିବା ଜଣା ପଡ଼ିଛି। ସମ୍ପୂର୍ଣ୍ଣ ଭାବରେ ଗାଁରେ ରହୁଥିବା ପରିବାରମାନେ ଜଳବନ୍ଦୀ ଭାବେ ବାସ କରୁଥିବା ବେଳେ ସମସ୍ତେ ବର୍ଷାଜଳର କରାଳ ରୂପ ଯୋଗୁଁ ଚିନ୍ତିତ ହୋଇ ପଡ଼ିଛନ୍ତି। ଅପରପଟରେ ଗାଁକୁ ସରକାର ସମ୍ପୂର୍ଣ ବୁଡି ଘୋଷଣା କରିଥିଲେ ସୁଦ୍ଧା ନିଜର କ୍ଷତିପୂରଣ ରାଶି ଏ ପର୍ଯ୍ୟନ୍ତ ପାଇନଥିବା ଯୋଗୁଁ ଭିଟାମାଟି ଛାଡିବାକୁ ଲୋକେ ନାପସନ୍ଦ କରିଛନ୍ତି। ତତ୍କାଳୀନ ବିଜେଡି ସରକାର ୨ ହଜାର ମସିହାରେ ତିଖାଲି ଲୋଅର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରି ଡ୍ୟାମ ନିର୍ମାଣ କାମ ଆରମ୍ଭ କରିଥିଲେ। ଏବଂ ୨୦୨୩ ମସିହାରେ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ। ତଥାପି ସରକାରଙ୍କ ଥଇଥାନ ନୀତି ଅନୁଯାୟୀ କ୍ଷତିଗ୍ରସ୍ତ ଲୋକେ ଏ ଯାଏଁ ଥଇଥାନ ପାଇବାରୁ ବାଞ୍ଚିତ ହୋଇଛନ୍ତି।

## ୭୦ ବର୍ଷରେ କେସିଙ୍ଗା ସାର୍ବଜନୀନ ଦୁର୍ଗାପୂଜା

# ରବିବାର ମାଁ ବୁଢ଼ାଡଙ୍ଗରଙ୍କ ବାର୍ଷିକ ଦଶହରା

**କେସିଙ୍ଗା, ୨୪।୯ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ଅନୁଷ୍ଠିତ ସାର୍ବଜନୀନ ଦୁର୍ଗାପୂଜା ଚଳିତ ବର୍ଷ ପୂରଣ କରିଛି ୭୦ତମ ଦୁର୍ଗାପୂଜା। ଜିଲ୍ଲାର ପୁରାତନ ଦୁର୍ଗାପୂଜା ମଧ୍ୟରୁ ଗୋଟିଏ। ସୋମବାର ଠାରୁ ଏଠାରେ ଶାରଦୀୟ ନବରାତ୍ରି ଆରମ୍ଭ ହୋଇଛି। ଆକର୍ଷଣୀୟ ଏଲଇଡି ତୋରଣ ସହିତ ଅତି ସୁନ୍ଦର ଆଲୋକ ସାଜସଜ୍ଜା ଶ୍ରଦ୍ଧାଳୁଙ୍କୁ ବେଶ ପସନ୍ଦ ଆସୁଛି। କେସିଙ୍ଗାରେ ସାର୍ବଜନୀନ ଦୁର୍ଗାପୂଜା ସମେତ ସ୍ଥାନୀୟ ମାଁ ଅମ୍ବେ ମନ୍ଦିରରେ, ଗୌରୀଶଙ୍କର ମନ୍ଦିରରେ ମଧ୍ୟ ଧୁମ୍ ଧାମରେ ନବରାତ୍ରି ପାଳନ ହେଉଥିବା ବେଳେ ସ୍ଥାନୀୟ ବୋରିଙ୍ଗପଦର ରେ ମଧ୍ୟ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥାଏ। ସାର୍ବଜନୀନ ଦୁର୍ଗାପୂଜାରେ ପ୍ରତିବର୍ଷ ଚିତ୍ତାକର୍ଷକ ରାବଣପୋଡ଼ି ଆୟୋଜନ କରାଯାଇ ଥାଏ। ଚଳିତ ବର୍ଷ ମଧ୍ୟ ଦଶମୀ ଦିନ ରାବଣପୋଡ଼ିର ଭବ୍ୟ ଆୟୋଜନ କରାଯାଇଛି। ନବରାତ୍ରି ପାଇଁ ପ୍ରତ୍ୟେକ ଦିନ ଗୌରୀ ଶଙ୍କର ମନ୍ଦିର ଓ ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପରେ ଦିନ ବେଳା ଭୋଗର ବ୍ୟବସ୍ଥା କରାଯାଇଥିବା ବେଳେ ରାତ୍ରିରେ ସ୍ଥାନୀୟ ମାଁଅମ୍ବେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପାଇଁ ଭୋଗର ବ୍ୟବସ୍ଥା କରାଯାଇଛି ଯାହାର ମୂଲ୍ୟ ୬୦ ଟଙ୍କା ରଖାଯାଇଛି। ଚଳିତ ବର୍ଷ ସାର୍ବଜନୀନ ଦୁର୍ଗାପୂଜା କମିଟିର ସଭାପତି ଭାବରେ ଦାୟିତ୍ୱ ନେଇଛନ୍ତି ବରିଷ୍ଠ ରାମ କୁମାର ଜୈନ, ସମ୍ପାଦକ ଭାବରେ ଉମେଶ କୁମାର ନାଏକ ଦାଇତ୍ୱ ନେଇଥିବା ବେଳେ ଅନିଲ ଜୈନ, ପ୍ରଶାନ୍ତ ବାନାର୍ଜୀ, ବିଘ୍ନରାଜ ଦୀପ, ରିଷବ ଜୈନ, ଗଦାଧର ସିଂଦେଓ, ବଳରାମ ସୁନା, ରାମଜୀ ମାତଖଣ୍ଡିଆ, ମନୋଜ ଗୁପ୍ତା ରଘୁରାଜ ସିଂ ଓ ବିଜୟ ପାଢ଼ୀ ପ୍ରମୁଖ ଅନ୍ୟାନ୍ୟ ପ୍ରମୁଖ ଦାଇତ୍ୱରେ ନିଜର କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସେହିପରି କେସିଙ୍ଗାର ଅଧିଷ୍ଠାତ୍ରୀ ଦେବୀ ମାଁ ବୁଢ଼ାଡଙ୍ଗରଙ୍କ ବାର୍ଷିକ ଦଶହରା ରବିବାର ଦିନ ଅନୁଷ୍ଠିତ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ଘୋଷଣା କରାଯାଇଛି।



# ଓଜିବି ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଶିବିର

**ବଲାଙ୍ଗିର, ୨୬।୯ (ସମିସ):** ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ଼ା ପ୍ରଯୋଜିତ ଏବଂ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଛତାମଖନା ଶାଖା ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧକ୍ଷ ଡ. ଧନଞ୍ଜୟ ସେଠ ସଭାପତିତ୍ୱ କରିଥିଲେ। ଅତିରିକ୍ତ ବିଡିଓ ପୁଇଁନ୍ତଲା ବିଜୟ ହୋତା, ଡିଡିଏମ୍ (ନାବାର୍ଡ଼ା) ଡ. ବିବେକ ନାୟକ, ଏଲ୍‌ଡିଏମ୍ (ବଲାଙ୍ଗିର) ପ୍ରଶାନ୍ତ ବେହେରା, ରିଜିଓନାଲ ମ୍ୟାନେଜର ସୂର୍ଯ୍ୟକାନ୍ତ ସାହୁ ଏବଂ ଶାଖା ପରିଚାଳକ ରଷଭରାଜ ଗନ୍ତାୟତ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପରିସରରେ ଚାରାରୋପଣ କରାଯାଇଥିଲା। ଏଥିରେ ପାଖାପାଖି ୨୫୦ ଛାତ୍ରଛାତ୍ରୀ ଏବଂ ଏସ୍‌ଏଚ୍‌ଜି ମାଁମାନେ ଯୋଗ ଦେଇଥିଲେ। ଯୁବ ରେଡକ୍ରସର ଜିଲ୍ଲା ସଂଯୋଜକ ତଥା ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂସ୍କୃତ ଅଧାପକ ଡ. ଦୈତାରୀ ପୂଜାରୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଅଧାପକ ଡ. ପବିତ୍ର ଦଣ୍ଡସେନା, ପଦ୍ମାଳୟା ତ୍ରିପାଠି, ସୁଦାମ ଚରଣ ଖମାରୀ, ଚାରୁଲତା ମିଶ୍ର, ରାଧାକାନ୍ତ ସାହୁ, ପ୍ରେମାନନ୍ଦ ବିଶି, ଦୁର୍ବାଦଳ ମିଶ୍ର, ଦୁଃଖିଶ୍ୟାମ ବାଗ ଓ ସଂଯୁକ୍ତା ବାଗ ସହଯୋଗ କରିଥିଲେ।

# ଦୁର୍ଗାପୂଜା ପାଇଁ ବିଲ୍ୱବରଣ



**କୋକସରା, ୨୬।୯ (ସମିସ):** କୋକସରା ବ୍ଲକ ଲଡୁଗାଁ ଶାରଦୀୟ ଦୁର୍ଗାପୂଜା ପାଇଁ ଗୁରୁବାର କର୍ତ୍ତାବରଣ ସହ ବିଲ୍ୱବରଣ ପୂଜାବିଧି ଅନୁଷ୍ଠିତ ହୋଇଛି। ଏହିକ୍ରମରେ ପୂଜା ମଣ୍ଡପ ନିକଟରୁ ଅବତାର ଗ୍ରୁପ କୋଟପାଡ଼ ସହିତ କଳାହାଣ୍ଡିର ବିରବାଦ୍ୟ ଘୁମୁରା, ଯାଦବ ସଂସ୍କୃତିର ମହାନ ବିଭବ ବନାବାଡି, ଢେମସା ଆଦି ସାଂସ୍କୃତିକ ଦଳ ଗହଣରେ ଶୋଭାଯାତ୍ରା ବାହାରି କର୍ତ୍ତା ଘରକୁ ଯାଇଥିଲେ। ସେଠାରେ ପୂଜା କର୍ତ୍ତା ରାଜୀବ କୁମାର ଅଗ୍ରୱାଲ ଓ ତାଙ୍କ ସହଧର୍ମିଣୀ ରୀତା ଅଗ୍ରୱାଲଙ୍କୁ ସ୍ୱାଗତ କରାଯାଇଥିଲା। ସେଠାରୁ ବାହାରି ମାଝୀପଡ଼ା ଠାରେ ବିଲ୍ୱ ବରଣ ପୂଜାବିଧି କରାଯାଇଥିଲା। ପଣ୍ଡିତ ଗୋପାଳ ଜୀ ଠାକୁର ଓ ସହଯୋଗୀ ପୂଜାର୍ଚ୍ଚନା କରିଥିଲେ। ଶୁକ୍ରବାର କଳସ ଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ଶନିବାର ଠାରୁ ପୂଜା ଆରମ୍ଭ ହେବ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରତିଦିନ ସନ୍ଧ୍ୟାରେ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ସୂଚନା ରହିଛି। ଦୁର୍ଗାପୂଜା କମିଟି ସଭାପତି ଦୁର୍ଗାପ୍ରସାଦ ଅଗ୍ରୱାଲ, ଉପ ସଭାପତି ମୋହନ ଚରଣ ଦାସ, ଲକ୍ଷ୍ମଣ ଶବର, ପ୍ରହଲ୍ଲାଦ ଠାକୁର, ସମ୍ପାଦକ କହ୍ନେଇ ଚରଣ ଦାସ, ସହ ସମ୍ପାଦକ ଶ୍ରୀମନ୍ତ କୁମାର ପାଢ଼ୀ, ଜିତେନ୍ଦ୍ର ନାଥ ଦାସ, ପବନ କୁମାର ଅଗ୍ରୱାଲ, ମନୋଜ କୁମାର ଅଗ୍ରୱାଲ, କୋଷାଧକ୍ଷ ମୁକେଶ କୁମାର ଅଗ୍ରୱାଲ, ଦୀପକ କୁମାର ଅଗ୍ରୱାଲ, ସଂସ୍କୃତିକ ସମ୍ପାଦକ ଜିତେନ୍ଦ୍ରନାଥ ମାଝୀ, ସାଂସ୍କୃତିକ ସହ ସମ୍ପାଦକ ଧ୍ୱଜ ମହାନନ୍ଦ, ରବି ନାରାୟଣ ଦାସ, ପଙ୍କଜ ମୁଖ ଚୌଧୁରୀ, ବିସିକେଶନ ଠାକୁର ପ୍ରମୁଖ ରହିଛନ୍ତି।

# ଫରେଷ୍ଟଗାର୍ଡ ବାରାକ ଉଦ୍‌ଘାଟିତ

**ଦେଓଗାଁ, ୨୬।୯ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଓଗାଁ ବନାଞ୍ଚଳର ନବ ନିର୍ମିତ ଫରାଷ୍ଟଗାର୍ଡ ବାରାକ କୋଠା ଉଦ୍‌ଘାଟିତ ହୋଇଛି। ରେଞ୍ଜର ଯୁଧିଷ୍ଠିର ଜାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭବାନୀପାଟଣା ସର୍କଲର ଆରସିସିଏଫ ସନ୍ତୋଷ ଯୋଷୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ବଲାଙ୍ଗିର ବନଖଣ୍ଡ ଅଧିକାରୀ ଅଜିତ ବିଶି, ଏସିଏଫ ମାନସ ରଞ୍ଜନ ବେହେରା ଓ ମୁରାରୀ ପ୍ରସାଦ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଫରେଷ୍ଟର ଜନ୍ମେଜୟ ପାଣିଗ୍ରାହୀ, ଅଭିମନ୍ୟୁ ଭୋଇ ଓ ବ୍ୟାସଦେବ ସାହୁଙ୍କ ସମେତ ଡିଇଓ ରଜନୀକାନ୍ତ ମହାନ୍ତି, ନରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ କେନ୍ଦ୍ରର ପ୍ରସ୍ତାବ ନାହିଁ

**ବଲାଙ୍ଗିର, ୨୬।୯ (ସମିସ)**

ଦେଶରେ ନୂତନ କେନ୍ଦ୍ରୀୟ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ବର୍ତ୍ତମାନ କୌଣସି ପ୍ରସ୍ତାବ ବିଚାରାଧୀନ ନାହିଁ। ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର କୃଷି ଗବେଷଣା ଓ ଶିକ୍ଷା ବିଭାଗର ଜନ ସୂଚନା ଅଧିକାରୀ ତଥା ଅନୁ ସଚିବ ପ୍ରେମ ପ୍ରକାଶ ସୁମନ ସୂଚନା ଅଧିକାର ଆଇନ ବଳରେ ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମି ହେମନ୍ତ ପଣ୍ଡାଙ୍କୁ ଏହି ସୂଚନା ପ୍ରଦାନ କରିଛନ୍ତି। ଏହା ସହ ବର୍ତ୍ତମାନ ଓଡ଼ିଶାରେ ମଧ୍ୟ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନର ପ୍ରସ୍ତାବ ମଧ୍ୟ ନାହିଁ ବୋଲି ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି। ଦେଶରେ ୩ଟି କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ଷମ ଅଛି ବୋଲି ତଥ୍ୟରେ କୁହାଯାଇଛି। ମଣିପୁରର ଇମ୍ଫାଲରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ, ବିହାରର ପୁସାରେ ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ଓ ଉତ୍ତରପ୍ରଦେଶର ଝାନସୀରେ ରାଣୀ ଲକ୍ଷ୍ମୀବାଇ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ରହିଛି ବୋଲି ସୂଚନା ପ୍ରଦାନ କରାଯାଇଛି। ଓଡ଼ିଶାର ସମ୍ବଲପୁରରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟର ପରିକଳ୍ପନା କରାଯାଇଛି ବୋଲି ନିକଟରେ ସରକାରୀ ସୂତ୍ରକୁ ଆଧାର କରି ରାଜ୍ୟବ୍ୟାପୀ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ସମ୍ବଲପୁରରେ ସରକାରୀସ୍ତରରେ ଆଲୋଚିତ କୃଷି ବିଶ୍ୱବିଦ୍ୟାଳୟ ଦେଶର ଚତୁର୍ଥ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ନା ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ଏହାକୁ ନେଇ ରାଜ୍ୟର ଜନସାଧାରଣଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଥିଲା; କିନ୍ତୁ ଏଭଳି କୌଣସି ପ୍ରସ୍ତାବ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ବିଚାରାଧୀନ ନାହିଁ ବୋଲି ସ୍ପଷ୍ଟ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର ୨୭ରେ ଝାରସୁଗୁଡା ଆସୁଛନ୍ତି। କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ସଂକ୍ରାନ୍ତରେ ସେ ଘୋଷଣା କରିବେ ବୋଲି ପଶ୍ଚିମ ଓଡ଼ିଶା ଓ କେବିକେ ଅଞ୍ଚଳର ଲୋକେ ଅପେକ୍ଷା କରିଛନ୍ତି ବୋଲି ସୂଚନା କର୍ମି ପଣ୍ଡା କହିଛନ୍ତି। ବଲାଙ୍ଗିରରେ ଏକ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଏକ ଦିର୍ଘ ଦିନର ଦାବି ବୋଲି ପଣ୍ଡା ଜଣାଇଛନ୍ତି। ଓଡ଼ିଶାର କେବିକେ ଅଞ୍ଚଳ ଦେଶର ଏକ ଅତି ପଛୁଆ ଅଞ୍ଚଳ। ଦେଶବ୍ୟାପୀ କୃଷି ବିଶ୍ୱବିଦ୍ୟାଳୟରେ କେବିକେ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଆବାସିକ କୋଟା ରଖାଯିବା ପାଇଁ ପଣ୍ଡା ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଦାବି କରିଛନ୍ତି।

# ଝାରସୁଗୁଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ଝାରସୁଗୁଡା,୨୬।୯ (ସମିସ)

ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଝାରସୁଗୁଡ଼ା ଗସ୍ତରେ ଆସି ଯୁବ ସମାବେଶ କାର୍ଯ୍ୟକ୍ରମରେ ଯୋଗଦେବେ। ଏହା ପୂର୍ବରୁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗୁରୁବାରଠାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାରସୁଗୁଡ଼ା ଗସ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡା ଗସ୍ତ ଓ ଦକ୍ଷିଣ ଓଡିଶା ସହିତ ରାଜ୍ୟରେ ବିଭିନ୍ନ ସ୍ଥାନରେ ହୋଇଥିବା ବନ୍ୟା ପରିସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାରସୁଗୁଡାର ଏକ ଘରୋଇ ହୋଟେଲରେ ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ତଥା ବିଭାଗୀୟ ଅଧିକାରୀ ଏବଂ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସହିତ ଭିଡିଓ କନ୍‌ଫେରେନ୍ସ ମାଧ୍ୟମରେ ସମୀକ୍ଷା କରିଛନ୍ତି। ଆସନ୍ତାକାଲିଠାରୁ ଲଘୁଚାପ ଜନିତ ବର୍ଷା ଜାରି ରହିବାକୁ ଥିବା ବେଳେ ଦକ୍ଷିଣ ଓଡିଶାର ବହୁ ଜିଲ୍ଲା ସହିତ ଓଡିଶାର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇସାରିଛି।

ଏହାକୁ ଦୃଷ୍ଟିରେ ରଖି ସହରର ଏକ ଘରୋଇ ହୋଟେଲରେ ମୁଖ୍ୟମନ୍ତ୍ରୀଙ୍କ ଅସ୍ଥାୟୀ କାର୍ଯ୍ୟାଳୟ ଖୋଲିବା ସହ ସମ୍ଭାବ୍ୟ ବାତ୍ୟା ପାଇଁ ପ୍ରସ୍ତୁତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କୀତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିବା ଜଣାପଡ଼ିଛି। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟଶାସନ ସଚିବ ମନୋଜ ଆହୁଜା, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ବିଭାଗୀୟ ସଚିବମାନେ ଆଭାସୀ ମାଧ୍ୟମରେ ଯୋଡି ହୋଇଥିଲେ। ବାତ୍ୟା ସମୟରେ କିଭଳି ଭାବେ ଲୋକଙ୍କୁ ଥଇଥାନ କରାଯିବ, ପାଣି ଯୋଗୁ ବିଚ୍ଛିନ୍ନ ହେଉଥିବା ଅଞ୍ଚଳରେ କିଭଳି ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ, ପର୍ଯ୍ୟାପ୍ତ ସାପ କାମୁଡ଼ା ସମ୍ପର୍କୀତ ଆଣ୍ଟି ଭେନମ, ତାରପୋଲିନ ଗଚ୍ଛିତ ରଖିବା ଆଦି ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିଥିବା ଜଣାପଡ଼ିଛି।

## ବାଣ ଜବତ;୪ ଗିରଫ

ରିଆମାଳ,୨୬।୯(ସମିସ): ବେଆଇନ ବାଣ ରଖିବା ଅଭିଯୋଗରେ ଦେବଗଡ଼ ଜିଲ୍ଲା ରିଆମାଳ ଥାନା ପୁଲିସ ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସଦଳବଳେ ରାତି ଅଧରେ ଚଢ଼ଉ କରିଥିଲେ। ଚଢ଼ଉରେ ବିପୁଳ ବିସ୍ଫୋରକ ବାଣ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ରିଆମାଳ ଗ୍ରାମର ଲଳିତ ମୋହନ ପ୍ରଧାନ (୪୭), ମହେଶ୍ୱର ପ୍ରଧାନ (୪୩), କୁମାଳ ଗ୍ରାମର ବାବୁଲି ଭୋଜ(୪୨), କୃଷ୍ଣ ସୁନା (୪୭)ଙ୍କୁ ଗିରଫ କରିବା ସହ ସମସ୍ତଙ୍କ ନିକଟରୁ ବିଭିନ୍ନ ବିସ୍ଫୋରକ ବାଣ ସହ ବାରୁଦ ଜବତ କରାଯାଇଛି। ବେଆଇନ ବିପୁଳ ବାଣ ରଖି ବିକ୍ରି କରୁଥିବା ଖବର ପାଇ ରିଆମାଳ ପୁଲିସ ଚଢ଼ଉ କରିଥିଲେ। ରିଆମାଳ ପୁଲିସ ୪ ଜଣଙ୍କ ନାମରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି।

## ଫୁଲେ ପାଠଶାଳା ଉଦ୍‌ଘାଟିତ



ଝାରସୁଗୁଡା,୨୬।୯ (ସମିସ): ଫୁଲେ ପାଠଶାଳା ପରିଚାଳନା କମିଟି ଚିଠୁଆପଡା ଓ ଏସସି ଏସଟି ମିଳିତ କ୍ରିୟାନୁଷ୍ଠାନ କମିଟି, ଝାରସୁଗୁଡ଼ାର ମିଳିତ ପ୍ରୟାସରେ ଝାରସୁଗୁଡା ପୌରପରିଷଦ ୱାର୍ଡ ନଂ ୧୫ ଚିଠୁଆପଡାଠାରେ ଫୁଲେ ପାଠଶାଳା ଉଦ୍‌ଘାଟନ ହୋଇଯାଇଛି। ଏହି ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ପାଠଶାଳାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କରମା ଆଖାଡା ମଣ୍ଡପ ଚିଠୁଆପଡାଠାରେ ଏସସି ଏସଟି ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲକ୍ଷ୍ମୀଚରଣ ପାଲଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ରୂପେ ଝାରସୁଗୁଡା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ଜିଲ୍ଲା ଓବିସି ମଞ୍ଚ ସଭାପତ ବିରଞ୍ଚି ସାହୁ, ମେଡିକାଲ ଅଫିସର ଡା. ଦିବେନ୍ଦୁ ସାହୁ, ସାମାଜିକ କର୍ମୀ ତଥା ସମ୍ମିଳିତ ଆଦିବାସୀ ସମାଜ ଉପଦେଷ୍ଟା ରତ୍ନାକର ପ୍ରଧାନ, ଛାତ୍ର ସାମ୍ମୁଖ୍ୟ ସଭାପତି ଅସୀମ ପଟେଲ, ରବି ଦାସ, ସମାଜର ରାଜ୍ୟ ଯୁଗ୍ମ ସଂପାଦକ ସୀତାରାମ ରୋହିଦାସ, ଗଣ୍ଡା ସମାଜ ବିକାଶ ପରିଷଦ ସଭାପତି ରବୀନ୍ଦ୍ର ସୋହେଲା, ଓବିସି ମଞ୍ଚ ଜିଲ୍ଲା ସଂପାଦକ ଗୋପିନାଥ ବେହେରା, ସମନ୍ୱିତ ଆଦିବାସୀ ସମାଜ ଉପଦେଷ୍ଟା ସୋଡାମାଲ ପ୍ରେମସାଗର ଧୁରୁଆ, ବାମସେଫ ସୁନ୍ଦରଗଡ ସଭାପତି ଶ୍ରବଣ ଗର୍ଡିଆ, ନାରୀନେତ୍ରୀ ଶୁରୁ ଦେହେରିଆ ଯୋଗ ଦେଇଥିଲେ। ଏହି ପାଠଶାଳାରେ ଆଖପାଖ ଅଞ୍ଚଳର ଅତି ଗରିବ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ମାନର ଶିକ୍ଷା ଦେବା ସହିତ ବୌଦ୍ଧିକ ଓ ନୈତିକ ଶିକ୍ଷା ଦିଆଯିବ ବୋଲି କୁହାଯାଇଛି। ମୁଖ୍ୟ ଉଦ୍ୟୋକ୍ତା ପ୍ରଭାକର ଓରାମ ଏହାକୁ ପରିଚାଳନା କରିଥିବା ବେଳେ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ଓରାମ, ସଂପାଦକ ଗୋବିନ୍ଦ ଓରାମ, କୋଷାଧ୍ୟକ୍ଷ ମୁକେଶ ଓରାମ, ଅଜୟ ଓରାମ, ସପନ ଓରାମ, ଗଣେଶ ଓରାମ, ପ୍ରକାଶ ଦାସ, ସମଲ ଓରାମ, ମନିରାମ ଓରାମ, ଶୀତଳ ଓରାମ,ସବିନା ଓରାମ, ବାଲମତୀ ଓରାମ, ସନ୍ତୋଷୀ ଓରାମ, ସୁଭଦ୍ରା ଓରାମ ପ୍ରମୁଖ ସହଯୋଗ କରିଥିଲେ।

## ଓଡିଶା ନାଟ୍ୟ ସଙ୍ଘର ୩୮ ତମ ପ୍ରତିଷ୍ଠା ଦିବସ



ଦେବଗଡ଼,୨୬।୯(ସମିସ): ଓଡ଼ିଶା ନାଟ୍ୟ ସଙ୍ଘର ୩୮ ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଈଶ୍ୱର ଚନ୍ଦ୍ର ଗୁରୁ, ସମ୍ମାନିତ ଅତିଥି ଭାବେ ସଂସ୍କୃତି ପରିଷଦର ସଂଯୋଜକ ଦିଲ୍ଲୀପ କୁମାର ଗୁରୁ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠାନର ସମ୍ପାଦକ ସୁଜିତ କୁମାର ପାତ୍ର ଦିବସର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ବ୍ରହ୍ମଜ୍ୟୋତି ନାଟ୍ୟ ସଂସଦର ସମ୍ପାଦକ ଶ୍ରବଣ କୁମାର ନାଏକ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ପ୍ରଦୀପ କୁମାର ପାତ୍ର, ଜନ୍ମଜୟ ନାୟକ, ରାକେଶ କୁମାର ଶତପଥୀ, ଅମ୍ଲାଂଶୁ ପୂଜାରୀ, ଶୁଭମ୍ ମହାଙ୍କୁର, ବିଶାଳ କୁମାର ନାୟକ, ଶିବାଶିଷ ଝାଙ୍କର, ନମନ ନୟନ ନାୟକ, ବିଷ୍ଣୁ ପ୍ରିୟା ଗଡ଼ତିୟା, ଜୁଲି ଷଣ୍ଢ ଏବଂ ରେଶମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ଉପସଭାପତି ପ୍ରକାଶ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

## ପୌର ପରିଷଦ ପକ୍ଷରୁ ମାରାଥନ ଓ ପ୍ରତିଯୋଗିତା

ଦେବଗଡ଼,୨୬।୯(ସମିସ): ସ୍ୱଚ୍ଛତା ପକ୍ଷ ଅବସରରେ ଦେବଗଡ଼ ପୌର ପରିଷଦ ଆନୁକୂଲ୍ୟରେ ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳ ୭ଟାରେ ଦେବଗଡ଼ ପୌର ପରିଷଦର ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମରାଥନ ତଥା ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ବରେଣ୍ୟ ଅତିଥି ଭାବେ ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇ ସ୍ୱଚ୍ଛତା ଗଣଦୌଡ଼କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ପୌର ପରିଷଦର କର୍ମଚାରୀଙ୍କ ସମେତ ବହୁ ଜନ ସାଧାରଣ ଅଂଶ ଗ୍ରହଣ କରି ସହର ପରିକ୍ରମା କରିବା ପରେ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ପହଞ୍ଚି ଥିଲେ। ପୂର୍ବାହ୍ନରେ ମହିଳା ମହାବିଦ୍ୟାଳୟଠାରେ ପୌରପରିଷଦ ପକ୍ଷରୁ ସ୍ୱଚ୍ଛତା ସମ୍ପର୍କିତ ଓଡ଼ିଆ ବକୃତା, ପ୍ରବନ୍ଧ ଓ ଝୋଟି ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବିଚାରକ ଭାବେ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଡ. ଭାରତ ଭୁଷଣ ନନ୍ଦ, ଡ. ତନ୍ମୟ ମହାନ୍ତି, ପ୍ରଦୀପ ପାତ୍ର ଓ ଲତିକା ନନ୍ଦ ଦାୟତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ପ୍ରୋଗ୍ରାମ ମ୍ୟାନେଜର ଆଶିଷ ବାରିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ପୌରପରିଷଦ କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

## ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ



ଦେବଗଡ,୨୬।୯(ସମିସ): ବାରକୋଟ ବ୍ଲକ୍ ବସାଲଇ ପଞ୍ଚାୟତ ସଦର ମହକୁମାରେ ପଞ୍ଚାୟତ ଆଥଲେଟିକ ଆସୋସିଏସନ୍ ଆନୁକୂଲ୍ୟରେ ମୋଟ ୧୬ଟି ଦଳକୁ ନେଇ ଆଜି ତ୍ରି ଦିବସୀୟ ନକ୍‌ଆଉଟ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତ ଆଥଲେଟିକ ଆସୋସିଏସନ୍‌ର ସଭାପତି ରଞ୍ଜନ କୁମାର ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲ୍ଲା ଓକିଲ ସଂଘର ସମ୍ପାଦକ ସିଦ୍ଧେଶ୍ୱର ଗୁରୁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ସଂସଦର ସମ୍ପାଦକ ଧିରେନ୍ଦ୍ର କୁମାର ନାୟକ, ଦେବଗଡ଼ ଜିଲ୍ଲା କ୍ରୀଡ଼ା ସଂସଦର କବାଡି ସମ୍ପାଦକ ସୁବାସ ଚନ୍ଦ୍ର ଭୋଇ, ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ବିନୋଦ ବିହାରୀ ନାୟକ, ଜଗଦୀଶ ସାମଲ ଓ କ୍ଷୀରସିନ୍ଧୁ ବେହେରା ଯୋଗଦେଇ ଆୟୋଜକ ଏବଂ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ଉଦଘାଟନୀ ମ୍ୟାଚ ରେଙ୍ଗାଲବାହାଲ ଫୁଟବଲ ଦଳ ଓ ଆଦିଶକ୍ତି ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆୟୋଜନରେ ଆୟୋଜକ ପଞ୍ଚାୟତ ଆଥଲେଟିକ ଆସୋସିଏସନ୍‌ର ସମ୍ପାଦକ ଓମପ୍ରକାଶ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଓପିଏସ୍‌ସି ପରୀକ୍ଷାରେ ଶୁଭଦର୍ଶନ ଓ ସାହିଲଙ୍କ କୃତିତ୍ୱ

ଦେବଗଡ଼,୨୬।୯(ସମିସ): ଆଜି ସଦ୍ୟ ପ୍ରକାଶିତ ଓଡିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ମୋଟ ୩୯୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଦେବଗଡ଼ ଜିଲ୍ଲାର ଦୁଇଜଣ କୃତକାର୍ଯ୍ୟ ହୋଇଛନ୍ତି। ରିଆମାଳ ବ୍ଲକ୍ ପରା ପଞ୍ଚାୟତର ସୁଭଦର୍ଶନ ବିଶ୍ୱାଳ ୨୪୫ ର୍‌ୟାଙ୍କରେ ଉର୍ତ୍ତିର୍ଣ୍ଣ ହୋଇଥିବା ବେଳେ ପୌରାଞ୍ଚଳ ନୀଳବେର୍ଣ୍ଣି ସାହିର ସାହିଲ ହେମ୍ବ୍ରାମ ୩୫୦ ର୍‌ୟାଙ୍କରେ ଉର୍ତ୍ତିର୍ଣ୍ଣ ହୋଇଥିବା ଜଣାପଡିଛି। ସୁଭଦର୍ଶନଙ୍କ ପିତା ଡିଲେଶ୍ୱର ବିଶ୍ୱାଳ ଜଣେ ଅବସର ପ୍ରାପ୍ତ ଶିକ୍ଷକ ଥିବା ବେଳେ ମା' ବୁଢାପାଳ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିବା ଜଣାପଡିଛି। ସେହିପରି ସାହିଲ ହେମ୍ବ୍ରାମ ଜିଲ୍ଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମ ଓ ମିନତୀ ନାଏକଙ୍କ ପୁଅ। ନିଜସ୍ୱ ଉଦ୍ୟମରେ ଓପିଏସସି ପରୀକ୍ଷା ପାଇଁ ଦ୍ୱିତୀୟ ପ୍ରୟାସରେ ଉଭୟ ସାହିଲ ଓ ସୁଭଦର୍ଶନ କୃତକାର୍ଯ୍ୟ ହୋଇଥିବା ଉଭୟେ କହିଛନ୍ତି।





## ଦୀନ ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ



ପାଇକମାଳ,୨୬।୯(ସମିସ): ପାଇକମାଳ ବିଜେପି କାର୍ଯ୍ୟାଳୟ ଠାରେ ରାଷ୍ଟ୍ରବାଦୀ ଜନନାୟକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ପାଳନ ହୋଇଯାଇଛି। ଏଥିରେ ପାଇକମାଳ ବିଜେପି ମଣ୍ଡଳ ସଭାପତି ଅକ୍ଷୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମଣ୍ଡଳ ଉପସଭାପତି ସୁଶାନ୍ତ ନାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଭାରୀ ଭାବେ ଡ.ଲମ୍ବୋଦର ପଣ୍ଡା ଯୋଗଦେଇ ଦୀନଦୟାଲ ଉପାଧ୍ୟାୟଙ୍କ ବଳିଦାନ ଉପରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ବିଜେପି ନେତା ଗୋବର୍ଦ୍ଧନ ଅଗ୍ରୱାଲ, ପୂର୍ବତନ ମଣ୍ଡଳ ସଭାପତି କୈଳାଶ ଦିଶ୍ରୀ, ଯୁବନେତା ଯୋଗେନ୍ଦ୍ର ଭୋଇ, ଏମଡିରାଜା, ପର୍ଶୁରାମ ନାଏକ, ତିଳକରଣା, ଗୁଣ ନାଗ, ରାଜେନ୍ଦ୍ର ସାହୁ, ଇନ୍ଦ୍ରଜିତ ଭୋଇ, ହିରାଧର ବିହାର, ରାଜେନ୍ଦ୍ର ସେଠ, ନନ୍ଦି ନନ୍ଦ, କନୁ ସାହୁଙ୍କ ସମେତ ବିଜେପିର କର୍ମକର୍ତ୍ତା ସଦସ୍ୟମାନେ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ଦିବସ ପାଇଁ ପ୍ରସ୍ତୁତି




ବରଗଡ଼,୨୬।୯(ସମିସ): ପ୍ରତି ବର୍ଷ ଅକ୍ଟୋବର ୧ ତାରିଖରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ହୁଏ। ଚଳିତ ବର୍ଷ ଦଶହରା ସକାଶେ ବରିଷ୍ଠ ନାଗରିକ ମହାସଂଘ ସହିତ ଆଲୋଚନା ପରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ମତେ ପ୍ରତି ଜିଲ୍ଲାରେ ଏହି ଦିବସକୁ ଆସନ୍ତା ଅକ୍ଟୋବର ୧୦ ତାରିଖରେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏନେଇ ପ୍ରଶାସନର ପ୍ରସ୍ତୁତି ବୈଠକରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘ, ବରଗଡ଼, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଓ ଭାରତ ନିର୍ମାଣ ସଂଘ, ଭଟିଲି ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସମାଜିକ ସୁରକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପୁଲିସ ବିଭାଗ, ଜିଲ୍ଲା ସଂସ୍କୃତି ବିଭାଗ, ଜିଲ୍ଲା ପ୍ରଚାର ପ୍ରସାର ବିଭାଗଙ୍କ ଅଧିକାରୀ ଗଣ ଉପସ୍ଥିତ ଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ ଗତବର୍ଷର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକ ସଂଘର କେଦାର ମିଶ୍ର ଗତବର୍ଷର ଭୁଲକୁ ସୁଧାରି ଚଳିତ ବର୍ଷ ହାରାହାରି ୪୦୦ରୁ ଅଧିକ ବରିଷ୍ଠ ନାଗରିକ ଯୋଗ ଦେବେ ବୋଲି ପ୍ରକାଶ କରିଥିଲେ। ପ୍ରସ୍ତୁତିରେ ସମସ୍ତ ବରିଷ୍ଠ ନାଗରିକ ସଂଗଠନର କର୍ମକର୍ତ୍ତାଙ୍କୁ କମିଟିରେ ରଖିବାକୁ ଅନୁରୋଧ କରି କାର୍ଯ୍ୟକ୍ରମରେ ସହଯୋଗ କରିବୁ ବୋଲି ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରକାଶ କରିଥିଲେ। ସଭାପତି ପ୍ରମୋଦ ଝାଙ୍କର, ଧ୍ରୁବ ହୋତା, ଉଦ୍ଧବ ବେହେରା, ଭରତ ଦାଶ, ଦେବୀ ପଟ୍ଟନାୟକ, ପ୍ରଦୀପ ସାହୁ, ଶଙ୍କର ପଟ୍ଟନାୟକ, ସୁରେନ୍ଦ୍ର ମୋହନ ଚାନ୍ଦ, ହରିନାରାୟଣ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିବା ବେଳେ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ପରୀକ୍ଷା, ପୁଲିସ ପରିଚୟ ପତ୍ର ପ୍ରଦାନ, ଜିଲ୍ଲାରେ ୯୦ ବର୍ଷରୁ ଅଧିକ ବରିଷ୍ଠଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ସମସ୍ତ ବରିଷ୍ଠଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯିବ ବୋଲି ତାହିର ହୁସେନ ପ୍ରକାଶ କରିଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## 'ସାମ୍ପ୍ରତିକ ଇତିହାସର ଧାରା' ଉପରେ ଆଲୋଚନାଚକ୍ର

ବରଗଡ଼,୨୬।୯(ସମିସ): ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗରେ 'ସଂପ୍ରତିକ ଇତିହାସର ଧାରା' ପ୍ରସଙ୍ଗ ଆଧାରିତ ଏକ ଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ରଞ୍ଜିତା ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ପତିତପାବନ ମିଶ୍ର ଓ ସରକାରୀ ମହିଳା ମହାବିଦ୍ୟାଳୟ ସମ୍ବଲପୁରର ଅଧକ୍ଷା ଡ.କଳ୍ପନା ମେହେର ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ରାଧାକାନ୍ତ ମିଶ୍ର ଅତିଥି ପରିଚୟ ଦେଇଥିଲେ। ଦ୍ୱିତୀୟ ଅଧିବେସନରେ ଇତିହାସ ଉପରେ ବକ୍ତବ୍ୟ ରଖିଥିଲେ ଡ.ସତ୍ୟ ନାରାୟଣ ନନ୍ଦ। ପ୍ରାଚୀନ ଇତିହାସ ଲିଖନର ଧାରା ଓ ସଂପ୍ରତିକ ସମୟରେ ଇତିହାସର ପରିବର୍ତ୍ତନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ଆଲୋଚକ ଡ.ପତିତପାବନ ମିଶ୍ର। ଏହି ଭାବ ଗର୍ଭକ ସମ୍ମାନରେ ଅଧ୍ୟାପକ ଅଶୋକ ବେହେରା, ନନ୍ଦିନୀ ନିରଦ ପଣ୍ଡା, ଡ.ସୁରେନ୍ଦ୍ର ହୋତା ଓ ଇତିହାସ ବିଭାଗର ସ୍ଥାନୀୟ ଅଧ୍ୟାପକ ଗଣ ତଥା ଅନେକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଇତିହାସ ସମ୍ମାନର ନବାଗତାଙ୍କୁ ସ୍ୱାଗତ ସମାରୋହ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଆୟୋଜନ ଓ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ଅଙ୍କିତା ସାହୁ।



### ସିଆଇଏସ୍‌ସିଇ ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା

## ଓଡ଼ିଶା ଦଳରେ ବିଇଏମ୍ ବିଦ୍ୟାଳୟର ୧୨ ଛାତ୍ର

ଝାରସୁଗୁଡା,୨୬।୯(ସମିସ): ଉତ୍ତର ପ୍ରଦେଶର ଖୋରଖପୁରରେ ଆୟୋଜିତ ହେବାକୁଥିବା ସିଆଇଏସ୍‌ସିଇ ଜାତୀୟ ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଖୋରଖପୁର ଯାଇଛନ୍ତି। କାଉନସିଲ ଫର ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏକ୍‌ଜାମିନେଶନ ବୋଡର୍ (ସିଆଇଏସ୍‌ସିଇ) ଦ୍ୱାରା ଆୟୋଜିତ ହେଉଥିବା ଏହି ଜାତୀୟ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳରେ ବେଲପାହାଡ଼ ଇଂଲିଶ ମିଡିୟମ(ବିଇଏମ୍) ବିଦ୍ୟାଳୟର ୧୨ ଜଣ ଛାତ୍ର ସ୍ଥାନ ପାଇଛନ୍ତି। ୧୪ ବର୍ଷରୁ କମ୍ ବାଳକ ଦଳରେ ବିଦ୍ୟାଳୟର ସାଥତ୍ୟ ସାହୁ, ବିରାଟ ସିଂ, ଆର୍ଯ୍ୟନ ମହାପାତ୍ର, ମହମ୍ମଦ ଆତିଫ, ଆର୍ଯ୍ୟନ ଶର୍ମା ଓ ଗୌରବ ଶର୍ମା ଥିବାବେଳେ ୧୭ ବର୍ଷରୁ କମ୍ ଦଳରେ ଆଦିତ୍ୟ ଟେଟେ, ଲିପିକାନ୍ତ ସାହୁ, ଆଦିତ୍ୟ ରାୟ, ଆୟୁଶ ସିଂ, ଏମଡି ଅନଶ ଓ ପ୍ରବେଶ ଜେନା ସ୍ଥାନ ପାଇଛନ୍ତି। ବିଇଏମ୍ ବିଦ୍ୟାଳୟର ଶାରିରୀକ ଶିକ୍ଷା ଶିକ୍ଷକ ହମିଦ କୁମାର ମହାପାତ୍ର ଓଡ଼ିଶା ଦଳର କୋଚ ଦାୟିତ୍ୱ ନିର୍ବାହ କରିବେ ବୋଲି ଜଣାପଡ଼ିଛି। ଏହି ପ୍ରତିଯୋଗିତା ଖୋରଖପୁରର ସୟଦ ମୋଦି ରେଲୱେ ଷ୍ଟେଡିୟମରେ ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।

ଛାତ୍ରମାନଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର, ଉପାଧ୍ୟକ୍ଷ ବିଜୟ କୁମାର ଗୌଡ଼, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।




## ୩ ପୁଅ ଓ ୫ ଝିଅ ଥାଇ ରାସ୍ତାରେ ବୃଦ୍ଧ ବାପା

### ବୃଦ୍ଧାଶ୍ରମରେ ଥଇଥାନ କଲା ନିଷ୍ଠା ପରିବାର

ବରଗଡ଼,୨୬।୯(ସମିସ): ୩ ପୁଅ ଓ ପାଞ୍ଚ ଝିଅ ଥାଇ ମଧ୍ୟ ରାଜରାସ୍ତରେ ନିରାଶ୍ରୟ ହୋଇ ବସିରହିଥିବା ଜଣେ ବୃଦ୍ଧଙ୍କୁ ଉଦ୍ଧାର କରି ବୃଦ୍ଧା ଶ୍ରମରେ ଥଇଥାନ କରିଛି ନିଷ୍ଠା ପରିବାର। ସୂଚନାନୁଯାୟୀ, ପଦ୍ମପୁର ଜମଲା କଲେଜରେ ରକ୍ତଦାନ ଶିବିର ସାରି ନିଷ୍ଠା ପରିବାରର ସଦସ୍ୟ ବରଗଡ଼ ଫେରୁଥିବା ବେଳେ ତେଲ ମହୁଲରାସ୍ତା କଡରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ଜଣେ ବୃଦ୍ଧ ମଉସା ବସିଥିବା ଦେଖିଥିଲେ। ଗାଡିରୁ ଓହ୍ଲାଇ ତାଙ୍କ ବିଷୟରେ ପଚାରି ବୁଝିବା ପରେ ବୃଦ୍ଧ ଜଣକ କୋହ ଭରା ସ୍ୱରରେ ତାଙ୍କ ନାମ ଦନାର ସାହୁ ଓ ସେ ମେଲଛାମୁଣ୍ଡା ଥାନା ଗାଁ ପନରି ପାଏଁନର ବୋଲି କହିବା ସହ 'ମୋର ତିନ୍‌ଟା ପୁଅ ଆଉ ପାଞ୍ଚ ଝି ବୁଆ, ହେଲେ କିହେ ମତେ ଥିର୍ ତୁକେ (ତୋରାଣି ଟିକେ) ବି ନାଇଁ ଦିଅନ୍ ବୋଲି ନିଜ ଭାଷାରେ କହିଥିଲେ। ଚାଲିବା ବି ତାଙ୍କ ପକ୍ଷେ ଖୁବ୍ କଷ୍ଟକର ଥିଲା। ମାଉସୀ କଥା ପଚାରିବାରୁ, ବୁଢ଼ୀ ଅଛେ ଯେ ତାର ଦିହେ ବି କେଥନୀ ଖରାପ, ସାନ ପିଲା ରଖିଛେ'ବୋଲି କହିଥିଲେ। ମତେ କିହେ ନାଇଁ ରଖଲେ ପୂତା ବୋଲି କହି କାନ୍ଦକାନ୍ଦ ହୋଇଯାଇଥିଲେ। ୮୦ ବର୍ଷୀୟ ବୃଦ୍ଧଙ୍କ ଏପରି କରୁଣ କାହାଣୀ ନିଷ୍ଠା ପରିବାର ସଦସ୍ୟଙ୍କୁ ଖୁବ୍ ବ୍ୟଥିତ ଓ ବିଚଳିତ କରିଥିଲା। ତୁରନ୍ତ କାରରେ ବୃଦ୍ଧଙ୍କୁ ବସାଇ ବିଜେପୁରରେ ଥିବା ପାର୍ବତୀ ଗିରି ବୃଦ୍ଧାଶ୍ରମରେ ତାଙ୍କର ଥଇଥାନ କରିଥିଲା ନିଷ୍ଠା ପରିବାର। ବୃଦ୍ଧାଶ୍ରମର ମୁଖ୍ୟ ଜଳନ୍ଧର ପଟେଲଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ୭୨ ବର୍ଷର ଯାତ୍ରାରେ ପଡ଼ିଲା ପୂର୍ଣ୍ଣଚ୍ଛେଦ

# ବିଦାୟ ନେଲା ତିନି ଯୁଦ୍ଧର ପ୍ରମୁଖ ସାରଥି

ଚଣ୍ଡିଗଡ଼, ୨୬।୯ (ଏଜେନ୍ସି): ତିନି ତିନିଟା ଯୁଦ୍ଧରେ ଭାରତର ପ୍ରମୁଖ ସାରଥି ସାଜିଥିବା ତଥା ଭାରତୀୟ ବାୟୁସେନାର ମେରୁଦଣ୍ଡ ଭାବେ ପରିଚିତ ଲଢୁଆ ଯୁଦ୍ଧ ବିମାନ ମିଗ୍-୨୧କୁ ଶୁକ୍ରବାର ଶେଷ ବିଦାୟ ଦିଆଯାଇଛି। ଏହି ବିମାନ ଯେଉଁଠି ସେବାରେ ସାମିଲ ହୋଇଥିଲା, ସେଇଠି ହିଁ ସେବାରୁ ଅବସର ନେଇଛି।

### ମିଗ୍-୨୧ ଉଡ଼ାଇଲେ ବାୟୁସେନା ମୁଖ୍ୟ

ଚଣ୍ଡିଗଡ଼ ଏୟାରବେସ୍ରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ମିଗ୍-୨୧କୁ ସେବାରୁ ଅପସାରଣ କରାଯାଇଛି। ଆଜିଠାରୁ ଆଉ କୌଣସି ଉଡ଼ାଣରେ ମିଗ୍-୨୧କୁ ଦେଖିବାକୁ ମିଳିବ ନାହିଁ। ଏହି ବିଦାୟୀ କାର୍ଯ୍ୟକ୍ରମରେ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂହ ୨୩ ସ୍କ୍ୱାଡ୍ରନର ୬ ଲଢୁଆ ବିମାନ ସହିତ ଶେଷ ଉଡ଼ାଣ ଭରିଥିଲେ। ସ୍କ୍ୱାଡ୍ରନ ଲିଡର ପ୍ରିୟା ଶର୍ମା ମଧ୍ୟ ଫ୍ଲାଇପାଷ୍ଟରେ ଭାଗ ନେଇଥିଲେ। ଏହି ବିମାନ ୧୯୬୩ରେ ଚଣ୍ଡିଗଡ଼ ଏୟାରବେସରୁ ବାୟୁସେନାରେ ସାମିଲ ହୋଇଥିଲା।

୬୨ ବର୍ଷର ସେବା ମଧ୍ୟରେ ଭାରତର ଏହି ପ୍ରଥମ ସୁପରସୋନିକ ଲଢୁଆ ବିମାନ ମିଗ୍-୨୧ ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧ, ୧୯୭୧ର ବାଂଲାଦେସ ମୁକ୍ତି ସଂଗ୍ରାମ, ୧୯୯୯ର କାର୍ଗିଲ ଯୁଦ୍ଧ ଏବଂ ୨୦୧୯ର ବାଲାକୋଟ ଏୟାର ଷ୍ଟ୍ରାଇକରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଏହି ବିମାନ ଧ୍ୱନିଠାରୁ ସେକେଣ୍ଡ ପିଛା ୩୩୨ ମିଟର ଅଧିକ ବେଗରେ ଉଡ଼ି ପାରୁଥିଲା। ଏବେ ତେଜସ ଏଲ୍ସିଏ ମାର୍କ ୧ଏ ଲଢୁଆ ବିମାନ ମିଗ-୨୧ର ସ୍ଥାନ ନେବ। ଏହି ବିଦାୟକାଳୀନ କାର୍ଯ୍ୟକ୍ରମରେ ପ୍ରତିରକ୍ଷାମନ୍ତ୍ରୀ



ରାଜନାଥ ସିଂହ, ତିନି ସେନାର ମୁଖ୍ୟଙ୍କ ସମେତ ପ୍ରତିରକ୍ଷା ମନ୍ତ୍ରାଳୟର ଅନେକ ଅଧିକାରୀ ସାମିଲ ହୋଇଥିଲେ। ଏଠାରେ ମିଗ୍-୨୧କୁ ଶେଷ ସାଲ୍ୟୁଟ (ୱାଟର ଗନ୍) ଦିଆଯାଇଥିଲା। ସୂର୍ଯ୍ୟକିରଣ ଟିମ୍ ରଣକୌଶଳ ପ୍ରଦର୍ଶନ କରିଥିଲା। ଏହି ଅବସରରେ ପ୍ରତିରକ୍ଷାମନ୍ତ୍ରୀ କହିଥିଲେ ଯେ ଦୀର୍ଘ ସମୟ ହେଲା ମିଗ୍-୨୧ ଅନେକ ସାହସିକ କାର୍ଯ୍ୟର ସାକ୍ଷୀ ରହିଛି। ଏହାର ଯୋଗଦାନ କୌଣସି ଗୋଟିଏ ଘଟଣା କିମ୍ବା ଗୋଟିଏ ଯୁଦ୍ଧରେ ସୀମିତ ନାହିଁ। ୧୯୭୧ ଯୁଦ୍ଧରୁ ନେଇ କାର୍ଗିଲ ସଂଘର୍ଷ ପର୍ଯ୍ୟନ୍ତ କିମ୍ବା ବାଲାକୋଟ ଏୟାରଷ୍ଟ୍ରାଇକରୁ ନେଇ 'ଅପରେସନ ସିନ୍ଦୂର' ଯାଏଁ ସବୁଥିରେ ମିଗ୍-୨୧ ସଶସ୍ତ୍ର ବାହିନୀକୁ ଅସୀମ ଶକ୍ତି ପ୍ରଦାନ କରିଛି। ସେନାର ବୀରତାର ଯାତ୍ରାରେ ଏହି ଲଢୁଆ ବିମାନର ଯୋଗଦାନ ରହିଛି। ଆଜି ଆମେ ଏହି ବିମାନକୁ ବିଦାୟ ଦେଉଛି। ମିଗ-୨୧କୁ ନେଇ ଗୌରବ ଏବଂ କୃତଜ୍ଞତା ରହିଛି। ଏହା କେବଳ ଏକ ମେସିନ ନୁହେଁ, ଭାରତ-ରୁଷ ବନ୍ଧୁତାର ସାକ୍ଷୀ ମଧ୍ୟ। ଭାରତରେ ୮୫୦ ମିଗ୍ ବିମାନ ଥିଲା।

ସୂଚନାଯୋଗ୍ୟ ଯେ ୧୯୫୬ରେ ମିଗ-୨୧ ସୋଭିଏତର ଆକାଶରେ ପ୍ରଥମ ଉଡ଼ାଣ ଆରମ୍ଭ କରିଥିଲା। ଏହା ୧୯୫୯ରେ ସୋଭିଏତ ୟୁନିୟନର ବାୟୁସେନା ଫ୍ଲିଟରେ ସାମିଲ ହୋଇଥିଲା। ୧୩ ମିଟର ଲମ୍ବ ବିଶିଷ୍ଟ ଏହି ବିମାନ ଥରକେ ୧୨୧୦ କିମି ପର୍ଯ୍ୟନ୍ତ ଉଡ଼ାଣ କରିବାରେ ସକ୍ଷମ। ଏହାର ଓଜନ ୯,୮୦୦ କେଜି। ଏହା ଘଣ୍ଟା ପ୍ରତି ୨୨୩୦ କିମି ବେଗରେ ଗତି କରିପାରିବ। ତେବେ ଏହି ଲଢୁଆ ବିମାନ 'ଉଡ଼ନ୍ତା କଫିନ' ଏବଂ 'ୱିଡୋ ମେକର' କୁହାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରାଳୟର ସୂଚନା ଅନୁଯାୟୀ ୪୦୦ରୁ ଅଧିକ ମିଗ-୨୧ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୦୦ରୁ ଅଧିକ ପାଇଲଟ ପ୍ରାଣ ହରାଇ ଥିଲେ। ଏହି ବିମାନର ଯନ୍ତ୍ରାଂଶ ଏବଂ ଅନ୍ୟ ସରଞ୍ଜାମ ଗୁଡିକ ଶୀଘ୍ର ଖରାପ ହେଇ ଯାଉଥିଲା।

## ଜୁବିନ ଗର୍ଗ ମୃତ୍ୟୁ ମାମଲାରେ ସଙ୍ଗୀତଜ୍ଞ ଗିରଫ

ଦିଶପୁର, ୨୬।୯ (ଏଜେନ୍ସି): ସିଙ୍ଗାପୁରରେ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ନେଇ ସଂଶୟ ଜାରି ରହିଛି। ମାମଲାର ତଦନ୍ତ ଲାଗି ଆସାମ ସରକାର ସ୍ୱତନ୍ତ୍ର ଟିମ୍ (ଏସଆଇଟି) ଗଠନ କରିଛନ୍ତି। ଏସ୍ଆଇଟି ଏହି ମାମଲାରେ ସଙ୍ଗୀତଜ୍ଞ ଶେଖର ଜ୍ୟୋତି ଗୋସ୍ୱାମୀଙ୍କୁ ଗିରଫ କରିଛି। ସେହିପରି ଜୁବିନଙ୍କ ମ୍ୟାନେଜର ଘରେ ମଧ୍ୟ ଚଢ଼ଉ କରାଯାଇଛି। ସୂଚନା ଅନୁଯାୟୀ ଜୁବିନଙ୍କ ବ୍ୟାଣ୍ଡରେ ସଙ୍ଗୀତଜ୍ଞ ଭାବେ ଶେଖର କାର୍ଯ୍ୟ କରୁଥିଲେ। ସେ ସିଙ୍ଗାପୁର ଗସ୍ତରେ ମଧ୍ୟ ଜୁବିନଙ୍କ ସାଙ୍ଗରେ ଥିଲେ। ଏହା ବ୍ୟତୀତ ସିଙ୍ଗାପୁର କାର୍ଯ୍ୟକ୍ରମର ଆୟୋଜନକାରୀ ଶ୍ୟାମକାନୁ ମହନ୍ତଙ୍କୁ ମଧ୍ୟ ଯାଞ୍ଚ ପରିସରକୁ ନିଆଯାଇଛି। ଆୟୋଜନକାରୀ ଏବଂ ଜୁବିନଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମାଙ୍କ ଧିରେନପାରା ଓ ଗୀତାନଗର ସ୍ଥିତ ଘରେ ଚଢ଼ଉ କରାଯାଇଛି। କିନ୍ତୁ ଏହି ସମୟରେ ଉଭୟେ ଘରେ ନ ଥିଲେ। ରିପୋର୍ଟ ଅନୁଯାୟୀ ଯାଞ୍ଚ ପାଇଁ ଏସ୍ଆଇଟି ସିଦ୍ଧାର୍ଥଙ୍କ ଘରେ ପହଞ୍ଚିବା ପରେ ଅନେକ ଲୋକେ ଏକାଠି ହୋଇ ପୁଲିସ ଗାଡ଼ି ଉପରକୁ ପଥର ମାଡ଼ କରିଥିଲେ। ଉପଦ୍ରବୀଙ୍କୁ ଉସୁକାଇବାକୁ ନେଇ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ତେବେ କେଉଁ ଧାରାରେ ଏମାନଙ୍କୁ ଗିରଫ କରାଯାଇଛି ଏବଂ କ'ଣ ପ୍ରମାଣ ମିଳିଛି ତାହା ଜଣାପଡ଼ି ନାହିଁ। ସୂଚନାଯୋଗ୍ୟ ଯେ ଗତ ୧୯ ତାରିଖରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରୁଥିବା ସମୟରେ ଜୁବିନଙ୍କ ମୃତ୍ୟୁ ହୋଇଥିଲା। ତେବେ ସେ ଲାଇଫ ଜ୍ୟାକେଟ ନ ପିନ୍ଧି ସମୁଦ୍ରକୁ ଯାଇଥିଲେ। ପ୍ରଥମେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଥିଲା। ପରେ ଅନ୍ୟ ସନ୍ଦେହଜନକ ସ୍ଥିତିକୁ ନେଇ ସରକାର ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

## ବିହାରରେ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା' ଆରମ୍ଭ

ପାଟନା, ୨୬ ।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଭର୍ଚୁଆଲ ଭାବେ ବିହାରରେ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା'ର ଶୁଭାରମ୍ଭ କରିଛନ୍ତି। ସେ ରାଜ୍ୟର ୭୫ ଲକ୍ଷ ମହିଳାଙ୍କ ଖାତାକୁ ଅନ୍ଲାଇନରେ ୧୦ ହଜାର ଟଙ୍କା ଲେଖାଏଁ ପଠାଇଛନ୍ତି। ୨୦୨୦ର ତଥ୍ୟ ଅନୁଯାୟୀ ବିହାରରେ ମୋଟ ୩.୩୯ କୋଟି ମହିଳା ଭୋଟର ଅଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ୨୨ ପ୍ରତିଶତ ମହିଳା ଭୋଟରଙ୍କୁ ଏହି ଯୋଜନାର ଲାଭ ମିଳିବ। ଏହି ଅବସରରେ 'ଜୀବିକା ଦିଦି'ଙ୍କୁ ସମ୍ବୋଧନ କରି ମୋଦୀ କହିଛନ୍ତି ଯେ ଦେଶରେ ଜନ-ଧନ ଯୋଜନା ଅଧିନରେ ୩୦ କୋଟିରୁ ଅଧିକ ମାଆ, ଭଉଣୀଙ୍କ ବ୍ୟାଙ୍କ ଖାତା ଖୋଲା ଯାଇ ନ ଥିଲେ ଆଜି ଏତେ ଟଙ୍କା ପଠାଇବା ସହଜ ହୋଇ ନ ଥାଆନ୍ତା। ଆଜି ଯେଉଁ ଟଙ୍କା ପଠାଯାଇଛି ତାହା ବ୍ୟାଙ୍କ ଖାତାରେ ଜମା ହେବ। ସେଥିରୁ କେହି ଗୋଟିଏ ପଇସା ବି ନେଇପାରିବେ ନାହିଁ। ପୂର୍ବରୁ ଯୋଜନାର ଅର୍ଥ ଆପଣଙ୍କ ପାଖକୁ ପହଞ୍ଚିବା ପୂର୍ବରୁ ଲୁଟ୍ ହୋଇ ଯାଇଥିଲା। ଭଉଣୀ ସୁସ୍ଥ ଏବଂ ଖୁସିରେ ରହିଲେ ଭାଇ ଖୁସି ହୋଇଥାଏ। ଆଜି ଆପଣଙ୍କ ଦୁଇ ଭାଇ ନରେନ୍ଦ୍ର ଏବଂ ନୀତୀଶ ମିଳିମିଶି ଭଉଣୀମାନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି।

## 'ବ୍ଲାକବୋର୍ଡ'ରେ ନିର୍ବାଚନ ଲଢିବେ ଲାଲୁଙ୍କ ପୁଅ

ପାଟନା, ୨୬।୯ (ଏଜେନ୍ସି): ପ୍ରେମ ପାଇଁ ପରିବାରରୁ ବିତାଡ଼ିତ ହେବା ପରେ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ ନୂଆ ଦଳ ଗଠନ କରିଛନ୍ତି। ଏହି 'ଜନଶକ୍ତି ଜନତା ଦଳ' ମାଧ୍ୟମରେ ସେ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ତାଙ୍କ ଦଳ ସହ ମେଣ୍ଟ କରିବା ପାଇଁ କଂଗ୍ରେସ ଏବଂ ଆରଜେଡିକୁ ମଧ୍ୟ କହିଛନ୍ତି। ସେ ନିଜ ସାନ ଭାଇ ତଥା ଆର୍‌ଜେଡିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କୁହାଯାଉଥିବା ତେଜସ୍ୱୀ ଯାଦବଙ୍କୁ ମଧ୍ୟ ଚେତାବନୀ ଦେଇଛନ୍ତି। ଦଳ କଥାରେ ମୁଣ୍ଡ ନ ପୂରାଇବାକୁ କହିଛନ୍ତି। ଭାଇକୁ ମୁଖ୍ୟମନ୍ତ୍ରୀ ହେବାକୁ ସମର୍ଥନ ଦେବେ ବୋଲି ମଧ୍ୟ ତେଜପ୍ରତାପ ଉଲ୍ଲେଖ କରିଛନ୍ତି। ଏପରି ସମୟରେ ତେଜପ୍ରତାପଙ୍କ ଦଳକୁ ନିର୍ବାଚନୀ ଚିହ୍ନ ମିଳିଯାଇଛି। ବ୍ଲାକ ବୋର୍ଡ ତଥା କଳାପଟା ମାଧ୍ୟମରେ ସେ ମୈଦାନକୁ ଓହ୍ଲାଇବେ ବୋଲି ଜଣାପଡ଼ିଛି। ତେଜ ପ୍ରତାପ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆମେ ବିହାରର ସାମଗ୍ରିକ ବିକାଶ ପାଇଁ ସମ୍ପୂର୍ଣ୍ଣ ସମର୍ପିତ ଓ ପ୍ରସ୍ତୁତ। ରାଜ୍ୟରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣି ନୂତନ ବ୍ୟବସ୍ଥା ସୃଷ୍ଟି କରିବା ଆମର ଲକ୍ଷ୍ୟ। ସାମଗ୍ରିକ ବିକାଶ ପାଇଁ ଦୀର୍ଘ ଲଢେଇ ନିମନ୍ତେ ଆମେ ପ୍ରସ୍ତୁତ ଅଛୁ। ଏହା ସହିତ ତେଜପ୍ରତାପ ନିଜ ଦଳର ପୋଷ୍ଟର ଉନ୍ମୋଚନ କରିଛନ୍ତି। ଏଥିରେ ତାଙ୍କ ବାପାଙ୍କ ଫଟୋ ନାହିଁ। ମହାତ୍ମା ଗାନ୍ଧୀ, ବି.ଆର. ଆମ୍ବେଦକର, ରାମ ମନୋହର ଲୋହିଆ, ଜୟ ପ୍ରକାଶ ନାରାୟଣ ଏବଂ କର୍ପୁରୀ ଠାକୁରଙ୍କୁ ପୋଷ୍ଟରରେ ସ୍ଥାନ ଦିଆଯାଇଛି।

## ଶାହବାଜ-ମୁନୀରଙ୍କୁ ଅଧ ଘଣ୍ଟା ଅପେକ୍ଷା କରାଇଲେ ଟ୍ରମ୍ପ

ୱାଶିଂଟନ, ୨୬।୯ (ଏଜେନ୍ସି): ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନାମୁଖ୍ୟ ଅସୀମ ମୁନୀର ଗୁରୁବାର ବିଳମ୍ବିତ ରାତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସାକ୍ଷାତ କରିଛନ୍ତି। ବୈଠକ ପୂର୍ବରୁ ଟ୍ରମ୍ପ ଉଭୟଙ୍କୁ ପ୍ରାୟ ୩୦ ମିନିଟ ପର୍ଯ୍ୟନ୍ତ ଅପେକ୍ଷା କରାଇ ଥିଲେ। ଏହି ସମୟରେ ଟ୍ରମ୍ପ ସାମ୍ବାଦିକ ସମ୍ମିଳନୀ କରୁଥିଲେ। ସୂଚନା ଅନୁଯାୟୀ ରାତି ପ୍ରାୟ ୨ଟାରେ ଶାହବାଜ ହ୍ୱାଇଟହାଉସରେ ପହଞ୍ଚି ଥିଲେ। ଏହି ସମୟରେ ଟ୍ରମ୍ପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର ଏବଂ ସାମ୍ବାଦିକଙ୍କ ସହ ଆଲୋଚନା କରୁଥିଲେ। ଟ୍ରମ୍ପଙ୍କ ପାଇଁ ଶାହବାଜ ଅପେକ୍ଷା କରି ରହିଥିଲେ। ପରେ ଉଭୟଙ୍କ ମଧ୍ୟରେ ଘଣ୍ଟାଏ ୨୦ ମିନିଟ ପର୍ଯ୍ୟନ୍ତ ଗୁପ୍ତ ଆଲୋଚନା ହୋଇଥିଲା। ଏହି ବୈଠକକୁ ଗଣମାଧ୍ୟମକୁ ପ୍ରବେଶ ଅନୁମତି ଦିଆଯାଇ ନ ଥିଲା। ଟ୍ରମ୍ପ ଏବଂ ସରିଫ-ମୁନୀର ଆଲୋଚନାକୁ ନେଇ ହ୍ୱାଇଟହାଉସ ପକ୍ଷରୁ କୌଣସି ଫଟୋ କିମ୍ବା ଭିଡିଓ ଜାରି କରାଯାଇ ନ ଥିଲା। ତେବେ ଏହା ପୂର୍ବରୁ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ନେଇ ଟ୍ରମ୍ପ ଯେଉଁ ଦାବି କରି ଆସୁଛନ୍ତି ତାହାକୁ ଶାହବାଜ ସମର୍ଥନ ଦେଇଥିଲେ। ଗତ ତିନି ଦିନ ମଧ୍ୟରେ ଟ୍ରମ୍ପ ଏବଂ ଶାହବାଜଙ୍କ ମଧ୍ୟରେ ଦ୍ୱିତୀୟ ଆଲୋଚନା ହୋଇଛି।

## 'ସମାନ ନାଗରିକ ସଂହିତା' ସପକ୍ଷରେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ବିଜେପି ଶାସିତ କିଛି ରାଜ୍ୟ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କଲେଣି। କିନ୍ତୁ ବିରୋଧୀ ଦଳଗୁଡିକ ଏହାକୁ ବିରୋଧ କରୁଛନ୍ତି। ଏପରି ସମୟରେ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ୟୁସିସି ସପକ୍ଷରେ ରାୟ ଦେଇଛନ୍ତି।

### ପୋକ୍ସୋରେ ବାଲ୍ୟ ବିବାହ ଅପରାଧ, କିନ୍ତୁ ପର୍ସନାଲ ଲ'ରେ ନୁହେଁ

ସମାନ ନାଗରିକ ସଂହିତା ସମୟର ଆବଶ୍ୟକତା ବୋଲି କୋର୍ଟ କହିଛନ୍ତି। ମୁସଲିମ ପର୍ସନାଲ ଲ'ରେ ବାଲ୍ୟ ବିବାହକୁ ଅନୁମତି ଦିଆଯାଇଛି। ମାତ୍ର ପୋକ୍ସୋ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ରେ ବାଲ୍ୟ ବିବାହ ଅପରାଧ। ଏହି ଆଇନଗୁଡ଼ିକୁ ନେଇ ବାରମ୍ବାର ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ତେଣୁ ଆଇନର ସ୍ପଷ୍ଟ ବାଖ୍ୟାର ଆବଶ୍ୟକତା ରହିଛି। ଏଭଳି ବିସଙ୍ଗତିଗୁଡିକୁ ୟୁସିସି ଦୂର କରିବ ବୋଲି ଜଷ୍ଟିସ ଅରୁଣ ମୋଙ୍ଗା କହିଛନ୍ତି।

ବିଚାରପତି କହିଛନ୍ତି ଯେ ଅନେକ ମାମଲାରେ କୋର୍ଟ ପାଇଁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ। ଏବେ କ'ଣ ୟୁସିସି ଲାଗୁ କରିବାର ସମୟ ଆସିନାହିଁ କି? ୟୁସିସିରେ ଗୋଟିଏ ବ୍ୟବସ୍ଥା ରହିବ, ଯେଉଁଥିରେ ପର୍ସନାଲ ଲ' ଭଳି ଆଇନ ଆଉ ରାଷ୍ଟ୍ରୀୟ ଆଇନ ଉପରେ ଭାରି ହେବ ନାହିଁ। ୟୁସିସି କାର୍ଯ୍ୟକାରୀ କରିବାର ନିଷ୍ପତ୍ତିକୁ ଆଇନ ପ୍ରଣେତାଙ୍କ ବିବେକ ଉପରେ ଛାଡ଼ିଦେବା ଉଚିତ। କିନ୍ତୁ ବିଧାନସଭା କିମ୍ବା ସଂସଦ ମାଧ୍ୟମରେ ମାମଲାର ସ୍ଥାୟୀ ସମାଧାନ ହେବା ଉଚିତ। ଜଣେ ନାବାଳିକାଙ୍କୁ ବିବାହ କରିଥିବା ଅଭିଯୁକ୍ତ ହାମିଦ ରାଜାର ଜାମିନ ଆବେଦନର ଶୁଣାଣି ସମୟରେ ଦିଲ୍ଲୀ ହାଇକୋର୍ଟ ଏହି ଟିପ୍ପଣୀ ଦେଇଥିଲେ। ହାମିଦ ବିରୋଧରେ ଆଇପିସିର ଧାରା ୩୭୬ ଏବଂ ପୋକ୍ସୋ ଆଇନ ଲଗାଯାଇଥିଲା। ନାବାଳିକାଙ୍କ ସାବତ ବାପା ଏହି ଅଭିଯୋଗ ଦାଏର କରିଥିଲେ।

## ଲଦାଖ ହିଂସା ପାଇଁ ବନ୍ଧାହେଲେ ୱାଙ୍ଗଚୁକ୍



ଲେହ, ୨୬।୯ (ଏଜେନ୍ସି): ଲଦାଖ ହିଂସାକୁ ନେଇ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ଏହି ହିଂସା ପାଇଁ ସରକାର ତାଙ୍କୁ ଦାୟୀ କରିଛନ୍ତି। ସେ ଉସୁକାଇବା ଭଳି ମନ୍ତବ୍ୟ ଦେବାରୁ ହିଂସା ହେଲା ବୋଲି କୁହାଯାଇଛି। ତେବେ ସେ ଦିନକ ତଳେ ନିଜକୁ ନିର୍ଦ୍ଦୋଷ କହିଥିଲେ। ଏହି କାରଣରୁ ଯେକୌଣସି ସମୟରେ ଗିରଫ କଲେ ଖୁସି ହେବି ବୋଲି କହିଥିଲେ। କିନ୍ତୁ କେଉଁ ମାମଲାରେ ତାଙ୍କୁ ଗିରଫ କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୱାଙ୍ଗଚୁକଙ୍କ ବିରୋଧରେ ନ୍ୟାସନାଲ ସିକ୍ୟୁରିଟି ଆକ୍ଟ (ଏନ୍ଏସଏ) ଲଗାଯାଇଛି। ତାଙ୍କୁ ଗିରଫ କରି ଅଜ୍ଞାତ ସ୍ଥାନକୁ ନିଆଯାଇଛି। ଶୁକ୍ରବାର ରାତିରେ କିମ୍ବା ଶନିବାର ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାର ସମ୍ଭାବନା ରହିଛି। ଏନ୍ଏସଏ ଅଧିନରେ ଅଭିଯୁକ୍ତକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ହେପାଜତରେ ରଖିବାକୁ ସୁରକ୍ଷା ଏଜେନ୍ସିକୁ ଅନୁମତି ଦିଆଯାଇଛି। ଏହା ସହିତ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଲଦାଖରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ଭୁଲ୍ ସୂଚନା ପ୍ରଚାରପ୍ରସାରକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

ଗତ ୨୪ ତାରିଖରେ ହୋଇଥିବା ହିଂସା ପରଠାରୁ କ୍ରମାଗତ ତୃତୀୟ ଦିନ ପାଇଁ ଲେହରେ କର୍ଫ୍ୟୁ ଜାରି ରହିଛି। ସ୍କୁଲ-କଲେଜଗୁଡିକୁ ଶନିବାର ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଲେହକୁ ରାଜ୍ୟମାନ୍ୟତା ଏବଂ ଷଷ୍ଠ ଅନୁସୂଚୀରେ ସାମିଲ ଦାବିକୁ ନେଇ ବିକ୍ଷୋଭ ଚାଲିଥିବାବେଳେ ଏହି ହିଂସା ହୋଇଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ହୋଇଥିଲା। ୪୦ ପୁଲିସ କର୍ମଚାରୀଙ୍କ ସମେତ ୮୦ରୁ ଅଧିକ ଆହତ ହୋଇଥିଲେ। ଏ ପର୍ଯ୍ୟନ୍ତ ଏହି ମାମଲାରେ ୬୦ ଅଭିଯୁକ୍ତଙ୍କୁ ଗିରଫ କରାଗଲାଣି। ଅନ୍ୟପକ୍ଷରେ ୱାଙ୍ଗଚୁକଙ୍କ ସଂସ୍ଥା ଷ୍ଟୁଡେଣ୍ଟସ ଏଜୁକେସନାଲ ଆଣ୍ଡ କଲ୍‌ଚୁରାଲ ମୁଭମେଣ୍ଟ ଅଫ ଲଦାଖ (ଏସଇସିଏମଓଏଲ)ର ବିଦେଶୀ ଫଣ୍ଡିଂ ଲାଇସେନ୍ସକୁ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ରଦ୍ଦ କରିଦେଇଛି। ଏହି ସଂସ୍ଥା ବିଦେଶୀ ପାଣ୍ଠି ସଂଗ୍ରହ ନିୟମକୁ ଉଲ୍ଲଘଂନ କରିଛି ବୋଲି କୁହାଯାଇଛି। ସେହିପରି ସିବିଆଇ ୱାଙ୍ଗଚୁକ୍ଙ୍କ ଆଉ ଏକ ଏନ୍‌ଜିଓ ହିମାଳୟାନ ଇନଷ୍ଟିଚ୍ୟୁଟ ଅଫ ଅଲଟରନେଟିଭସ ଲଦାଖ (ଏଚଆଇଏଏଲ)ର ବିଦେଶୀ ଫଣ୍ଡିଂ (ଏଫ୍‌ସିଆରଏ) ମାମଲାର ତଦନ୍ତ ଆରମ୍ଭ କରିଛି। ଏହି ସଂସ୍ଥା ମଧ୍ୟ ଏଫ୍‌ସିଆରଏ ନିୟମ ଉଲ୍ଲଘଂନ କରିଥିବା ଅଭିଯୋଗ ଲାଗିଛି। ସିବିଆଇ ଟିମ୍ ବି ଏହି ଏନ୍‌ଜିଓର ଆକାଉଣ୍ଟ ଏବଂ ରେକର୍ଡ ଯାଞ୍ଚ କରୁଛି।


ୱାଙ୍ଗଚୁକ କହିଛନ୍ତି ଯେ ତିନୋଟି ମାମଲାରେ ମିଳିତ ଜାତିସଂଘ, ସ୍ୱିଜରଲାଣ୍ଡର ଏକ ୟୁନିଭର୍ସିଟି ଏବଂ ଇଟାଲୀର ଏକ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏହାକୁ ନେଇ ସରକାରଙ୍କୁ

### ଅଜ୍ଞାତ ସ୍ଥାନରେ ରଖାଯାଇଛି

### ତୃତୀୟ ଦିନରେ ଲଦାଖରେ କର୍ଫ୍ୟୁ

ଟିକସ ମଧ୍ୟ ଦିଆଯାଇଥିଲା। ସିବିଆଇ କେବଳ ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତର ରେକର୍ଡ ଯାଞ୍ଚ କରିବାର ଥିଲା। କିନ୍ତୁ ଏବେ ୨୦୨୦ ଏବଂ ୨୦୨୧ର ରେକର୍ଡ ବି ଦେଖୁଛି। ବାହାରର ସ୍କୁଲ୍‌ରୁ ମଧ୍ୟ କାଗଜପତ୍ର ମଗାଯାଉଛି। ପ୍ରଥମେ ସ୍ଥାନୀୟ ପୁଲିସ ତାଙ୍କ ବିରୋଧରେ ରାଜଦ୍ରୋହ ମାମଲା ଲଗାଇ ଥିଲା। ଚାରି ବର୍ଷ ତଳର ଏକ ପୁରୁଣା ମାମଲା ମଧ୍ୟ ଖୋଲିଥିଲା। ଏଥିରେ ଶ୍ରମିକଙ୍କୁ ଦରମା ଦେଇ ନ ଥିବା ଅଭିଯୋଗ ହୋଇଥିଲା। ନିକଟରେ ଏଚଆଇଏଲ ପକ୍ଷରୁ ଦିଆଯାଇଥିବା ଜମି ପଟାକୁ ସରକାର ଖାରଜ କରିଦେଇଥିଲେ। ଲିଜ୍ ବାବଦ ଦେୟ ଦିଆଯାଇ ନ ଥିବା କୁହାଯାଇଥିଲା। କିନ୍ତୁ ସରକାର ଦେୟ ଗ୍ରହଣ କରିଥିବା ନେଇ ତାଙ୍କ ପାଖରେ ପ୍ରମାଣ ରହିଛି। ଆୟକର ବିଭାଗ ମଧ୍ୟ ତାଙ୍କୁ ନୋଟିସ ପଠାଇଛି। ଅନ୍ୟପଟେ ୱାଙ୍ଗଚୁକ୍ଙ୍କ ଗିରଫକୁ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ବିଜେପି ନିଜ ପ୍ରତିଶ୍ରୁତି ପୂରଣ କରିନାହିଁ। ଏଭଳି ସ୍ଥିତି ସୃଷ୍ଟି ହେବାକୁ ବିଜେପି କାହିଁକି ଦେଲା ବୋଲି ସେ ପ୍ରଶ୍ନ କରିଛନ୍ତି।

## ଚାଷୀକୁ ମୁଖ୍ୟମନ୍ତ୍ରୀ କରିଦିଅ; ଆମେ କ'ଣ ବାଟି ଖେଳିବାକୁ ଆସିଛୁ



ମୁମ୍ବାଇ, ୨୬।୯ (ଏଜେନ୍ସି): ମହିଳା ଆଇପିଏସ ଅଧିକାରୀଙ୍କୁ ଖୋଲମଖୋଲା ଧମକ ଦେଇ ବିବାଦରେ ଫସିଥିବା ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ତଥା ଏନ୍ସିପି ମୁଖ୍ୟ ଅଜିତ ପାୱାର ଏବେ ଗରିବ ଚାଷୀଙ୍କ ଉପରେ ରାଗ ଝାଡ଼ିଛନ୍ତି। ମରାଠାୱାଡ଼ା ଧାରାଶିବରେ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିବାକୁ ଯାଇ ସେ ଚାଷୀଙ୍କ ଉପରେ ଚିହିଁକି ଉଠିଛନ୍ତି। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ବନ୍ୟା ଫସଲ କ୍ଷତି ହୋଇଥିବା ଦର୍ଶାଇ ଚାଷୀ ଋଣ ଛାଡ଼ ଦାବି କରିବାରୁ ଉପ-ମୁଖ୍ୟମନ୍ତ୍ରୀ ଆଉ ନିଜକୁ ସମ୍ଭାଳି ପାରି ନ ଥିଲେ। ଚାଷୀଙ୍କ ଉପରେ ଦାଉ ସାଧି ଥିଲେ। ଯେଉଁ ଚାଷୀ ଋଣ ଛାଡ଼ ଦାବି କରିଥିଲେ ତାଙ୍କୁ ହିଁ ମୁଖ୍ୟମନ୍ତ୍ରୀ କରିଦିଅ ବୋଲି କହିଥିଲେ। ଆମେ କ'ଣ ବାଟି ଖେଳିବାକୁ ଆସିଛୁ ବୋଲି ପଚାରି ଥିଲେ। ଏହାକୁ ବିଭିନ୍ନ ମହଲରେ ତାଙ୍କୁ ସମାଲୋଚନା କରାଯାଉଛି। ଜଣେ ରାଜନେତା ହୋଇ ସେ ଗୁଣ୍ଡାଙ୍କ ଭଳି ବ୍ୟବହାର କରୁଥିବା କୁହାଯାଉଛି।

ଭାଇରାଲ ଭିଡିଓରେ ଅଜିତ ପାୱାର କହୁଛନ୍ତି ଯେ ସକାଳ ୬ଟାରୁ ମୁଁ ଆଜି କାର୍ଯ୍ୟାରମ୍ଭ କରିଛି। ଯିଏ କାମ କରୁଛି ତାକୁ ଖାଲି ଆପଣମାନେ ସମାଲୋଚନା

### ଋଣଛାଡ଼ ଦାବିରେ ରାଗିଗଲେ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର

କରୁଛନ୍ତି। ଭଉଣୀମାନଙ୍କୁ ଆମେ ବହୁତ କିଛି ସହାୟତା କରିଛୁ। ବର୍ଷକୁ ୪୫ ହଜାର କୋଟିର ସହାୟତା ଦେଉଛୁ। ଚାଷୀଙ୍କ ବିଜୁଳି ବିଲ୍ ଛାଡ଼ କରୁଛୁ। ଏ ବାବଦକୁ ୨୦ ହଜାର କୋଟି ଟଙ୍କା ଦିଆଯାଇଛି। ତେଣୁ ଟଙ୍କାକୁ ନେଇ ଦେଖେଇ ହୁଅନ୍ତୁ ନାହିଁ ବୋଲି ଅଜିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହା ପୂର୍ବରୁ ଚଳିତ ମାସରେ ମହିଳା ଆଇପିଏସ ଅଧିକାରୀ ଅଞ୍ଜନା କୃଷ୍ଣାଙ୍କ ସହ ପାୱାର ଯୁକ୍ତି କରୁଥିବା ଭିଡିଓ ସାମ୍ନାକୁ ଆସିଥିଲା।

## ଜାତିସଂଘରେ ନେତନ୍ୟାହୁଙ୍କୁ ବୟକଟ୍

ନ୍ୟୁୟର୍କ, ୨୬।୯ (ଏଜେନ୍ସି): ୟୁକ୍ରେନ ଯୁଦ୍ଧକୁ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ଗିରଫ ହେବାର ଭୟ ଘାରିଛି। ତେଣୁ ସେ ମାର୍ଗ ବଦଳାଇ ଆମେରିକାରେ ପହଞ୍ଚିଛନ୍ତି। ୫ ୟୁରୋପୀୟ ଦେଶର ବାୟୁସୀମା ନ ଦେଇ୬୦୦ କିମି ଅଧିକ ଯାତ୍ରା କରି ଜାତିସଂଘ ସାଧାରଣ ପରିଷଦ ବୈଠକ (ୟୁଏନଜିଏ)ରେ ଅଭିଭାଷଣ ଦେବାକୁ ପହଞ୍ଚିଛନ୍ତି। କାରଣ ଗାଜାରେ ନରସଂହାରକୁ ନେଇ ଆଇସିସି ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି। ତେଣୁ ଫ୍ରାନ୍ସ, ସ୍ପେନ, ପର୍ତ୍ତୁଗାଲ, ବ୍ରିଟେନ, ଆୟରଲାଣ୍ଡ ଆକାଶ ମାର୍ଗ ଦେଇ ଯାଇଥିଲେ ତାଙ୍କୁ ଗିରଫ କରାଯିବାର ଆଶଙ୍କା ଥିଲା। ଅନ୍ୟପଟେ ନେତନ୍ୟାହୁଙ୍କ ଅଭିଭାଷଣକୁ ଜାତିସଂଘରେ ବୟକଟ୍ କରାଯାଇଛି। ସେ ଅଭିଭାଷଣ ଆରମ୍ଭ କରିବା ମାତ୍ରେ ଅନେକ ଦେଶର କୂଟନୈତିଜ୍ଞ ହଲ୍ ଛାଡ଼ି ପଳାଇଛନ୍ତି। ଏହା ସତ୍ତ୍ୱେ ସେ ଭାଷଣ ଜାରି ରଖିଥିଲେ। ଇସ୍ରାଏଲ ନିଜର ସବୁ ଶତ୍ରୁଙ୍କୁ ନିହତ କରିଛି ବୋଲି କହିଥିଲେ।

# ମୋଦୀ-ପୁତିନଙ୍କୁ ନେଇ ନାଟୋ ମୁଖ୍ୟଙ୍କ ଅପପ୍ରଚାର

### ତୀବ୍ର ବିରୋଧ କଲା ଭାରତ

### ଏଭଳି ମନ୍ତବ୍ୟ ଗ୍ରହଣଯୋଗ୍ୟ ନୁହଁ

ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଚାହୁଁଛନ୍ତି। ଏହା ପାଇବା ପାଇଁ ସେ ସବୁ କିଛି କରିବାକୁ ପ୍ରସ୍ତୁତ ଅଛନ୍ତି। ଏହାକୁ ନେଇ ସେ ନାଟୋ ମୁଖ୍ୟ ମାର୍କ ରୁଟ୍‌ଙ୍କୁ ଅସ୍ତ୍ର କରିଛନ୍ତି। ଆଉ ଭାରତରେ ବିରୋଧରେ ମିଥ୍ୟା ପ୍ରଚାରପ୍ରସାର କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଶୁଳ୍କ ଚାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଫୋନ୍‌ରେ କଥା ହୋଇଥିବା ମାର୍କ ଦାବି କରିଛନ୍ତି। ସେ ଏକ ସାକ୍ଷାତକାରରେ କହିଥିଲେ ଯେ ଆମେରିକା ରାଷ୍ଟ୍ରପତି ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ରୁଷ୍‌ଠାରୁ ତୈଳ କିଣୁଥିବାରୁ ଏଥିରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ସାମିଲ ରହିଛି। ଏହାର ଗଭୀର ପ୍ରଭାବ ମସ୍କୋ ଉପରେ ପଡ଼ିଛି। ଏହାକୁ ନେଇ ନୂଆଦିଲ୍ଲୀ ଏବଂ ମସ୍କୋ ମଧ୍ୟରେ ଫୋନ ଯୋଗେ ଆଲୋଚନା ଜାରି ରହିଛି। ଏହି ବାର୍ତ୍ତାଳାପରେ ମୋଦୀ ୟୁକ୍ରେନ ଯୁଦ୍ଧ ବନ୍ଦ କରିବାର ଯୋଜନା ବିଷୟରେ ପୁତିନଙ୍କୁ ପଚାରି ଥିଲେ। ଟ୍ରମ୍ପଙ୍କ ଶୁଳ୍କକୁ ନେଇ ଭାରତ ଏବଂ ରୁଷ୍ ମଧ୍ୟରେ ଅନେକ ଥର ଆଲୋଚନା ମଧ୍ୟ ହୋଇଛି। ଏବେ ଭାରତ ଏହାର ମୁଖା



ଖୋଲି ଦେଇଛି। ଭାରତୀୟ ବୈଦେଶିକ ମନ୍ତ୍ରାଳୟ ଏହାକୁ ସମ୍ପୂର୍ଣ୍ଣ ଆଧାରହୀନ କହିଛି।

ନାଟୋ ମୁଖ୍ୟଙ୍କୁ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଦୃଢ଼ ଜବାବ ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ପୁତିନଙ୍କ ମଧ୍ୟରେ ଫୋନ୍ ବାର୍ତ୍ତାଳାପକୁ ନେଇ ନାଟୋ ମୁଖ୍ୟ ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ଭୁଲ୍। ଏହା ଆଧାରହୀନ ଏବଂ ଭ୍ରମାତ୍ମକ। ମାର୍କଙ୍କ ମନ୍ତବ୍ୟରେ କୌଣସି ସତ୍ୟତା ନାହିଁ। ମୋଦୀ ଏବଂ ପୁତିନଙ୍କ ମଧ୍ୟରେ ଏଭଳି କୌଣସି ଆଲୋଚନା ହୋଇନାହିଁ। ଉଭୟ ନେତାଙ୍କୁ ନେଇ ନାଟୋ ମୁଖ୍ୟ ଏଭଳି ଆଧାରହୀନ ମନ୍ତବ୍ୟ ଦେବାରୁ ବିରତ ରହିବା ଉଚିତ। ଏଭଳି ଟିପ୍ପଣୀକୁ କଦାପି ସ୍ୱୀକାର କରାଯିବ ନାହିଁ। ନାଟୋ ଭଳି ସଂଗଠନର ମୁଖ୍ୟ ଅଧିକ ଦାୟିତ୍ୱବାନ ହେବା ଉଚିତ। କିନ୍ତୁ ଏଭଳି ଟିପ୍ପଣୀ ନୈରାଶ୍ୟଜନକ। ନାଟୋ ପକ୍ଷରୁ ଏଭଳି ଟିପ୍ପଣୀ ଦିଆ ନ ଯିବା ଉଚିତ।

ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଜାତୀୟ ସ୍ୱାର୍ଥ ଏବଂ ଆର୍ଥିକ ସୁରକ୍ଷାକୁ ଧ୍ୟାନରେ ରଖି ଭାରତ ଶକ୍ତି ଆମଦାନୀ ନେଇ ନିଷ୍ପତ୍ତି ନେଇଥାଏ। ଭାରତୀୟ ଗ୍ରାହକମାନଙ୍କୁ କମ୍ ଦାମରେ ଏବଂ ଶକ୍ତି ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥାଏ। ଭାରତ ନିଜର ଜାତୀୟ ସ୍ୱାର୍ଥ ଏବଂ ଆର୍ଥିକ ସୁରକ୍ଷାକୁ ରକ୍ଷା କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ।

ସକାଳ THE SAKALA
www.sakalaepaper.com

# ସମ୍ପୂର୍ଣ୍ଣା

ଶନିବାର, ୨୭ ସେପ୍ଟେମ୍ବର, ୨୦୨୫



## ଆଜିର ରାଶିଫଳ

**ମେଷ:** ପରିଶ୍ରମ ଅନୁସାରେ ଫଳ ମିଳିବ । ମାନସମ୍ମାନ ବୃଦ୍ଧି ପାଇବ । ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି । ନକାରାତ୍ମକ ଚିନ୍ତା ଦୂର ହେବ ।

**ବୃଷ:** ଅଚାନକ ଖୁସି ଖବର ପାଇବେ । ପରିବାରର ଦାୟିତ୍ୱ ବଢ଼ିପାରେ । ଲେଖକ/ଲେଖିକାଙ୍କ ପାଇଁ ଦିନଟି ବହୁତ ଭଲ । ଅତିଥି ସତ୍କାର କରିପାରନ୍ତି । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

**ମିଥୁନ:** ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଭଲ ସମୟ । ପ୍ରେମ ବ୍ୟାପାରରେ ସଫଳ ହେବେ । ଚକ୍ଷୁ ସମସ୍ୟା ଭୋଗି ପାରନ୍ତି । ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ମନ ପ୍ରସନ୍ନ ରହିବ ।

**କର୍କଟ:** ଆୟ ଅନୁସାରେ ବ୍ୟୟ ଅଧିକ ହେବ । ଦୀର୍ଘ ଦିନରୁ ଚାଲିଥିବା ପାରିବାରି ସମସ୍ୟାରୁ ମୁକ୍ତି ମିଳିବ । ପିଲାଙ୍କ ଗତିବିଧି ଉପରେ ମା' ମାନେ ନଜର ରଖନ୍ତୁ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ କାମ କରନ୍ତୁ ।

**ସିଂହ:** ରାଜନେତାଙ୍କ ପାଇଁ ଦିନଟି ଭଲ । ବ୍ୟକ୍ତିଗତ କଥାକୁ ଗୋପନୀୟ ରଖନ୍ତୁ । ପଡୋଶୀଙ୍କ ସହ ଛୋଟ ଛୋଟ କଥାରେ ମନୋମାଳିନ୍ୟ ହୋଇପାରେ । ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ହେବ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେଇପାରେ । ପାରିବାରିକ ଜୀବନ ସୁଖମୟ ହେବ । ଆୟର ନୂଆ ଅବସର ପ୍ରାପ୍ତ ହେବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ତୁଳା:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିପାରେ । ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ଦୀର୍ଘ ଦିନର ଆଶା ପୂରଣ ହେବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିକୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ଉଧାର ଟଙ୍କା ଫେରି ପାଇବେ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ରାଜନେତାଙ୍କ ପାଇଁ ଦିନଟି ଭଲ । ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି ।

## ଆଜିର ଇତିହାସ

- ୧୭୬୦- ମୀର୍ କାସିମ୍ ବଙ୍ଗର ନବାବ ହେଲେ ।
- ୧୮୩୩- ସମାଜ ସଂସ୍କାରକ ରାଜା ରାମମୋହନ ରାୟଙ୍କ ଦେହାନ୍ତ ।
- ୧୯୦୭- ମହାନ୍ କ୍ରାନ୍ତିକାରୀ ଭଗତ ସିଂହଙ୍କ ଜନ୍ମ ।
- ୧୯୩୯- ପୋଲାଣ୍ଡ ଜର୍ମାନୀ ନିକଟରେ ଆତ୍ମସମର୍ପଣ କଲା ।
- ୧୯୯୮- ସର୍ଚ୍ଚ ଇଞ୍ଜିନ୍ 'ଗୁଗ୍‌ଲ'ର ସ୍ଥାପନା ହୋଇଥିଲା ।
- ୨୦୦୫- ବିଲ୍ ଗେଟ୍‌ସ ଲଗାତାର ଏଗାର ଥର ପାଇଁ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ହେଲେ ।

## ୩୦ ବର୍ଷ ଧରି ପିଉଛନ୍ତି ଇଞ୍ଜିନ୍ ଅଏଲ





ଅନେକ ଲୋକ ସେମାନଙ୍କ ଅଜବ ଖାଦ୍ୟରୁଚି ପାଇଁ ଚର୍ଚ୍ଚାରେ ଥାନ୍ତି । ଏହି କ୍ରମରେ କର୍ଣ୍ଣାଟକରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି । ଏଠାକାର ଜଣେ ବ୍ୟକ୍ତି ତିନି ଦଶନ୍ଧି ଧରି ଭାତ ରୁଟି ଛାଡ଼ି ଇଞ୍ଜିନ୍ ଅଏଲ୍ ପିଇ ଜୀବିତ ଅଛନ୍ତି । ନିକଟରେ ଏହି ବ୍ୟକ୍ତିଙ୍କର ଭିଡିଓ ଭାଇରାଲ ହେବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି । ଶିବମୋଗା ଜିଲ୍ଲାରେ ରହୁଥିବା ଏହି ବ୍ୟକ୍ତି ଜଣକ ଅଏଲ କୁମାର ନାଁରେ ସ୍ଥାନୀୟ ଅଞ୍ଚଳରେ ପରିଚିତ । ସେ ନିତିଦିନ ପାଖାପାଖି ସାତରୁ ଆଠ ଲିଟର ଇଞ୍ଜିନ୍ ଅଏଲ୍ ପିଇଥାନ୍ତି । ଏହାବାଦ୍ ପ୍ରତିଦିନ ସେ ଚା' ମଧ ପିଅନ୍ତି । ଭାଇରାଲ ଭିଡିଓରେ ଲୋକେ ତାଙ୍କୁ ଖାଦ୍ୟ ଯାଚୁଥିବାର ଦେଖାଯାଇଛି । ସେ କିନ୍ତୁ ଖାଦ୍ୟକୁ ଆଡ଼େଇ ଦେଇ ଇଞ୍ଜିନ୍ ଅଏଲ୍ ପିଉଥିବାର ଦେଖାଯାଇଛି । ଉଲ୍ଲେଖନୀୟ କଥାଟି ହେଉଛି, ତିରିଶ ବର୍ଷ ଧରି ଇଞ୍ଜିନ୍ ଅଏଲ୍ ପିଇବା ସତ୍ତ୍ୱେ ତାଙ୍କର କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇ ନାହିଁ । ଏପରିକି ସେ ଏଥିପାଇଁ ମେଡିକାଲ ମଧ ଯାଇ ନାହାନ୍ତି । ସେ କିଛି ରୋଗରେ ମଧ ପୀଡ଼ିତ ହୋଇ ନାହାନ୍ତି । ଏନେଇ ଅଏଲ୍ କୁମାରଙ୍କ କହିବା କଥା, ତାଙ୍କ ଜୀବନ ଭଗବାନ ଅୟପ୍ପାଙ୍କ କୃପାରୁ ଚାଲିଛି । ଭଗବାନଙ୍କ ଆର୍ଶୀବାଦ ନ ଥିଲେ ସେ ଏତେ ବର୍ଷ ଜିଇ ନ ଥାନ୍ତେ । ଇଞ୍ଜିନ୍ ଅଏଲ୍ ପେଟ୍ରୋଲିୟମ୍‌ରୁ ତିଆରି ହେଉଥିବାରୁ ମଣିଷ ସ୍ୱାସ୍ଥ୍ୟ ପାଇଁ ଏହା ଖୁବ୍ ବିପଜ୍ଜନକ ବୋଲି କୁହାଯାଏ । ଭୁଲବଶତଃ ଯଦି କୌଣସି ବ୍ୟକ୍ତି ଏହାକୁ ପିଇ ଦିଅନ୍ତି ଏହା ପାଚନତନ୍ତ୍ର ଓ ଫୁସ୍‌ଫୁସ୍ ଉପରେ ଗଭୀର ପ୍ରଭାବ ପକାଇଥାଏ । ତେବେ ଏହି ବ୍ୟକ୍ତି ଜଣକ ଏତେ ଦିନ ଧରି ଇଞ୍ଜିନ୍ ଅଏଲ୍ ପିଇ ଜୀବିତ ରହିବା ଘଟଣା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

## ବିଶ୍ୱ ପର୍ଯ୍ୟଟନ ଦିବସ



ଆଜି ବିଶ୍ୱ ପର୍ଯ୍ୟଟନ ଦିବସ । ବିଶ୍ୱବ୍ୟାପୀ ପର୍ଯ୍ୟଟନର ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ମୂଲ୍ୟବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ଏହାବାଦ୍ ପର୍ଯ୍ୟଟକମାନେ ବିଭିନ୍ନ ଦେଶ ବୁଲି ସେଠାକାର ସଂସ୍କୃତି ସମ୍ପର୍କରେ ଜାଣିବାକୁ ଏହି ଦିବସ ଉତ୍ସାହିତ କରିଥାଏ । ବିଶ୍ୱର ବିଭିନ୍ନ ଦେଶର ଲୋକଙ୍କୁ ପରସ୍ପରର ନିକଟତର ହେବାର ସୁଯୋଗ ଦେବା, ଅର୍ଥନୀତିକୁ ଶକ୍ତିଶାଳୀ କରିବା ସହ ସାଂସ୍କୃତିକ ସମ୍ପର୍କକୁ ମଜଭୁତ କରିବା ଏହି ଦିବସ ବାର୍ତ୍ତା ପ୍ରଦାନ କରିଥାଏ । ବିଶ୍ୱର କୋଣ ଅନୁକୋଣରେ ଥିବା ପର୍ଯ୍ୟଟନସ୍ଥଳଗୁଡ଼ିକ ବିଷୟରେ ଲୋକଙ୍କୁ ଅବଗତ କରିବା ସହ ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସଂଯୁକ୍ତ ରାଷ୍ଟ୍ର ବିଶ୍ୱ ପର୍ଯ୍ୟଟନ ସଂଗଠନ ଦ୍ୱାରା ୧୯୮୦ ମସିହାରୁ ସେପ୍ଟେମ୍ବର ୨୭ ତାରିଖକୁ 'ବିଶ୍ୱ ପର୍ଯ୍ୟଟନ ଦିବସ' ଭାବେ ପାଳନ କରାଯାଉଛି । ଏହି ଦିବସର ବିଶେଷତ୍ୱ ହେଲା ଯେ, ୧୯୭୦ ମସିହା ଏହି ଦିନ ମିଳିତ ଜାତିସଂଘ, ବିଶ୍ୱ ପର୍ଯ୍ୟଟନ ସଂଗଠନର (UNWTO) ଆଇନକୁ ମାନ୍ୟତା ଦିଆଯାଇଥିଲା । ବିଶ୍ୱସ୍ତରରେ ପର୍ଯ୍ୟଟନକୁ ବିଶେଷ ପ୍ରୋତ୍ସାହନ ଦେବା ସନ୍ଦର୍ଭରେ ଏହି ଆଇନଗତ ପ୍ରକ୍ରିୟା ଏକ ମାଇଲ୍ ଖୁଣ୍ଟ ସଦୃଶ । ପର୍ଯ୍ୟଟନ ସହିତ ଜଡ଼ିତ ଥିବା ଲୋକଙ୍କ ପାଇଁ ବିଶ୍ୱ ପର୍ଯ୍ୟଟନ ଦିବସ ଅତ୍ୟନ୍ତ ସ୍ୱତନ୍ତ୍ର । ଏହି ଦିନ ପର୍ଯ୍ୟଟନ ଏବଂ ପର୍ଯ୍ୟଟକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସମଗ୍ର ବିଶ୍ୱରେ ଅନେକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ । ପ୍ରତିବର୍ଷ ବିଶ୍ୱ ପର୍ଯ୍ୟଟନ ଦିବସର ଭିନ୍ନ ବିଷୟବସ୍ତୁ ରହିଥାଏ । ଏ ବର୍ଷର ବିଷୟବସ୍ତୁ ହେଉଛି 'Tourism and Sustainable Transformation' ।

## କିଆରାଙ୍କ ସ୍ଥାନ ନେବେ ଅନୀତ!



'ସୈୟାରା' ଫିଲ୍ମରୁ ଅନୀତ ପଡ୍ଡା ରାତାରାତି ଷ୍ଟାର୍ ପାଲଟି ଯାଇଛନ୍ତି । ତାଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି । ଏବେ ଅନୀତଙ୍କ ହାତକୁ ଏକ ବଡ଼ ପ୍ରୋଜେକ୍ଟ ଆସିଥିବା ଚର୍ଚ୍ଚା ହେଉଛି । ଦିନେଶ ବିଜନଙ୍କ ହରର୍ କମେଡି ୟୁନିଭର୍ସର ଆଗାମୀ ଫିଲ୍ମ 'ଶକ୍ତି ଶାଳିନୀ'ରେ ସେ ଲିଡ୍ ରୋଲରେ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି । ପୂର୍ବରୁ ଏହି ଫିଲ୍ମ ପାଇଁ କିଆରା ଆଡଭାନୀଙ୍କୁ ଫାଇନାଲ କରାଯାଇଥିଲା । ଏବେ କିଆରାଙ୍କ ସ୍ଥାନ ଅନୀତ ନେବେ ବୋଲି ନିକଟରେ କିଛି ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା । ଏହି ରିପୋର୍ଟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ମ୍ୟାଡକ୍ ଫିଲ୍ମସ୍ ପକ୍ଷରୁ ଇନ୍‌ଷ୍ଟାଗ୍ରାମ୍‌ରେ ଏନେଇ ଏକ ପୋଷ୍ଟ ସେୟାର୍ କରାଯାଇଥିଲା । ଏଥିରେ କୁହାଯାଇଛି, 'ମହାମୁଞ୍ଜ୍ୟା' ଓ 'ଶକ୍ତି ଶାଳିନୀ'ର କଳାକାରଙ୍କୁ ନେଇ ଆସିଥିବା ଖବର ପୂରାପୂରି ଗୁଜବ । ଏନେଇ ଆମେ ବିଧିବଦ୍ଧ ଭାବେ କିଛି ଘୋଷଣା କରିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ।' ମ୍ୟାଡକ୍ ଫିଲ୍ମର ସ୍ପଷ୍ଟୀକରଣ ପରେ ବି ଦର୍ଶକେ କିଆରାଙ୍କ ଠାରୁ ଅନୀତ ଭଲ ବିକଳ୍ପ ବୋଲି କହିଛନ୍ତି । 'ଶକ୍ତି ଶାଳିନୀ'ର ନିର୍ଦ୍ଦେଶନା ଦାୟିତ୍ୱରେ ଆଦିତ୍ୟ ସରପୋତଦାର ଅଛନ୍ତି । ଏହାର ସୁଟିଂ ୨୦୨୫ ଶେଷ ଆଡ଼କୁ ଆରମ୍ଭ ହେବ ।

## ଗାନ୍ଧୀ ଜୟନ୍ତୀ



ଭୋଜରାଜ ବୁଢ଼

ଧନ୍ୟ ଧନ୍ୟ ରାଜ୍ୟ ଗୁଜରାଟ,
କୋଳେ ଲଭିଲୁ ପରମ ସୁତ,
ଅଠରଶ ଅଣସ୍ତରୀ ଅକ୍ଟୋବର,
ଦୁଇ ତାରିଖେ କଲୁ ଭୂମିଷ୍ଠ ॥
ଧନ୍ୟ କରମ ଚାନ୍ଦ ଗାନ୍ଧୀ ତାତ,
ପୁତୁଲି ବାଇ ଧନ୍ୟ ତୁମେ ମାତ,
ପୂରୁବ ସୁକୃତ ବଳେ କଲ ଜାତ,
ଦେଶପ୍ରେମୀ, ଗୁଣୀ, ଜ୍ଞାନୀ ସୁତ ॥
ଆହେ ବରେଣ୍ୟ ମହାମାନବ,
ତୁମ ନାମ କି କେହି ଭୁଲିବ,
ଦେଶଦଶ ଲାଗି ପ୍ରାଣବଳି ଦେଲ,
ତା'ର ଦୃଷ୍ଟାନ୍ତ କି କାହିଁ ଥିବ ॥
ଯୋଗୀ ପରି କରମ ସାଧିଲ,
ଦୈତ୍ୟ ଫିରିଙ୍ଗି ବଳ ଭାଙ୍ଗିଲ,
ତେର ନଈ ସାତ ଦରିଆ ସେପାରେ,
ବିନା ଅସ୍ତ୍ରେ ରାକ୍ଷସେ ତଡ଼ିଲ ॥
ପରାଧୀନ ଶୃଙ୍ଖଳ ଛିଣ୍ଡିଲା,
ସ୍ୱାଧୀନତା ସୂରୁଜ ଉଇଁଲା,
ଦେଶ ଜନନୀର ତପ୍ତ ଅଶ୍ରୁଧାର,
ଚିର ଦିନ ପାଇଁ ପୋଛିଦେଲା ॥
ଆମେ ତୁମରତ ବଂଶଧର,
ବକ୍ଷେ ବହେ ତୁମ ରକ୍ତଧାର,
ହେବୁ ଯୋଗ୍ୟସୁତ ଭାରତ ମାତାର,
ସ୍ୱର୍ଗେ ଥାଇ ସୁଆଶିଷ କର ॥
ଆଜି ପାଳୁଛୁ ତବ ଜୟନ୍ତୀ
କରୁ ଭିକ୍ଷା ଦିଅ ହେ ଶକତି,
କୁଟି ଖାଇ କାଟି ପିନ୍ଧିଣ ସାହସେ,
ମାନି ଚଳିବୁ ଅହିଂସା ନୀତି ॥

ପାଇକମାଳ, ବରଗଡ଼
ମୋ- ୬୩୭୧୯୮୭୫୪୨



## ମାଆ ଆସିବେ ବୋଲି



ଅନସୂୟା ପଣ୍ଡା

ସଜ ହେଲାଣି ଧରଣୀ ରାଣୀ
ଆସିବେ ବୋଲି ମାଆ
ରଙ୍ଗୋଲୀ ଶେଫାଳି ବସି ଆଙ୍କିଲାଣି
କାଶ ଫୁଲରେ ଚାମର କରେ ବାଆ ।
ହସୁଛି ଆଜି ଧଳା ବଉଦ
ଆକାଶେ ଲେଖି ସ୍ୱାଗତ ଗୀତ
ମଣ୍ଡପ ସବୁ ସଜ ହେଲାଣି
ମାଆ ଆସିବେ ସଭିଙ୍କ ମନ ପ୍ରୀତ ।
ଜାଗଇ ମନେ ଭକତି ଭାବ
ଖେଳେ ମନରେ ମିଠା ଆବେଗ
ସଜାଏ ବୋଉ ଘର ଦୁଆର
ତିଆରି କରେ ନାନା ଜାତିର ଭୋଗ ।
କୁନା ଆଣିଛି ନୂଆ ସାର୍ଟ
ଯିବ ଦେବୀ ମେଢ଼କୁ ଦେଖି
ରୂପା ସୁନାର ସାଜ ସଜାରେ
ଝଲସି ଯିବ ତା' ଆଖି ।
ନୂଆ ଖେଳଣା ଆଣିବ ବୋଲି
ଲାଗିଛି ତା'ର ମନରେ ପରା ଜିଦି
ଫାଷ୍ଟ ଫୁଡ୍ ଖାଇବ ବୋଲି
ତେଲ ମାରୁଛି ଭାଇକୁ ନିଇତି ।
ମାଆ ପାଖରେ ରଖିବ ଅଳି
ଦୁର୍ଦ୍ଦିନ ଦୁର୍ବିପାକ ଯାଉ ସରି
ଶାନ୍ତି ସେନେହର ବରଷା ହେଉ
ଜଗତ ଯାଉ ଖୁସି ଗୀତରେ ଭରି ।

ବୁର୍ଲା, ସମ୍ବଲପୁର
ମୋ- ୯୪୩୯୨୧୧୭୧

## ସୁମନ

## ଭଲ୍ଲୁକ ରଜାର ବିଚାର





ସୁବ୍ରତ ଦାସ

ଜଙ୍ଗଲରେ ଭାଲୁ ରାଜାର ବୟସ ଅଧିକ ହୋଇଯିବ ଲକ୍ଷ୍ୟ କରି ସବୁ ପଶୁପକ୍ଷୀମାନେ ନୂଆ ରାଜା କିଏ ହେବ, ସେହି ଚିନ୍ତାରେ ଥାଆନ୍ତି । କେତେକ ପଶୁ ସିଂହକୁ ରାଜା କରିବା କଥା ପ୍ରସ୍ତାବ ଦେଉଥାନ୍ତି ତ, ଆଉ କେତେକ ପକ୍ଷୀ ଉକ୍ତ ପ୍ରସ୍ତାବରେ ସହମତି ପ୍ରକାଶ କରୁ ନ ଥାନ୍ତି । ଏହିଭଳି ସମସ୍ତେ ନିଜ ନିଜର ପ୍ରସ୍ତାବ ଭାଲୁକୁ ଦେଉ ଥାଆନ୍ତି । ଭଲ୍ଲୁକ ମହାରାଜ ସମସ୍ତଙ୍କ କଥା ଶୁଣୁଥାନ୍ତି । ମହାରାଜ କହିଲେ, ଦେଖ ମୁଁ ବୁଢ଼ା ହୋଇଗଲିଣି । ତେଣୁ ମୋ' ପରେ ରଜା ଯିଏ ହେବ ସେ ଯେମିତି ତୁମ ସମସ୍ତଙ୍କର ସୁଖଦୁଃଖର ସାଥି ହେବା ସହ ତୁମମାନଙ୍କୁ ସବୁ ବିପଦରୁ ରକ୍ଷା କରି ପାରୁଥିବ । ତେଣୁ ଭଲ୍ଲୁକ ମହାରାଜଙ୍କ ନିର୍ଦ୍ଦେଶ କ୍ରମେ ଜଙ୍ଗଲରେ ଗୋଟିଏ ସଭା ଡକାଗଲା । ବିଲୁଆ, ମାଙ୍କଡ଼, କଜଳପାତି, ଠେକୁଆ ସମସ୍ତ ପଶୁପକ୍ଷୀମାନଙ୍କୁ ଗୋଟିଏ ସ୍ଥାନରେ ରୁଣ୍ଡ କରିବା ପାଇଁ ଦାୟିତ୍ୱ ନେଲେ । ସମସ୍ତେ ମିଶି ଜଙ୍ଗଲର ଜୀବଜନ୍ତୁମାନଙ୍କୁ ଖବର ଦେଲେ । କିଛି ସମୟ ପରେ ସଭା ଆରମ୍ଭ ହେଲା । ମାଙ୍କଡ଼ ପ୍ରଥମେ ସମସ୍ତ ପ୍ରାଣୀମାନଙ୍କୁ ସଭାର ଉଦ୍ଦେଶ୍ୟ ବିଷୟରେ ଜଣାଇଦେଲା । ବିଲୁଆ କହିଲା, ଭାଇ ଭଉଣୀମାନେ ଆମ୍ଭେ ଜଙ୍ଗଲରେ ଦୀର୍ଘଦିନ ହେବ ରହି ଆସୁଛନ୍ତି । ଭଲ୍ଲୁକ ମହାରାଜ ଆମ୍ଭର ରାଜା ଥିଲେ, ମାତ୍ର ବୟସ ଅଧିକ ହେତୁ ସେ ଆଉ ଶାସନ ଚଳାଇ ପାରୁନାହାନ୍ତି । ତେଣୁ ଆମ୍ଭମାନଙ୍କୁ ନୂତନ ରାଜା ବାଛିବାକୁ ହେବ । ଆମର ଯିଏ ରାଜା ହେବ ସେଯେମିତି ଆମର ସବୁ ସୁବିଧା ଅସୁବିଧା ବୁଝି ପାରୁଥିବ ଏବଂ ଶତ୍ରୁ ଆକ୍ରମଣରୁ ସୁରକ୍ଷା ଦେଇ ପାରୁଥିବ । ସମସ୍ତେ ମିଳିତ ସ୍ୱରରେ ବିଲୁଆର କଥାକୁ ସମ୍ମତି ଜଣାଇଲେ । ତେଣୁ ରଜା କିଏ ହେବ ବା କାହାକୁ ରାଜା ବାଛିବେ ଜୀବଜନ୍ତୁଙ୍କ ମଧ୍ୟରେ ଭାଳେଣି ପଡ଼ିଲା । ପ୍ରଥମେ ଶୃଗାଳ ସିଂହର ପ୍ରସ୍ତାବ ଦେଇ କହିଲା, ସିଂହ ସବୁଠୁ ବଳବାନ ପ୍ରାଣୀ । ସେ ସବୁ ବିପଦରୁ ଆମ୍ଭକୁ ରକ୍ଷାକରି ପାରିବ । ତାକୁ ସମସ୍ତେ ଭୟ କରନ୍ତି । ତେଣୁ ସିଂହ ଭାଇଙ୍କୁ ରଜା କରାଯାଉ । ପରେ ଗଧିଆ ଥରିଥରି ହସ୍ତୀର ନାମ ପ୍ରସ୍ତାବ ଦେଲା ଏବଂ କହିଲା, ଜଙ୍ଗଲରେ ସବୁଠାରୁ ବୃହତ୍ତର ପ୍ରାଣୀ ହସ୍ତୀ ଅଟେ । ତାର ଗୋଟିଏ ଗର୍ଜନରେ ସାରା ଜଙ୍ଗଲ ଥରହର ହୋଇଯାଏ । ତା' ସାମ୍ନାକୁ କୌଣସି ପ୍ରାଣୀ ସାହସ କରି ଆସିପାରିବେ ନାହିଁ । ତେଣୁ ହସ୍ତୀକୁ ରଜା କରାଯାଉ । ଏହି ପ୍ରସ୍ତାବରେ ବଣି ଚଢ଼େଇ, ହରିଣ ସମେତ ସମସ୍ତ ପକ୍ଷୀ ଜାତି ସମ୍ମତି ପ୍ରଦାନ କଲେ । ଭଲ୍ଲୁକ ମହାରାଜ ସମସ୍ତଙ୍କ କଥା ଶୁଣି ମୁଣ୍ଡ ହଲାଇବା ସହ ଆଉ କେଉଁ ପ୍ରାଣୀମାନଙ୍କର କିଛି କହିବାର ଅଛି ବୋଲି ପ୍ରଶ୍ନ କଲେ । ମାତ୍ର ସମସ୍ତ ପ୍ରାଣୀ ନୀରବ ରହିଲେ । ତାପରେ ଭଲ୍ଲୁକ ମହାରାଜ କହିଲେ, ସବୁ ସ୍ଥଳଚର ପ୍ରାଣୀମାନଙ୍କୁ ଦେଖିବାକୁ ମିଳିଲା ମାତ୍ର ଆମ ଜଙ୍ଗଲ ପାର୍ଶ୍ୱ ନଦୀରେ ବାସ କରୁଥିବା ସରୀସୃପ, ଜଳଚର ପ୍ରାଣୀମାନଙ୍କୁ ଦେଖିବାକୁ ମିଳିଲା ନାହିଁ । ଆମେ ସମସ୍ତେ ନଦୀର ପାଣିକୁ ବ୍ୟବହାର କରୁଛନ୍ତି । ସେମାନେ ମଧ ଆମ ସହ ବସବାସ କରୁଛନ୍ତି, ତାଙ୍କର ମଧ ମତ ଦେବାର ଅଧିକାର ଅଛି । ତାଙ୍କୁ ବି ଏହି ନିଷ୍ପତ୍ତିରେ ସାମିଲ କରିବା କଥା । ଏହି ପ୍ରସଙ୍ଗରେ ଘୋଡ଼ା, ଚଟୁ ଘୋଡ଼ା, ଠେକୁଆ ସମସ୍ତେ ମିଶି କହିଲେ, ଚାଲ, ଆମେ ସମସ୍ତେ ତାଙ୍କ ପାଖକୁ ଯିବା । ତାଙ୍କର ମତାମତ ନେବା । ସମସ୍ତେ ସାଙ୍ଗ ହୋଇ ଭଲ୍ଲୁକ ମହାରାଜଙ୍କୁ ସାଙ୍ଗରେ ନେଇ ନଦୀ ପାଖକୁ ଗଲେ । ନଦୀ କୂଳରେ କେତେକ କୁମ୍ଭୀର ଶୋଇଥିଲେ । ଜଙ୍ଗଲର ସମସ୍ତ ଜୀବଜନ୍ତୁଙ୍କୁ ଏକା ସାଙ୍ଗରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ବିଲୁଆ ତାଙ୍କୁ ବୁଝାଇ ଦେଲା ଏବଂ କହିଲା, ଆମେ ସମସ୍ତ ପ୍ରାଣୀ ତୁମ୍ଭମାନଙ୍କର ମତାମତ ନେବାକୁ ଆସିଛୁ । କିଏ ଜଙ୍ଗଲର ରଜା ହେବ? ସିଂହ, ହାତୀ ଦୁଇ ଜଣ ପ୍ରାର୍ଥୀଙ୍କ ଭିତରୁ କିଏ ରଜା ହେବା ପାଇଁ ପ୍ରକୃତ ଯୋଗ୍ୟ । କୁମ୍ଭୀର କହିଲା, ଆଜ୍ଞା ଆମେ ଅଧିକାଂଶ ସମୟ ଜଳରେ ବାସ କରୁ । ତେଣୁ ଆମକୁ ସୁରକ୍ଷା ଦେବା ପାଇଁ କେବଳ ହାତୀ ହିଁ ଭରସାଯୋଗ୍ୟ । ତେଣୁ ହାତୀ ରଜା ହେବା ଉଚିତ୍ । ଏହି ସମୟରେ ବେଙ୍ଗଟିଏ ପାଣି ଭିତରୁ ଡେଇଁ ପଡି ଉପରକୁ ଆସି ଭଲ୍ଲୁକ ମହାରାଜଙ୍କୁ ମୁଣ୍ଡିଆଟେ ମାରି କହିଲା, ମଣିମା ଆମ୍ଭେ ସମସ୍ତେ କୁମ୍ଭୀର ଭାଇ କଥାରେ ଏକମତ । କାରଣ ଆମ୍ଭେ ବେଙ୍ଗ ଜାତି ଖୁବ୍ ଛୋଟ ଆଉ ଦୁର୍ବଳ ପ୍ରାଣୀ । ଯେଉଁ ପ୍ରାଣୀ ଛୋଟ ଜୀବଜନ୍ତୁ ଓ ଦୁର୍ବଳ ଶ୍ରେଣୀର ଜନ୍ତୁମାନଙ୍କ ପ୍ରତି ଦୟାବାନ୍ ହେବ, ସେ ରଜା ହେବା ପାଇଁ ଯୋଗ୍ୟ । କାରଣ ସିଂହ ନିଜକୁ ଶକ୍ତିଶାଳୀ ଜୀବ ଭାବି ନଦୀକୁ ପାଣି ପିଇବା ସମୟରେ ଆସିଲାବେଳେ ଆମ୍ଭ ବେଙ୍ଗ ଛୁଆ ଉପରେ ଚଢ଼ି ମାରି ଦିଏ । ସେ ସର୍ବଦା ଉପରକୁ ଅନାଇ ଚାଲେ, ତା'ର ନଜର ତଳକୁ କେବେ ପଡେ ନାହିଁ । ମାତ୍ର ହସ୍ତୀ ଏତେ ବଡ଼ ଜୀବ ହେଲେ ବି ଛୋଟ ଜୀବଙ୍କ ପ୍ରତି ଖୁବ୍ ଯତ୍ନଶୀଳ । କେବେ ବି ଆମ ଶାବକଙ୍କ ଉପରେ ପାଦ ପକାଏ ନାହିଁ । ସବୁବେଳେ ତଳକୁ ନଜର ଦେଇ ଚାଲିଥାଏ । ତେଣୁ ସେ ରଜା ହେବା ପାଇଁ ଯୋଗ୍ୟ । ସମସ୍ତ ଜୀବଜନ୍ତୁମାନେ ବେଙ୍ଗର କଥା ଶୁଣି ଚକିତ ହୋଇଗଲେ । ଭଲ୍ଲୁକ ମହାରାଜ ମୁଣ୍ଡ ଟୁଙ୍ଗାରି କହିଲେ, ହଁ ଠିକ୍ କଥା । ଯିଏ ରଜା ହେବ ସେ ସର୍ବଦା ଦୁର୍ବଳ, ଅସହାୟ ଉପରେ ନଜର ରଖି ତାଙ୍କୁ ସାହାଯ୍ୟ, ସହାୟ ହେବା ଉଚିତ୍ । ତେଣୁ ଭଲ୍ଲୁକ ରଜାଙ୍କ ବିଚାରରେ ହସ୍ତୀକୁ ଜଙ୍ଗଲର ନୂଆ ରଜା ରୂପେ ଘୋଷଣା କରାଗଲା । ଏହି ବାର୍ତ୍ତା ଜଙ୍ଗଲ ସାରା ପ୍ରଚାର କରିବା ପାଇଁ ହନୁ ମାଙ୍କଡ଼ ଓ କଜଳପାତୀଙ୍କୁ ଦାୟିତ୍ୱ ଅର୍ପଣ କରାଗଲା । ସମସ୍ତେ ବେଙ୍ଗର ବୁଦ୍ଧିକୁ ପ୍ରଶଂସା କଲେ ।

ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ: ୯୪୩୭୭୩୧୯୦୩

## ପ୍ରହେଳିକା

- ଦଶ ହାତେ ଦଶ ଅସ୍ତ୍ର ସେ ଧରି
  ଧରାକୁ ଆସନ୍ତି ସେ ଅବତରୀ
  କରିଥିଲେ ଯିଏ ଦୁଷ୍ଟ ସଂହାର
  ଶରତରେ ଚାଲେ ପୂଜା ତାଙ୍କର
  ମଣ୍ଡପରେ ବିଜେ କରନ୍ତି ସିଏ
  ନାମଟି ତାଙ୍କର କହିବ କିଏ?

  ଉ-ଦେବୀ ଦୁର୍ଗା

- ପବନ ସାଥିରେ ଖେଳଇ ଦୋଳି
  ନଈପଠାରେ ଘର ସେ କରି
  ଧବଳ ରଙ୍ଗରେ ମୁରୁକି ହସେ
  ଧରଣୀ ସୁନ୍ଦର ତା'ର ପରଶେ
  ପାର୍ବଣ ଋତୁକୁ ସଜାଏ ସିଏ
  ନାମଟି ତାହାର କହିବ କିଏ ?

  ଉ-କାଶତଣ୍ଡି



ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫






ପ୍ରିୟଲ ଶାହ
ପ୍ରଥମ ଶ୍ରେଣୀ
ଗୀତାଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର





ମାନସ ରଞ୍ଜନ ଆଚାର୍ଯ୍ୟ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର





ସ୍ମୃତିରେଖା ବାସ୍କେ
ଚତୁର୍ଥ ଶ୍ରେଣୀ
ସରକାରୀ ପ୍ରାଥମିକ ବିଦ୍ୟାଳୟ
ଖୁଣ୍ଟା, ମୟୂରଭଞ୍ଜ





ମନୀଷା ନାଏକ
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଭୋଳାଗଡିଆ, ମୟୂରଭଞ୍ଜ

ସକାଳ
THE SAKALA
www.sakalaepaper.com

## ଏସିଆ କପ୍: ଭାରତ-ଶ୍ରୀଲଙ୍କା ସୁପର-୪ ମୁକାବିଲା

# ଅଭିଷେକ ଶର୍ମାଙ୍କ ହ୍ୟାଟ୍ରିକ୍ ଅର୍ଦ୍ଧଶତକ

ଦୁବାଇ,୨୬।୯ (ଏଜେନ୍ସି)

ଭାରତୀୟ ଓପନର ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ଅବ୍ୟାହତ ରହିଛି। ଏଠାରେ ଚାଲିଥିବା ଏସିଆ କପ୍ ଟି-୨୦ କ୍ରିକେଟ ପ୍ରତିଯୋଗିତାରେ ଶୁକ୍ରବାର ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ସୁପର-୪ର ଶେଷ ମୁକାବିଲାରେ ଅଭିଷେକ ୨୨ ବଲରେ ଅର୍ଦ୍ଧଶତକ ଏବଂ ୩୧ ବଲ୍‌ରେ ୬୧ ରନ୍ କରିବା ଫଳରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫ ୱିକେଟରେ ୨୦୨ ରନ୍ କରିଛି। ଅନ୍ୟମାନଙ୍କ ମଧ୍ୟରେ ତିଳକ ବର୍ମା ଅପରାଜିତ ୪୯, ସଞ୍ଜୁ ସାମସନ ୩୯ ଓ ଅକ୍ଷର ପଟେଲ ଅପରାଜିତ ୨୧ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ବୋଲରମାନେ ଭଲ ବୋଲିଂ କରିଥିଲେ ମଧ୍ୟ ଭାରତୀୟ ବ୍ୟାଟରଙ୍କୁ ଅଟକାଇବାରେ ଅସମର୍ଥ ହୋଇଥିଲେ। ଅଭିଷେକ ପାକିସ୍ତାନ ବିପକ୍ଷରେ ୭୪ ଓ ବାଂଲାଦେଶ ବିପକ୍ଷରେ ୭୫ ରନ୍ କରିଥିବା ବେଳେ ସୁପର-୪ରେ ହ୍ୟାଟ୍ରିକ୍ ଅର୍ଦ୍ଧଶତକ ହାସଲ କରିଛନ୍ତି। ଜବାବରେ ୨୦୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୧୦ ଓଭର ଖେଳ ଶେଷସୁଦ୍ଧା ଶ୍ରୀଲଙ୍କା ୧ ୱିକେଟ ହରାଇ ୧୧୪ ରନ୍ କରିନେଇଛି। ଏହି ସମୟରେ ପାଥୁମ ନିଶାଙ୍କା -୩୨ ବଲ୍‌ରୁ ୬୧ ଓ କୁଶାଲ ପରେରା ୨୭ ବଲ୍‌ରୁ ୫୨ ରନ୍ କରି ବ୍ୟାଟିଂ କରୁଥିଲେ। ପ୍ରଥମ ଓଭରର ଚତୁର୍ଥ ବଲରେ କୁଶାଲ ମେଣ୍ଡିସ୍ ଗୋଲ୍ଡେନ୍ ଡକ୍‌ରେ ଆଉଟ ହୋଇଥିଲେ। ଶ୍ରୀଲଙ୍କାକୁ ମ୍ୟାଚ୍ ଜିତିବା ଲାଗି ବାକିଥିବା ୬୦ ବଲ୍‌ରେ ଆଉ ୮୯ ରନ୍ ଆବଶ୍ୟକ ହେଉଛି।



### ଟୁର୍ଣ୍ଣାମେଣ୍ଟରେ ପ୍ରଥମଥର ୨୦୦ ରନ୍

ଟସ୍ ହାରି ବ୍ୟାଟିଂ କରିବା ପରେ ଶୁବମନ ଗିଲ (୪) ଦ୍ୱିତୀୟ ଓଭରରେ ଆଉଟ ହୋଇଥିଲେ। ଅଭିଷେକ ଶର୍ମା ଓ ସୂର୍ଯ୍ୟକୁମାର ଯାଦବ ଦ୍ୱିତୀୟ ୱିକେଟରୁ ୩୩ ବଲ୍‌ରେ ୫୯ ରନ୍ ଉଠାଇଥିଲେ। ଗୋଟିଏ ପଟେ ଅଭିଷେକ ଦ୍ରୁତଗତିରେ ରନ୍ ସଂଗ୍ରହ କରୁଥିଲାବେଳେ ଅନ୍ୟ ପଟେ ୱିକେଟ ପଡ଼ିଥିଲା। ୨୨ ବଲ୍‌ରେ ୫୦ ରନ୍ କରି ସେ ଚଳିତ ଟୁର୍ଣ୍ଣାମେଣ୍ଟରେ ହ୍ୟାଟ୍ରିକ୍ ଅର୍ଦ୍ଧଶତକ ହାସଲ କରିବା ପରେ ଦଳୀୟ ସ୍କୋର ୯୨ ରନ୍ ଥିଲାବେଳେ ସେ ଆଉଟ ହୋଇଥିଲେ। ଏହା ମଧ୍ୟରୁ ଅଭିଷେକଙ୍କ ଅବଦାନ ଥିଲା ୬୧ ରନ୍। ଏଥିଲାଗି ସେ ୩୧ଟି ବଲ୍‌ର ସାମ୍ନା କରି ୮ଟି ଚୌକା ଓ ୨ଟି ଛକା ମାରିଥିଲେ। ଅଭିଷେକଙ୍କ ଆଉଟ ପରେ ଚତୁର୍ଥ ୱିକେଟରେ ତିଳକ ବର୍ମା ଓ ସଞ୍ଜୁ ସାମସନ ୪୨ ବଲ୍‌ରୁ ୬୬ ଓ ୬ଷ୍ଠ ୱିକେଟରେ ତିଳକ ଓ ଅକ୍ଷର ପଟେଲ ୨୩ ବଲ୍‌ରୁ ୪୦ ରନ୍ ଉଠାଇବା ଫଳରେ ଭାରତର ସ୍କୋର ପ୍ରଥମଥର ଦୁଇ ଶହ ରନ୍ (୨୦୨/୫) ଅତିକ୍ରମ କରିଥିଲା। ଏସିଆ କପ୍‌ରେ ମଧ୍ୟ ଏହା ଦ୍ୱିତୀୟ ସର୍ବାଧିକ ଦଳଗତ ସ୍କୋର। ତିଳକ ୩୪ ବଲ୍‌ରୁ ୪ ଚୌକା ଓ ୧ ଛକା ସହ ଅପରାଜିତ ୪୯ ଓ ସାମସନ ୨୩ ବଲ୍‌ରୁ ୧ ଚୌକା ଓ ୩ ଛକା ସହ ୩୯ ରନ୍ କରିଥିଲେ। ଅକ୍ଷର ବିଟ୍ ହୋଇଥିଲେ ମଧ୍ୟ ୧୫ ବଲ୍‌ରୁ ୨୧ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ନୁୱାନ ଥୁସାରାଙ୍କୁ ବାଦ୍ ଦେଲେ ଅନ୍ୟ ୫ଜଣ ବୋଲର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ଅଭିଷେକଙ୍କ ସଫଳତା

ଏହି ଟୁର୍ଣ୍ଣାମେଣ୍ଟରେ ଅଭିଷେକ ଶର୍ମା ୟୁଏଇ ବିପକ୍ଷରେ ୩୦, ପାକିସ୍ତାନ ବିପକ୍ଷରେ ୩୧, ଓମାନ ବିପକ୍ଷରେ ୩୮, ସୁପର-୪ରେ ପାକିସ୍ତାନ ବିପକ୍ଷରେ ୭୪ ଓ ବାଂଲାଦେଶ ବିପକ୍ଷରେ ୭୫ ରନ୍ କରି ଏସିଆ କପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ୍ କରିବାରେ ରେକର୍ଡ କରିଛନ୍ତି। ସେ ୬ଟି ମ୍ୟାଚ୍ ଖେଳି ୫୧.୫୦ ହାରରେ ୩ଟି ଅର୍ଦ୍ଧଶତକ ସହ ୩୦୯ ରନ୍ କରିଛନ୍ତି। ଏଥିରେ ତାଙ୍କର ଷ୍ଟ୍ରାଇକ୍ ରେଟ୍ ହେଉଛି ୨୦୪.୬୩।

## ● ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ

# ରୌଫ୍, ସୂର୍ଯ୍ୟକୁମାରଙ୍କୁ ଆର୍ଥିକ ଦଣ୍ଡ







ଦୁବାଇ,୨୬।୯ (ଏଜେନ୍ସି): ଭାରତ ଓ ପାକିସ୍ତାନ ମୁକାବିଲାବେଳେ ଆଇସିସି ଆଚରଣ ସଂହିତା ଉଲ୍ଲଘଂନ କରି ଉଭୟ ଦେଶର ଦୁଇ ଖେଳାଳି ଦଣ୍ଡିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପାକିସ୍ତାନୀ ଫାଷ୍ଟ ବୋଲର ହାରିସ୍ ରୌଫ୍ ଓ ଭାରତୀୟ ଅଧିନାୟକ ଆଇସିସି ମ୍ୟାଚ୍ ରେଫରୀ ରିଚି ରିଚାର୍ଡସନଙ୍କ ଦ୍ୱାରା ଦଣ୍ଡିତ ହୋଇଛନ୍ତି। ଉଭୟ ଖେଳାଳିଙ୍କ ମ୍ୟାଚ୍ ଫି'ର ୩୦ ଶତକଡ଼ା ଦଣ୍ଡ ଆକାରରେ କାଟି ନିଆଯାଇଛି। କିନ୍ତୁ ବନ୍ଧୁକ ମାରିବା ଆକ୍ସନରେ ଅର୍ଦ୍ଧଶତକ ସିଲେବ୍ରେସନ କରିଥିବା ପାକିସ୍ତାନୀ ଓପନର ସାହିବଜାଦା ଫରହାନ୍‌ଙ୍କୁ କେବଳ ଚେତାବନୀ ଦିଆଯାଇ ଛାଡ଼ିଦିଆଯାଇଛି। ସେ ଆଇସିସି ଆଚରଣ ସଂହିତା ଉଲ୍ଲଘଂନ କରି ନ ଥିବା କିମ୍ବା ପ୍ରତିପକ୍ଷ ଖେଳାଳି କିମ୍ବା ସମର୍ଥକଙ୍କୁ ଉସୁକାଇ ନ ଥିବା ରିଚାର୍ଡସନଙ୍କର ହୃଦ୍‌ବୋଧ ହୋଇଥିଲା। ଗୁରୁବାର ଏଠାରେ ରିଚାର୍ଡସନ ଉଭୟ ଦଳ ପକ୍ଷରୁ ଆସିଥିବା ଅଭିଯୋଗର ଶୁଣାଣି କରିଥିଲେ। ଆଜି ସେ ତାଙ୍କର ରାୟ ପ୍ରକାଶ କରିଛନ୍ତି। ସେପ୍ଟେମ୍ବର ୧୪ ତାରିଖରେ ପାକିସ୍ତାନକୁ ଲିଗ୍ ମ୍ୟାଚ୍‌ରେ ହରାଇବା ପରେ ଦେଇଥିବା ପ୍ରତିକ୍ରିୟାରେ ଦଳର ବିଜୟକୁ ଭାରତୀୟ ସେନା ଓ ପହଲଗାମ୍‌ରେ ସନ୍ତ୍ରାସବାଦୀଙ୍କ ଦ୍ୱାରା ମୃତ୍ୟୁବରଣ କରିଥିବା ଭାରତୀୟଙ୍କ ପରିବାର ସଦସ୍ୟଙ୍କୁ ଉତ୍ସର୍ଗ କରିଥିଲେ। ଖେଳରେ ରାଜନୀତି ପୂରାଇଥିବା ସେ ଲେଭଲ-୧ ଅପରାଧ କରିଥିଲେ। ସେହିପରି ସେପ୍ଟେମ୍ବର ୨୧ ତାରିଖ ଭାରତ ବିପକ୍ଷ ସୁପର-୪ ମୁକାବିଲାରେ ପାକିସ୍ତାନର ଫାଷ୍ଟ ବୋଲର ପ୍ରତିପକ୍ଷ ଖେଳାଳିଙ୍କୁ ଉସୁକାଇବା ଓ ଅଶୋଭନୀୟ ଶୈଳୀରେ ସମର୍ଥକଙ୍କ ସହ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିଥିଲେ। ଏହା ଆଇସିସି ଆଚରଣ ସଂହିତାକୁ ଉଲ୍ଲଘଂନ କରୁଥିବାରୁ ଲେଭେଲ-୧ ଅପରାଧ କରିଥିଲେ। ଏହା ଫଳରେ ତାଙ୍କୁ ଚେତାବନୀ ଦିଆଯିବା ସହ ଦଣ୍ଡ ପ୍ରଦାନ କରାଯାଇଛି। ଉଭୟ ଦେଶର କ୍ରିକେଟ ବୋର୍ଡ ପରସ୍ପର ବିରୋଧରେ ଅଭିଯୋଗ କରିଥିଲେ। ଗୁରୁବାର ଏହାର ଶୁଣାଣି କରି ରିଚାର୍ଡସନ ଶୁକ୍ରବାର ଏପରି ନିଷ୍ପତ୍ତି ନେଇଛନ୍ତି।

## ● ଅଷ୍ଟ୍ରେଲିଆର କ୍ରମାଗତ ତୃତୀୟ ପରାଜୟ

# ଭାରତର ଦିନିକିଆ ସିରିଜ୍ ସ୍ୱିପ୍

ବ୍ରିସ୍‌ବେନ୍,୨୬।୯ (ଏଜେନ୍ସି): ବେଦାନ୍ତ ତ୍ରିପାଠୀ (୮୬), ରାହୁଲ କୁମାର (୬୨)ଙ୍କ ଅର୍ଦ୍ଧଶତକ ସହିତ ଖୀଲନ ପଟେଲ (୪/୨୬) ଓ ଉଧବ ମୋହନ (୩/୨୬)ଙ୍କ ସୁନ୍ଦର ବୋଲିଂ ବଳରେ ଇଆନ ହିଲି ଓଭାଲ ଷ୍ଟାଡିୟମ୍‌ରେ ଆଜି ଖେଳାଯାଇଥିବା ୧୯ ବର୍ଷରୁ କମ୍ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭାରତ ୧୬୭ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହା ଫଳରେ ଭାରତ ୩ ମ୍ୟାଚ୍ ଦିନିକିଆ ସିରିଜ୍‌କୁ ୩-୦ରେ ଜିତି ରିଜ୍ ସ୍ୱିପ୍ କରିଛି। ଏହା ପୂର୍ବରୁ ଏଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆକୁ ଭାରତ ୭ ୱିକେଟରେ ଓ ଦ୍ୱିତୀୟ ମ୍ୟାଚ୍‌କୁ ୫୧ ରନ୍‌ରେ ଜିତିଥିଲା। ଦିନିକିଆ ସିରିଜ୍ ପରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବ। ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଏଠାରେ ଓ ଦ୍ୱିତୀୟ ମ୍ୟାଚ୍ ମ୍ୟାକୟରେ ଅକ୍ଟୋବର ୭ରୁ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୨୮୦ ରନ୍ କରିଥିଲା। ଦଳ ପକ୍ଷରୁ ଗୁଜରାଟ ବ୍ୟାଟର ବେଦାନ୍ତ ତ୍ରିପାଠୀ ୯୨ ବଲ୍‌ରୁ ୮ ଚୌକା ସହ ସର୍ବାଧିକ ୮୬ ରନ୍ କରିଥିଲେ। ପଞ୍ଜାବର ରାହୁଲ କୁମାର ୮୪ ବଲ୍‌ରୁ ୬ ଚୌକା ସହ ୬୨ ରନ୍‌ର ଯୋଗଦାନ ଦେଇଥିଲେ। ନଂ-୩ ବିହାନ ମାଲହୋତ୍ରା ୪୦, ହରବଂଶ ପାଙ୍ଗଲିଆ ୨୩ ଓ ଖୀଲନ ପଟେଲ ୨୦ ରନ୍‌ର ଉପଯୋଗୀ ସହାୟତା ଦେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୨୬.୩ ଓଭରରେ ମାତ୍ର ୧୬୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଆଲେକ୍ସ ଟର୍ଣ୍ଣର ୩୨, ଟମ୍ ହୋଗାନ ୨୮ ଓ ଅଧିନାୟକ ୱିଲ ମଲାନଜୁକ୍ ୧୫ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ଭାରତ ପକ୍ଷରୁ ଗୁଜରାଟ ବାମହାତୀ ସ୍ପିନର ଖୀଲନ ପଟେଲ ୨୬ ରନ୍‌ରେ ସର୍ବାଧିକ ୪ଟି ଓ ଦିଲ୍ଲୀର ପେସ୍ ବୋଲର ଉଧବ ମୋହନ ମଧ୍ୟ ୨୬ ରନ୍ ଦେଇ ୩ଟି ୱିକେଟ ପାଇଥିଲେ। ରାଜସ୍ଥାନ ଅଫ୍ ସ୍ପିନର କନିସ୍କ ଚୌହାନଙ୍କୁ ୨ଟି ୱିକେଟ ମିଳିଥିଲା।

## ୨୦୨୬ ଫିଫା ବିଶ୍ୱକପ୍‌ର ମାସ୍କଟ ଉନ୍ମୋଚିତ

କୋରାଲ ଗାବଲ୍ସ, ୨୬।୯ (ଏଜେନ୍ସି): ଆମେରିକା, କାନାଡା ଓ ମେକ୍ସିକୋରେ ଖେଳାଯିବାକୁ ଥିବା ୨୦୨୬ ଫିଫା ବିଶ୍ୱକପ୍ ଲାଗି ଆଜି ମାସ୍କଟ ଉନ୍ମୋଚନ କରାଯାଇଛି। ଏହି ମାସ୍କଟର ନାମ ରଖାଯାଇଛି କ୍ଲଚ୍, ଜାୟୁ ଓ ମାପଲ। ଆମେରିକାକୁ କ୍ଲଚ୍, ମେକ୍ସିକୋକୁ ଜାୟୁ ଓ କାନାଡାକୁ ମାପଲ ପ୍ରତିନିଧିତ୍ୱ କରୁଛି। ଜୁନ୍ ୧୧ରେ ଫିଫା ବିଶ୍ୱକପ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏହି ବିଶ୍ୱକପ୍ ପ୍ରଥମଥର ୩ଟି ଦେଶରେ ଓ ପ୍ରଥମଥର ୪୮ଟି ଦେଶକୁ ନେଇ ଆୟୋଜିତ ହେଉଛି। ଜୁଲାଇ ୧୯ରେ ଶେଷ ହେବାକୁ ଥିବା ଏହି ବିଶ୍ୱକପ୍ ୧୬ଟି ସହରରେ ଖେଳାଯିବ।



## ଶ୍ରଦ୍ଧାଞ୍ଜଳି ଜାତୀୟ ଫୁଟବଲ ଚୟନକର୍ତ୍ତା



ଭୁବନେଶ୍ୱର,୨୬।୯ (ସମିସ): ଓଡ଼ିଶାର କିଂବଦନ୍ତୀ ମହିଳା ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଜାତୀୟ ମହିଳା ଫୁଟବଲର ଚୟନକର୍ତ୍ତା ନିଯୁକ୍ତ ହୋଇଛନ୍ତି। ବରିଷ୍ଠ ଦଳରେ ଏହା ତାଙ୍କର ପ୍ରଥମ ନିଯୁକ୍ତି। ଛତିଶଗଡ଼ଠାରେ ଅକ୍ଟୋବର ୧ରୁ ୧୦ ତାରିଖ ଯାଏ ଜାତୀୟ ବରିଷ୍ଠ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହେବ। ଏଥିରୁ ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଚୟନ କରିବା ଶ୍ରଦ୍ଧାଞ୍ଜଳି ଓ ତାଙ୍କ ଟିମ୍‌ର ଦାୟିତ୍ୱ। ଆସନ୍ତାବର୍ଷ ଏସିଆ କପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ସମ୍ଭାବ୍ୟ ଦଳ ଚୟନ କରାଯିବ ବୋଲି ଜଣାଯାଇଛି। ଭାରତୀୟ ଦଳର ପୂର୍ବତନ ଅଧିନାୟକ ଶ୍ରଦ୍ଧାଞ୍ଜଳି ୨୦୨୪ରେ ଭାରତର ୧୯ ବର୍ଷରୁ କମ୍ ଦଳକୁ ସାଫ୍ କପ୍ ଜିତାଇଥିଲେ। ଏପରି ସମ୍ମାନଜନକ ଦାୟିତ୍ୱ ପାଇଥିବାରୁ ଶ୍ରଦ୍ଧାଞ୍ଜଳି ତାଙ୍କ ନିଯୁକ୍ତିଦାତା ନାଲକୋ, ରାଜ୍ୟ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶାକୁ କୃତଜ୍ଞତା ଜଣାଇଛନ୍ତି।

## ସୁଶ୍ରୀ ଓଡ଼ିଶା କ୍ରିକେଟ୍ ଦଳର ଅଧିନାୟିକା



କଟକ,୨୬।୯(ସମିସ): ଆସନ୍ତା ଅକ୍ଟୋବର ୮ରୁ ବରିଷ୍ଠ ମହିଳା ଜାତୀୟ ଟି-୨୦ ଟ୍ରଫି ଖେଳାଯିବ। ଏଥି ନିମନ୍ତେ ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଦଳ ଘୋଷଣା କରାଯାଇଥିଲା। ୧୬ ଜଣିଆ ଦଳରେ ଅଲରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ନେତୃତ୍ୱ ଦିଆଯାଇଛି। ବିଜୟଲକ୍ଷ୍ମୀ ବେହେରା, ଡି ଜାନକୀ ରେଡ୍ଡୀ, ଜ୍ୟୋତି କୁମାରୀ ପ୍ରସାଦ, ଲକ୍ଷ୍ମୀପ୍ରିୟା ନାଏକ, ମାଧୁରୀ ମେହେଟା, ମୋନାଲିସା ରାଉତ(ୱିକେଟ କିପର), ନିବେଦିତା ଜନ୍ ନାଏକ, ପ୍ରଜ୍ଞା ପରମିତା ମହାନ୍ତି(ୱିକେଟ କିପର), ରାମେଶ୍ୱରୀ ନାଏକ, ରାଣୀ ଟୁଡୁ, ରୀମାଲକ୍ଷ୍ମୀ ଏକ୍କା, ସଙ୍ଗୀତା ଖାଡିଆ(ଉପଅଧିନାୟିକା), ସରିତା ମେହର, ଶୁଭ୍ରନିର୍ଝରିଣୀ ସ୍ୱାଇଁ, ତନ୍ମୟୀ ବେହେରା ଦଳରେ ସ୍ଥାନ ପାଇଛନ୍ତି। ଏଲିଟ୍-ସି ଗ୍ରୁପରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ହାଇଦ୍ରାବାଦ ବିପକ୍ଷରେ ପ୍ରଥମ ଲିଗ୍ ମ୍ୟାଚ୍ ଖେଳିବ। ଗ୍ୱାଲିୟରରେ ଗ୍ରୁପର ସମସ୍ତ ମ୍ୟାଚ୍ ଖେଳାଯିବ। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମହିଳା ଚୟନ କମିଟି ଅଧ୍ୟକ୍ଷା ସସ୍ମିତା ପଟ୍ଟନାୟକ, ମୁଖ୍ୟ କୋଚ୍ ସୁମନ ଶର୍ମା ଉପସ୍ଥିତ ଥିଲେ।

## ରାହୁଲ ୧୭୬*, ସୁଦର୍ଶନ ୧୦୦

# ଭାରତ-ଏ'ର ଐତିହାସିକ ବିଜୟ





ଲକ୍ଷ୍ନୌ, ୨୬।୯ (ଏଜେନ୍ସି): ବରିଷ୍ଠ ଖେଳାଳି ଲୋକେଶ ରାହୁଲଙ୍କ ଅପରାଜିତ ୧୭୬ ଓ ସାଇ ସୁଦର୍ଶନଙ୍କ ୧୦୦ ରନ୍ ସହାୟତାରେ ଏଠାରେ ଶୁକ୍ରବାର ଶେଷ ହୋଇଥିବା ଦ୍ୱିତୀୟ ଅନ୍ତିମ ଟେଷ୍ଟରେ ଅଷ୍ଟ୍ରେଲିଆ-ଏ'କୁ ୫ ୱିକେଟରେ ହରାଇ ଐତିହାସକ ବିଜୟ ହାସଲ କରିଛି। ଏହି ମ୍ୟାଚ୍ ଜିତିବାକୁ ଭାରତ-ଏ' ଆଗରେ ୪୧୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଘରୋଇ ଦଳ ରାହୁଲ ଓ ସୁଦର୍ଶନଙ୍କ ଶତକ, ଅଧିନାୟକ ଧ୍ରୁବ ଜୁରେଲଙ୍କ ୫୬ ରନ୍ ସହାୟତାରେ ଦଳ ୫ ୱିକେଟ ହରାଇ 'ଏ' ଟେଷ୍ଟ କ୍ରିକେଟ ଇତିହାସରେ ସର୍ବାଧିକ ରନ୍ ସଂଗ୍ରହ କରି ଇତିହାସ ସୃଷ୍ଟି କରିଥିଲା। ଏହା ଫଳରେ ଦଳ ୨୦୨୨ ହାବନଟୋଟାରେ ଶ୍ରୀଲଙ୍କା-ଏ' ବିପକ୍ଷରେ ୩୬୭ ରନ୍ କରି ମ୍ୟାଚ୍ ଜିତିଥିବା ଅଷ୍ଟ୍ରେଲିଆ-ଏ'ର ରେକର୍ଡକୁ ଅତିକ୍ରମ କରିଥିଲେ। ଭାରତ ମଧ୍ୟ ନିଜ ରେକର୍ଡରେ ଉନ୍ନତି ଆଣିଛି। ୨୦୦୩ରେ ନର୍ଟିଂହାମସାୟର ବିପକ୍ଷରେ ଭାରତ-ଏ' ୩୪୦ ରନ୍ କରି ବିଜୟୀ ହୋଇଥିଲାବେଳେ ଏଠାରେ ମଧ୍ୟ ଏହି ରେକର୍ଡ ଅତିକ୍ରମ ହୋଇଯାଇଛି। ଏହି ବିଜୟ ଫଳରେ ଭାରତ-ଏ' ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୧-୦ରେ ଜିତିନେଇଛି। ଏଠାରେ ପୂର୍ବରୁ ଖେଳାଯାଇଥିବା ପ୍ରଥମ ଟେଷ୍ଟ ହାରଜିତ ବିନା ଫଇସଲାରେ ଶେଷ ହୋଇଥିଲା।

ଭାରତ-ଏ' ପକ୍ଷରୁ ଖେଳୁଥିବା ରାହୁଲ ତାଙ୍କ ପାରମ୍ପରିକ ଟ୍ରେଡମାର୍କ ସଟ୍ ସହାୟତାରେ ୨୧୦ ବଲ ଖେଳରି ୧୬ ଚୌକା ଓ ୪ ଛକା ସହାୟତାରେ ଅପରାଜିତ ୧୭୬ ରନ୍ ଦଳକୁ ଜିତାଇଥିଲେ। ଏହି ପ୍ରଦର୍ଶନ ଲାଗି ତାଙ୍କୁ ମଧ୍ୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଓ ୨ଟି ଟେଷ୍ଟର ୪ଟି ଯାକ ଇନିଂସରେ ସଫଳ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ-ଏ'ର ଜୋଶ ଫିଲିପ୍ସଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଭାରତ-ଏ' ଦ୍ୱିତୀୟ ଇନିଂସରେ ସାଇ ସୁଦର୍ଶନ ୧୭୨ ବଲ୍‌ରୁ ୧୦୦ ଓ ଅଧିନାୟକ ଧ୍ରୁବ ଜୁରେଲ ୬୬ ବଲ୍‌ରୁ ୫୬ ରନ୍ ସଂଗ୍ରହ କରି ଉପଯୁକ୍ତ ସହାୟତା ଯୋଗାଇଥିଲେ। ଶେଷରେ ନୀତୀଶ କୁମାର ରେଡ୍ଡୀ ଅପରାଜିତ ୧୬ କରି ରାହୁଲଙ୍କ ସହ ଦଳକୁ ମ୍ୟାଚ୍ ଜିତାଇଥିଲେ।

ଏହି ଟେଷ୍ଟର ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ-ଏ'ର ୪୨୦ ରନ୍ ଜବାବରେ ଭାରତ-ଏ' ମାତ୍ର ୧୯୪ ରନ୍‌ରେ ଅଲଆଉଟ ହୋଇଥିଲା। କିନ୍ତୁ ଦ୍ୱିତୀୟ ଇନିଂସରେ ଭାରତ-ଏ'ର ବୋଲରମାନେ ଘାତକ ପ୍ରଦର୍ଶନ କରିବା ଫଳରେ ଭ୍ରମଣକାରୀ ଦଳ ଦ୍ୱିତୀୟ ଇନିଂସରେ ମାତ୍ର ୧୮୫ ରନ୍ କରିଥିଲା। ଫଳରେ ପ୍ରଥମ ଇନିଂସରେ ୨୨୬ ରନ୍‌ର ଅଗ୍ରଣୀକୁ ମିଶାଇ ଅଷ୍ଟ୍ରେଲିଆ-ଏ' ଘରୋଇ ଦଳ ଆଗରେ ୪୧୨ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ଭାରତ ମାତ୍ର ୫ ୱିକେଟ ହରାଇ ହାସଲ କରିବା ସହ ଇତିହାସ ସୃଷ୍ଟି କରିଛି। ଟେଷ୍ଟ ସିରିଜ୍ ପରେ ଦୁଇ ଦେଶ ମଧ୍ୟରେ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୫ ମଧ୍ୟରେ କାନପୁରର ଗ୍ରୀନ୍‌ପାର୍କ ଷ୍ଟାଡିୟମ୍‌ରେ ୪ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ।

## ଆଇଏସଏସ୍ ଜୁନିଅର ୱାର୍ଲ୍ଡକପ୍



# ଜୋନାଥନଙ୍କୁ ସ୍ୱର୍ଣ୍ଣ, ରଶ୍ମିକାଙ୍କୁ ରୌପ୍ୟ

ନୂଆଦିଲ୍ଲୀ, ୨୬।୯ (ଏଜେନ୍ସି): ଭାରତର ଜୋନାଥନ ଆଣ୍ଟୋନି ତାଙ୍କ ଇଟାଲୀୟ ପ୍ରତିଦ୍ୱନ୍ଦ୍ୱୀ ଲୁକା ଆରିଘିଙ୍କୁ ୮.୫ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଏଠାରେ ଚାଲିଥିବା ଆଇଏସ୍‌ଏସ୍ ଜୁନିଅର ୱାର୍ଲ୍ଡ କପ୍ ସୁଟିଂରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଡଃ କାର୍ଣ୍ଣି ସିଂହ ରେଞ୍ଜରେ ଆଜି ଅନୁଷ୍ଠିତ ପୁରୁଷ ଏୟାର ପିସ୍ତଲ ଇଭେଣ୍ଟରେ କର୍ଣ୍ଣାଟକର ଜୋନାଥନ ବିଜେତା ହୋଇଛନ୍ତି। ଖେଳରତ୍ନ ପୁରସ୍କାର ବିଜେତା ଜିତୁ ରାୟଙ୍କ ତତ୍ତ୍ୱାବଧାନରେ ଜୋନାଥନ ପ୍ରଶିକ୍ଷଣ ନେଉଛନ୍ତି। ମହିଳା ଏୟାର ପିସ୍ତଲରେ ନିରପେକ୍ଷ ଦେଶ ଭାବେ ଭାଗନେଇଥିବା ରୁଷର ଇଭେଲିନା ସିନା ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହି ଇଭେଣ୍ଟରେ ଦ୍ୱିତୀୟ ସ୍ଥାନରେ ରହି ଭାରତର ରଶ୍ମିକା ସେହଗଲ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଦ୍ୱିତୀୟ ଦିନ ସୁଦ୍ଧା ଭାରତ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ଟି କାଂସ୍ୟ ସହ ପଦକ ତାଲିକାର ଶୀର୍ଷସ୍ଥାନ ଅଧିକାର କରିଛି।


## ତାରାକାନ୍ତ ପରିଡ଼ାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୬।୯ (ସମିସ): ଇଣ୍ଡିଆନ ମାଉଣ୍ଟେନିୟରିଂ ଫେଡେରେସନ (ଆଇଏମ୍‌ଏଫ୍) ପକ୍ଷରୁ ନେଦରଲାଣ୍ଡ ଟିମ୍‌ର ଲିଆସନିଂ ଅଫିସର ଭାବେ କାମ କରି ସଫଳତା ପାଇଥିବା ଓଡ଼ିଶାର ତାରାକାନ୍ତ ପରିଡ଼ାଙ୍କୁ ଆସା (ଅସୋସିଏସନ ଅଫ୍ ଆଡଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟି) ପକ୍ଷରୁ ସମ୍ମାନିତ କରାଯାଇଛି। ଜୁଡୋ ହଲ ପରିସରରେ ଶୁକ୍ରବାର ଆୟୋଜିତ ବନ୍ଧୁମିଳନରେ ତାରାକାନ୍ତଙ୍କୁ ଆସା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଠାରେ ଅନୁଷ୍ଠିତ ଏକ ଅନୌପଚାରିକ ବୈଠକରେ ଆସାର ଉପଦେଷ୍ଟା ତଥା ଅବସରପ୍ରାପ୍ତ ବରିଷ୍ଠ କ୍ରୀଡ଼ା ଅଧିକାରୀ ଅଶୋକ ମହାନ୍ତି ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ପ୍ରଥମ ଏଭରେଷ୍ଟ ଆରୋହଣକାରୀ ତଥା ଆସାର ସମ୍ପାଦକ ଗଣେଶ ଜେନା, ହରେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆସା ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା।

## ୫ଟି ମ୍ୟାଚ୍‌ରେ ଓଭର କଟିଲା, ସେମିଫାଇନାଲ ସହ ୪ ମ୍ୟାଚ୍ ବାତିଲ

# ଓଡ଼ିଶା ପ୍ରୋ ଟି-୨୦ରେ ବର୍ଷା ପ୍ରତିବନ୍ଧକ

କଟକ,୨୬।୯ (ସମିସ)



ବାରବାଟୀ ଷ୍ଟାଡିୟମରେ ଖେଳାଯାଉଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ ବର୍ଷା ବାଧକ ସାଜୁଛି। ଶୁକ୍ରବାର ସନ୍ଧ୍ୟାରେ ଏଠାରେ ହେବାକୁ ଥିବା କଟକ ପାନ୍ଥର୍ସ ଏବଂ ସମ୍ବଲପୁର ୱାରିୟର୍ସ ବିପକ୍ଷ ଫାଇନାଲ ମୁକାବିଲା ମଧ୍ୟ ବର୍ଷା ଯୋଗୁଁ ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇପାରିନାହିଁ। ଦିନ ତମାମ୍ ଲଗାଣବର୍ଷା ଯୋଗୁଁ ବାରବାଟୀର ଆଉଟଫିଲ୍ଡ ସନ୍ତସନ୍ତିଆ ରହିଛି। ପଡ଼ିଆ ଖେଳ ଉପଯୋଗୀ କରାଇବା ନିମନ୍ତେ ଉଦ୍ୟମ ଚାଲିଥିବା ବେଳେ ଖବର ଲେଖାଯିବା ସୁଦ୍ଧା ରାତି ୯ଟାରେ ଟସ୍ ପଡ଼ିବ ବୋଲି ସୂଚନା ମିଳିଛି।





ସେପ୍ଟେମ୍ବର ମାସରେ ଅଦିନିଆ ବର୍ଷା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ସଫଳ ଆୟୋଜନ ଉପରେ ଅଙ୍କୁଶ ଲଗାଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ ଏବଂ ଆରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ପ୍ରଥମଥର ଏଭଳି ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି। ତେବେ ଲିଗ୍ ପର୍ଯ୍ୟାୟରେ ଏକାଧିକ ମ୍ୟାଚ୍ ସମ୍ପୂର୍ଣ୍ଣ ବାତିଲ ହୋଇଥିବା ବେଳେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ମଧ୍ୟ ବର୍ଷା ଯୋଗୁଁ ଧୋଇ ହୋଇ ଯାଇଥିଲା। ଯଦ୍ୱାରା ପଏଣ୍ଟ ଆଧାରରେ ସମ୍ବଲପୁର ୱାରିୟର୍ସ ଫାଇନାଲରେ ପ୍ରବେଶ କରିଥିଲା ଏବଂ ଭୁବନେଶ୍ୱର ଟାଇଗର୍ସକୁ ନିରାଶ ହେବାକୁ ପଡ଼ିଥିଲା। ଏଥି ପୂର୍ବରୁ ଲିଗ୍ ପର୍ଯ୍ୟାୟରେ ରାଉରକେଲା ଷ୍ଟିଲର୍ସ-କଟକ ପାନ୍ଥର୍ସ, ସମ୍ବଲପୁର ୱାରିୟର୍ସ-ଭୁବନେଶ୍ୱର ଟାଇଗର୍ସ, ଭୁବନେଶ୍ୱର ଟାଇଗର୍ସ-ପୁରୀ ଟାଇଟନ୍ସ ମ୍ୟାଚ୍ ସମ୍ପୂର୍ଣ୍ଣ ବାତିଲ ହୋଇଥିଲା। ୨ଟି ମ୍ୟାଚ୍ ବାତିଲ ଯୋଗୁଁ ଟାଇଗର୍ସ ଲିଗ୍ ପର୍ଯ୍ୟାୟରେ ଅଧା ପଏଣ୍ଟ ପାଇଥିଲା। ସେମିଫାଇନାଲ ମୁକାବିଲାରେ ଏହାର ପ୍ରଭାବ ପଡ଼ିଥିଲା। ଏତଦ୍ ବ୍ୟତୀତ ୫ଟି ମ୍ୟାଚ୍ ବର୍ଷା ଯୋଗୁଁ କମ୍ ଓଭର ବିଶିଷ୍ଟ ଖେଳାଯାଇଛି। ଅନ୍ୟ କିଛି ମ୍ୟାଚ୍‌ର ଫଳାଫଳ ଡିଏଲଏସ୍ ପଦ୍ଧତିରେ ମଧ୍ୟ ନିର୍ଦ୍ଧାରଣ କରାଯାଇଛି। ଫାଇନାଲ ମୁକାବିଲା ବିଳମ୍ବରେ ଆରମ୍ଭ ହେଲେ ସୁଦ୍ଧା ୨୦ଓଭର ବିଶିଷ୍ଟ ଖେଳାଯିବ ବୋଲି ସୂଚନା ମିଳିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS